CMYK

* Vol.- 46, Issue No. 15
* Wednesday, 15 April 2026
* ବୁଧବାର, ୧୫ ଏପ୍ରିଲ ୨୦୨୬
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### ଟ୍ରମ୍ପ-ମୋଦିଙ୍କ କଥାବାର୍ତ୍ତା ଚାଲିଲା ୪୦ ମିନିଟ

## ହର୍ମୁଜ୍ ଖୋଲା ଓ ସୁରକ୍ଷିତ ରଖାଯାଉ: ମୋଦି



■ ଅନେକ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା
■ ବୈଦେଶିକ ସଚିବ ରୁବିଓ ଭାରତ ଆସିବେ ଆସନ୍ତା ମାସରେ

ନୂଆଦିଲ୍ଲୀ,୧୪।୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ପ୍ରାୟ ୪୦ ମିନିଟ ଫୋନ ଯୋଗେ ପରସ୍ପର କଥାବାର୍ତ୍ତା କରିଥିଲେ। ଆମେରିକା-ଇରାନ ଯୁଦ୍ଧବିରତି ଏବଂ ଇସଲାମାବାଦରେ ବିଫଳ ଆଲୋଚନା ପରେ ଏହା ପ୍ରଥମ ଆଲୋଚନା ଥିଲା। ସୂଚନାଯୋଗ୍ୟ ଯେ ଇସଲାମାବାଦରେ ପ୍ରାୟ ୨୧ ଘଣ୍ଟା ଆଲୋଚନା ପରେ କୌଣସି ଚୁକ୍ତି ବିନା ବୈଠକ ଶେଷ ହୋଇଥିଲା। କଲ୍ ବିଷୟରେ ବିବରଣୀ ସହଭାଗିତା କରି ପ୍ରଧାନମନ୍ତ୍ରୀ ମୋଦି ମଧ୍ୟପ୍ରାଚ୍ୟରେ ଘଟୁଥିବା ଘଟଣା ଉପରେ ନଜର ରଖିବାକୁ ନିଷ୍ପତ୍ତି ନେଇଥିଲେ। ଉଚ୍ଚସ୍ତରୀୟ ଆଲୋଚନା ମଧ୍ୟରେ, ଭାରତରେ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ କହିଛନ୍ତି ଯେ ଭାରତ-ଆମେରିକା ସମ୍ପର୍କ ଏକ ଦୃଢ଼ ସ୍ଥିତିରେ ଅଛି। ସେ ଏହା ମଧ୍ୟ ସୂଚିତ କରିଥିଲେ ଯେ ଅର୍ଥନୈତିକ ସମ୍ପର୍କ ଆହୁରି ଗଭୀର ହୋଇପାରେ। ସେ କହିଛନ୍ତି, 'ଆଗାମୀ କିଛିଦିନ ମଧ୍ୟରେ ଭାରତ ଏବଂ ଆମେରିକା ମଧ୍ୟରେ ଶକ୍ତି ସମେତ କିଛି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ଆଶା କରାଯାଉଛି।' ଟ୍ରମ୍ପ ପ୍ରଧାନମନ୍ତ୍ରୀଙ୍କୁ କହିବା ସହିତ କଲ୍ ଶେଷ ହୋଇଥିଲା। 'ମୁଁ କେବଳ ଆପଣଙ୍କୁ ଜଣାଇବାକୁ ଚାହୁଁଛି ଯେ ଆମେ ସମସ୍ତେ ଆପଣଙ୍କୁ ଭଲ ପାଉଛୁ' ଆମେରିକାର ରାଷ୍ଟ୍ରଦୂତ ଏପରି କହିଛନ୍ତି। 'ମୋର ବନ୍ଧୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ଏକ ଫୋନ୍ ପାଇଲି। ଆମେ ବିଭିନ୍ନ କ୍ଷେତ୍ରରେ ଆମର ଦ୍ୱିପାକ୍ଷିକ ସହଯୋଗରେ ହାସଲ ହୋଇଥିବା ଯଥେଷ୍ଟ ଅଗ୍ରଗତି ସମୀକ୍ଷା କଲୁ। ଆମେ ସମସ୍ତ କ୍ଷେତ୍ରରେ ଆମର ବ୍ୟାପକ ବିଶ୍ୱ ରଣନୈତିକ ସହଭାଗିତାକୁ ଆହୁରି ମଜଭୁତ କରିବା ପାଇଁ ପ୍ରତିବଦ୍ଧ,' ଫୋନ୍ କଲ୍ ପରେ ପ୍ରଧାନମନ୍ତ୍ରୀ ମୋଦି ଏକ୍ସ ରେ ଏପରି ପୋଷ୍ଟ କରିଛନ୍ତି। 'ଆମେ ପଶ୍ଚିମ ଏସିଆର ପରିସ୍ଥିତି ବିଷୟରେ ମଧ୍ୟ ଆଲୋଚନା କଲୁ ଏବଂ ହର୍ମୁଜ୍ ପ୍ରଣାଳୀକୁ ଖୋଲା ଏବଂ ସୁରକ୍ଷିତ ରଖିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କଲୁ,' ପ୍ରଧାନମନ୍ତ୍ରୀ ମୋଦି ଏପରି ଲେଖିଛନ୍ତି। ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର କହିଛନ୍ତି ଯେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଆସନ୍ତା ମାସରେ ଭାରତ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି।ସେ କହିଛନ୍ତି ,ରାଷ୍ଟ୍ରପତି ଟ୍ରମ୍ପ ନିୟମିତ ଭାବରେ ପ୍ରଧାନମନ୍ତ୍ରୀଙ୍କୁ ଅପଡେଟ ପ୍ରଦାନ କରନ୍ତି।ଶାନ୍ତି ପ୍ରକ୍ରିୟାରେ ଭାରତର ଭୂମିକା ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ, ସର୍ଗିଓ ଗୋର କହିଛନ୍ତି, ମୁଁ ବିଶ୍ୱାସ କରେ ଯେ ଏହା ସମଗ୍ର ବିଶ୍ୱ ଶାନ୍ତି ପ୍ରକ୍ରିୟାରେ ଭୂମିକା ଗ୍ରହଣ କରିପାରିବ।

### ପୁଣି ହୋଇପାରେ ଆମେରିକା-ଇରାନ ଆଲୋଚନା

## କୌଣସି ନିଷ୍ପତ୍ତି ଏଯାବତ୍ ହୋଇନାହିଁ: ଇରାନ



ନୂଆଦିଲ୍ଲୀ,୧୪।୪: ବହୁଚର୍ଚ୍ଚିତ ହର୍ମୁଜ ଉପରେ ଆମେରିକାର ଅବରୋଧର ପ୍ରଥମ ଦିନରେ ପାରସ୍ୟ ଉପସାଗର ଏବଂ ଓମାନ ଉପସାଗରରେ ଇରାନ ବନ୍ଦରଗୁଡ଼ିକୁ କମ୍ ଜାହାଜ ଚଳାଚଳ କରିଛି । ଜାହାଜ-ଟ୍ରାକିଂ ତଥ୍ୟରୁ ଏହି ସୂଚନା ମିଳିଛି। ଆମେରିକାର ଅଧିକାରୀମାନେ ଆସନ୍ତା ସପ୍ତାହରେ ଯୁଦ୍ଧବିରତି ଶେଷ ହେବା ପୂର୍ବରୁ ଇରାନ ଅଧିକାରୀଙ୍କ ସହ ସମ୍ଭାବ୍ୟ ଦ୍ୱିତୀୟ ବ୍ୟକ୍ତିଗତ ବୈଠକ ପାଇଁ ସମ୍ଭାବ୍ୟ ତାରିଖ ଏବଂ ସ୍ଥାନ ଖୋଜୁଛନ୍ତି। ସିଏନଏନ ସମ୍ବାଦ ସରବରାହ ସଂସ୍ଥାକୁ ଏକ ସୂତ୍ରରୁ ଏହି ଖବର ମିଳିଛି। ଅପରପକ୍ଷେ ଇରାନର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ ଆଉ ଏକ ପର୍ଯ୍ୟାୟ ଆଲୋଚନା ଉପରେ କୌଣସି ନିଷ୍ପତ୍ତି ଏଯାବତ୍ ହୋଇନାହିଁ। ଆମେରିକା ଇରାନର ପ୍ରମୁଖ ପରମାଣୁ ସମୃଦ୍ଧି ସୁବିଧାଗୁଡ଼ିକୁ ନଷ୍ଟ କରିବା ସହ ହର୍ମୁଜ୍ ପ୍ରଣାଳୀକୁ ତୁରନ୍ତ ପୁନଃ ଖୋଲିବା ଚାହୁଁଛି।

## ଲୋକସଭା ଆସନ ସଂଖ୍ୟା ୮୫୦କୁ ହେବ ବୃଦ୍ଧି !

ନୂଆଦିଲ୍ଲୀ,୧୪।୪: କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ସରକାର ମଙ୍ଗଳବାର ସମ୍ବିଧାନ ସଂଶୋଧନ ଏବଂ ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍ ମାଧ୍ୟମରେ ଲୋକସଭା ଆସନ ସଂଖ୍ୟାକୁ ବିଦ୍ୟମାନ ୫୪୩ରୁ ୮୫୦କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି।ଡିଏମକେର ବିରୋଧ ମଧ୍ୟରେ, ସଂଶୋଧନ ବିଲ୍ ୧୬ ଏପ୍ରିଲରୁ ୧୮ ଏପ୍ରିଲ ପର୍ଯ୍ୟନ୍ତ ସଂସଦରେ ଆଗତ କରାଯିବ । ଏହା ସଂସଦର ନିମ୍ନ ସଦନ- ଲୋକସଭାରେ ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି । ଶାସକ ଦଳ ଦ୍ୱାରା ଡକାଯାଇଥିବା ସଂସଦର ତିନିଦିନିଆ ବର୍ଦ୍ଧିତ ବଜେଟ୍ ଅଧିବେଶନ ଏପ୍ରିଲ ୧୬ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି ।

## ଆଜିଠୁ ବିହାରରେ 'ସମ୍ରାଟ ଯୁଗ'

### ସରିଲା 'ନୀତୀଶ ଯୁଗ'



ପାଟନା(ବିହାର),୧୪।୪: ସରଗରମ ବିହାର ରାଜନୀତି। ରାଜ୍ୟରେ ୧୦ ଥର ମୁଖ୍ୟମନ୍ତ୍ରୀ ଥିବା ନୀତିଶ କୁମାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହାରି ମଧ୍ୟରେ ସମ୍ରାଟ ଚୌଧୁରୀ ବିହାରର ନୂତନ ମୁଖ୍ୟମନ୍ତ୍ରୀ ହେବା ନେଇ ଚୂଡ଼ାନ୍ତ ହୋଇଛି। ସେହିପରି ନୀତିଶ କୁମାରଙ୍କ ପୁଅ ନିଶାନ୍ତ କୁମାର ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି। ଆସନ୍ତାକାଲି ଅର୍ଥାତ୍ ଏପ୍ରିଲ ୧୫ ତାରିଖ, ପୂର୍ବାହ୍ନ ୧୧ଟାରେ, ଲୋକଭବନରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ଯେଉଁଠାରେ ମୁଖ୍ୟମନ୍ତ୍ରୀ ଏବଂ ଦୁଇ ଜଣ ଉପମୁଖ୍ୟମନ୍ତ୍ରୀ ଶପଥ ନେବେ। ନିଶାନ୍ତ କୁମାର ଏବଂ ବିଜୟ ଚୌଧୁରୀଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବରେ ନାମିତ କରାଯିବା ପ୍ରାୟ ନିଶ୍ଚିତ ହୋଇଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି। ସମ୍ରାଟ ଚୌଧୁରୀ ବିଜେପି ବିଧାୟକ ଦଳ ନେତା ନିର୍ବାଚିତ ହେବା ସହ ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଏଥିସହ ପ୍ରାୟ ଦୁଇ ଦଶନ୍ଧି ଧରି ଚାଲିଥିବା ଜେଡିୟୁ ନେତୃତ୍ୱାଧୀନ ନୀତୀଶ ସରକାରର ଅନ୍ତ ହୋଇଛି। ସମ୍ରାଟ ଚୌଧୁରୀ ବିଜେପି ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ ବିହାର ବିଧାନସଭାର କେନ୍ଦ୍ରୀୟ ହଲରେ ଏନଡିଏ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି ।

### ବିଷାକ୍ତ ଖାଦ୍ୟ ନେଲା ଜୀବନ !

## ଛାତ୍ରୀଙ୍କ ମୃତ୍ୟୁ: ପ୍ରଧାନ ଶିକ୍ଷକ ନିଲମ୍ବିତ



● ୩ ଲକ୍ଷ ଟଙ୍କା ସହାୟତା ଘୋଷଣା
● ମୋରଡା-ନଳଗଜାରାସ୍ତାରେ ଲୋକଙ୍କ ପ୍ରତିବାଦ

ରାଇରଙ୍ଗପୁର ,୧୪।୪ (ନିପ୍ର): ଆଶ୍ରମ ସ୍କୁଲ ଖାଦ୍ୟ ଖାଇ ଶତାଧିକ ଅନ୍ତେବାସୀ ଡାଇରିଆରେ ଅସୁସ୍ଥ ହେବା ଘଟଣାରେ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ରୁପାଲି ବେଶ୍ରା ନାମକ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସେ ଚିକିତ୍ସିତ ହେଉଥିଲେ।ଏହି ଘଟଣା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି । ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ କାକବନ୍ଧ ଆଶ୍ରମ ବିଦ୍ୟାଳୟର ଛାତ୍ରୀ ମୃତ୍ୟୁବରଣ କରିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏହା ସହିତ ମୃତ ଛାତ୍ରୀଙ୍କ ନିକଟ ସମ୍ପର୍କୀୟ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି ମୋହନ ସରକାର । ଗତ ରବିବାର, ରାସଗୋବିନ୍ଦପୁର ବ୍ଲକ ସ୍ଥିତ ଏହି ବିଦ୍ୟାଳୟରେ ସକାଳ ଜଳଖିଆ ଖାଇବା ପରେ ପ୍ରାୟ ୬୫ରୁ ଅଧିକ ଛାତ୍ରଛାତ୍ରୀ ଗୁରୁତର ହୋଇପଡ଼ିଥିଲେ । ପ୍ରାୟ ୨୦୦ ଜଣ ସକାଳ ସମୟରେ ପଖାଳ ଏବଂ ଆଳୁ ଭର୍ତ୍ତା ଖାଇଥିଲେ। ଅନ୍ୟପଟେ ଗୁରୁତର ଛାତ୍ରଛାତ୍ରୀଙ୍କୁ ମେଡିକାଲରେରେ ଭେଟି ଚିକିତ୍ସା ସମ୍ପର୍କରେ ପଚାରି ବୁଝିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା । ପିଲାମାନଙ୍କର ଉତ୍ତମ ଚିକିତ୍ସା ପାଇଁ ସିଡିଏମ୍ଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ଗଠନ କରାଯାଇଛି । ସୂଚନାଯୋଗ୍ୟ ଯେ ଛାତ୍ରୀ ମୃତ୍ୟୁ ନେଇ ଏଠାରେ ଉତ୍ତେଜନା ପ୍ରକାଶ ପାଇଛି। ଦୀର୍ଘ ୧୧ ଘଣ୍ଟା ଧରି ଉତ୍ତେଜନା ଜାରି ରହିଥିଲା। ଘଟଣା ନେଇ ମୋରଡା -ନଳଗଜା ରାସ୍ତାରେ ଲୋକେ ପ୍ରତିବାଦ କରିଥିଲେ । ପ୍ରତିବାଦକାରୀ ଓ ପୋଲିସ ମଧ୍ୟରେ ଠେଲାପେଲା ହୋଇଥିଲା।

## ଏପ୍ରିଲରେ ହେବନାହିଁ ପଞ୍ଚାୟତ ଆସନ ସଂରକ୍ଷଣ

ଭୁବନେଶ୍ୱର,୧୪।୪: ଆଗକୁ ହେବାକୁ ଥିବା ରାଜ୍ୟର ପଞ୍ଚାୟତ ରାଜନୀତିରେ ନୂଆ ମୋଡ଼ ଦେଖିବାକୁ ମିଳିଛି। ଏପ୍ରିଲ ମାସରେ ହେବନାହିଁ ପଞ୍ଚାୟତ ନିର୍ବାଚନ ଆସନ ସଂରକ୍ଷଣ । ବର୍ତ୍ତମାନ ପାଇଁ ଆସନ ସଂରକ୍ଷଣ ପ୍ରକିୟାକୁ ସ୍ଥଗିତ ରଖିଛନ୍ତି ରାଜ୍ୟ ସରକାର । ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନୂଆ ନିର୍ଦ୍ଦେଶ ଜାରି ହୋଇଛି। ଏନେଇ ଜିଲ୍ଲା ପ୍ରଶାସନକୁ ମଧ୍ୟ ଅବଗତ କରାଯାଇଛି। ୱାର୍ଡ ମେମ୍ବର, ସରପଞ୍ଚ ଓ ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ସଦସ୍ୟ, ଜିଲାପରିଷଦ ଅଧକ୍ଷ ପାଇଁ ସଂରକ୍ଷଣ ସ୍ଥିର କରିବାକୁ ପୂର୍ବରୁ ନିର୍ଦ୍ଦେଶ ଥିଲା । ଏନେଇ ଗତ ୬ ତାରିଖରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କୁ ଚିଠି କରାଯାଇ ଥିଲା । ଏପ୍ରିଲ ୨୦୨୬ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଚୂଡ଼ାନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଥିଲା । ସରକାରଙ୍କ ଏହି ନିର୍ଦ୍ଦେଶ ପରେ ଏବେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି ।

## ମଇ ୧ରୁ ୩୦ ସୁଭଦ୍ରା ଆବେଦନ

ଭୁବନେଶ୍ୱର,୧୪।୪(ନିପ୍ର) ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଆସନ୍ତା ମଇ ୧ରୁ ୩୦ ତାରିଖ ମଧ୍ୟରେ ନୂଆ ହିତାଧିକାରୀ ଆବେଦନ କରିପାରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଆବେଦନକାରୀଙ୍କ ସଂଖ୍ୟା ବହୁତ କମ୍ ଅଛି, କିନ୍ତୁ ସମୟ ପର୍ଯ୍ୟାପ୍ତ ଅଛି। ୨୧ ବର୍ଷ ବୟସରେ ପହଞ୍ଚିଥିବା ଯୁବତୀ ଆବେଦନ କରିପାରିବେ। ଯଦି କେଉଁଠି ଟେକ୍ନିକାଲ ଅସୁବିଧା ସାମ୍ନାକୁ ଆସେ ସମୟ ବଢ଼ାଯିବ। ଅସୁବିଧା ଥିଲେ ଆଉ ୫ ଦିନ ସମୟ ଅବଧି ବଢ଼ାଇବୁ ବୋଲି କହିଛନ୍ତି ପ୍ରଭାତୀ ପରିଡା।

### ଆଜିଠୁ ଓଡ଼ିଶା ଜନତା କଂଗ୍ରେସ

## ଜେନ୍ ଜି'ଙ୍କୁ ନେଇ ଆଗକୁ ବଢ଼ିବ

ଭୁବନେଶ୍ୱର,୧୪।୪(ନିପ୍ର) ଆସନ୍ତାକାଲି ଆତ୍ମପ୍ରକାଶ କରିବ ନୂଆ ଆଞ୍ଚଳିକ ଦଳ ଓଡିଶା ଜନତା କଂଗ୍ରେସ। ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ବଡ଼ ସମାବେଶ କରାଯିବ। ଏହାପୂର୍ବରୁ ମଙ୍ଗଳବାର ଓଡ଼ିଶା ଜନତା କଂଗ୍ରେସର ପ୍ରତିଷ୍ଠାତା ସଭାପତି ମହମ୍ମଦ ମୋକିମ୍ ସଭାସ୍ଥଳ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ମୋକିମ୍ କହିଛନ୍ତି ଜେନ୍ ଜିଙ୍କୁ ନେଇ ଦଳ ଆଗକୁ ବଢ଼ିବ। ବିଜେପି ବିରୁଦ୍ଧରେ ଲଢେଇ ହେବ। ବିଜେଡ଼ି କଂଗ୍ରେସର ବହୁ ନେତା ଓ ବିଧାୟକ ଆମ ଯୋଗାଯୋଗରେ ଅଛନ୍ତି। ନିର୍ବାଚନ ସମୟରେ ସେମାନେ ଆମ ସହିତ ରହିବେ ବୋଲି ମୋକିମ୍ କହିଛନ୍ତି। ଓଡ଼ିଶାରେ ଏକମାତ୍ର ଆଞ୍ଚଳିକ ଦଳ ବିଜେଡ଼ି ଏବେ ଲୋକଙ୍କ ଠାରୁ ଦୂରେଇ ଯାଇଛି। ସେଥିପାଇଁ ଆମେ ବିକଳ୍ପ ଭାବେ ରାଜ୍ୟବାସୀଙ୍କ ସମର୍ଥନ ଲୋଡୁଛୁ ବୋଲି ମୋକିମ୍ କହିଛନ୍ତି ।

### ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ଜୀବନରେ ଶିକ୍ଷା ହିଁ ସବୁକିଛି




✸ ପୁରୁଣାଦିନ କଥା ମନେ ପକାଇ ଭାବବିହ୍ୱଳ
✸ ନିଜ ଶିକ୍ଷକମାନଙ୍କୁ କଲେ ସମ୍ମାନିତ
✸ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟର ଉନ୍ନତିକରଣ ପାଇଁ ଦିଆଯିବ ୨୦ କୋଟି
✸ ଖୁବ୍ ଶୀଘ୍ର କାନୁପୁର ବନ୍ଧ ଦେଇ ଝୁମ୍ପୁରା ଅଞ୍ଚଳ ହେବ ଜଳସେଚିତ

କେନ୍ଦୁଝର,୧୪।୪(ନିପ୍ର): କେବଳ ଜଣେ ପୁରାତନ ଛାତ୍ର ଭାବରେ ନୁହେଁ ବରଂ ଏ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ଆଜି ମୁଁ ମୋ ସ୍କୁଲ ପାଇଁ ଗର୍ବିତ। ଏହା ଥିଲା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବରେ ଅଭିଭାଷଣ। ଅଭିଭାଷଣ ସମୟରେ କେତେବେଳେ ସେ ହୋଇଯାଉଥିଲେ ଭାବବିହ୍ୱଳ, ତ କେତେବେଳେ ସେ ଖୁସିରେ ଗଦଗଦ ହୋଇ ଯାଉଥାଆନ୍ତି। ଝୁମ୍ପୁରା ମାଟି ଆଜି ମୁଖ୍ୟମନ୍ତ୍ରୀଙ୍କୁ ପାଇ ଆନନ୍ଦିତ ଥିବାବେଳେ ଝୁମ୍ପୁରା ହାଇସ୍କୁଲ ଉଲ୍ଲସିତ ହୋଇ ଉଠିଥିଲା ପାଖରେ ନିଜ ପୁରାତନ ଛାତ୍ର ତଥା ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ପାଇ। ନିଜ ଗୁରୁ ମାନଙ୍କୁ ପାଖରେ ଦେଖି ମୁଖ୍ୟମନ୍ତ୍ରୀ ପାଦଛୁଇଁ ପ୍ରଣାମ କରିବା ସହିତ, ସମସ୍ତ ଶିକ୍ଷକଙ୍କୁ ସମ୍ମାନିତ କରିଥିଲେ ଏବଂ ସହପାଠୀମାନଙ୍କୁ ସମ୍ମାନିତ କରିଥିଲେ। ଶିକ୍ଷକମାନେ ମଧ୍ୟ ନିଜ ଆଦରର ଛାତ୍ର ଏବଂ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ସ୍ନେହରେ କୋଳାଗ୍ରତ କରୁଥାନ୍ତି। ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ପାଇଁ ୨୦ କୋଟି ଟଙ୍କାର ଅର୍ଥରାଶି ଘୋଷଣା କରିଛନ୍ତି। ଏହି ଅର୍ଥ ବିଦ୍ୟାଳୟର ବହୁବିଧ ଉନ୍ନତିକରଣରେ ଖର୍ଚ୍ଚ ହେବ। ୫୦୦ ସିଟ୍‌ର ଅଡିଟୋରିଅମ, ବହୁ ମହଲା ବିଶିଷ୍ଟ ବିଲଡିଂ, ଇଣ୍ଡୋର ଗେମ୍ ଫାସିଲିଟି, ସ୍କୁଲ ପାଚେରି, ସାଇକେଲ ଷ୍ଟାଣ୍ଡ ସମେତ ବିଭିନ୍ନ ଆବଶ୍ୟକ ସୁବିଧା ସମସ୍ତ ନିର୍ମାଣ ପାଇଁ ଏହି ଅର୍ଥ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଏବଂ ଆଉ ଅଧିକ ଅର୍ଥର ଆବଶ୍ୟକତା ହେଲେ ମଧ୍ୟ ବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ପ୍ରଦାନ କରିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ଖୁବ ଶୀଘ୍ର କାନୁପୁର ବନ୍ଧ ଦେଇ ଝୁମ୍ପୁରାର ସମସ୍ତ ଚାଷ ଜମି ପାଇବେ ଜଳ। ରାଇକଳା ପଞ୍ଚାୟତକୁ ଲିଫ୍ଟ ଇରିଗେସନ ମାଧ୍ୟମରେ ଯିବ ପାଣି। ଖାଲି ଝୁମ୍ପୁରା ଲୋକେ ଇଚ୍ଛା କଲେ ଝୁମ୍ପୁରା ବହୁ ବିକଶିତ ହେବ। ଓଡ଼ିଶାର ଶ୍ରେଷ୍ଠ ବିଦ୍ୟାଳୟମାନଙ୍କ ମଧ୍ୟରେ ଆମ ଝୁମ୍ପୁରା ହାଇସ୍କୁଲ ମଧ୍ୟ ସ୍ଥାନ ପାଇବ। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ନିଜ ଛାତ୍ର ଜୀବନରେ ଝୁମ୍ପୁରା ହାଇସ୍କୁଲରେ ବିତାଇଥିବା ସମୟ ବିଷୟରେ କହିଥିଲେ ଏବଂ ସେ ନିଜ ସମସ୍ତ ଗୁରୁଙ୍କ ନିକଟରେ ଋଣୀ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଜୀବନରେ ଶିକ୍ଷା ହିଁ ହେଉଛି ସବୁକିଛି। ସରକାରଙ୍କ ଯୋଜନା ପାଇବା ଠାରୁ ଆରମ୍ଭ କରି ଟ୍ରେନ ଟିକଟ ବୁକିଙ୍ଗ କରିବା ପାଇଁ ଆଜି ସବୁ ଅନଲାଇନରେ ହେଉଛି। ଆଉ ଏଥିପାଇଁ ପାଠ ପଢିବା ଅତ୍ୟନ୍ତ ଆବଶ୍ୟକ। ମୁଁ ନିଜେ ମଧ୍ୟ ଅନେକ ଝଡଝଞ୍ଜା ଦେଇ ପାଠ ପଢିଥିବାରୁ ଯେତେବେଳେ ମୁଖ୍ୟମନ୍ତ୍ରୀ ଭାବେ ଜନତାଙ୍କ ସେବା କରିବା ସୁଯୋଗ ମିଳିଲା, ମୁଁ ପ୍ରଥମେ ଗୁରୁତ୍ୱ ଦେଇଥିଲି ଶିକ୍ଷା, ବିଶେଷ ଭାବେ ପ୍ରାଥମିକ ଶିକ୍ଷାକୁ ସୁଦୃଢ କରିବା ପାଇଁ। ତେଣୁ ହୋଇଥିଲା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ପରିକଳ୍ପନା ହୋଇଥିଲା। ପ୍ରତି ପଞ୍ଚାୟତରେ ଅତ୍ୟାଧୁନିକ ଭିତ୍ତିଭୂମି ସହ ଶିକ୍ଷାଦାନ ଏହି ଯୋଜନାର ମୂଳମନ୍ତ୍ର ରଖାଯାଇଛି।

CMYK



## ଶକ୍ତି ପରୀକ୍ଷାରେ ଶକ୍ତିଲାଭ

ଯୁଧିଷ୍ଠିର କପଟ ପଶାରେ ହାରିଯିବାରୁ ସର୍ତ୍ତ ଅନୁଯାୟୀ ପାଣ୍ଡବମାନେ ବନବାସରେ ଥାଆନ୍ତି। ବନବାସ କାଳରେ ଦିନେ ମହର୍ଷି ବେଦବ୍ୟାସ ସେମାନଙ୍କୁ ଭେଟି କହିଥିଲେ- ଯଦି ରାଜ୍ୟ ଫେରିବାକୁ ଚାହୁଁଥାଅ, ତା'ହେଲେ କୌରବଙ୍କ ସହ ଅବଶ୍ୟ ଯୁଦ୍ଧ କରିବାକୁ ପଡ଼ିବ। ଦୟା ଦେଖାଇ ସେମାନେ କେବେ ବି ତୁମକୁ ରାଜ୍ୟ ଫେରାଇବେ ନାହିଁ। ମୋ ବିଚାରରେ ମଧ୍ୟମ ପାଣ୍ଡବ ଅର୍ଜୁନ କଠୋର ତପସ୍ୟା ମାଧ୍ୟମରେ ଶିବଙ୍କ ଆଶୀର୍ବାଦ ଲାଭ କରିବା ଉଚିତ। ବେଦବ୍ୟାସଙ୍କ ପରାମର୍ଶ ଅନୁଯାୟୀ ଅର୍ଜୁନ କୈଳାସ ପର୍ବତ ନିକଟବର୍ତ୍ତୀ ଏକ ଜଙ୍ଗଲରେ ଘୋର ତପସ୍ୟା କଲେ। କୌରବମାନେ ଅର୍ଜୁନଙ୍କ ତପସ୍ୟା ସମ୍ପର୍କରେ ଜାଣିପାରି ପ୍ରମାଦ ଗଣିଲେ। ତପସ୍ୟାରେ ବିଘ୍ନ କରିବା ନିମନ୍ତେ ମୁକାସୁରକୁ ପ୍ରେରଣ କଲେ। ମୁକାସୁର ଭୟଙ୍କର ବାରହା ରୂପ ଧାରଣ କରି ତପସ୍ଥଳରେ ପହଞ୍ଚି ଅର୍ଜୁନଙ୍କ ଉପରେ ଆକ୍ରମଣ କରିବାକୁ ଉଦ୍ୟତ ହେଲା। ଏହି ସମୟରେ ଜଣେ ଶିକାରୀ ସପତ୍ନୀକ କାହୁଁ ଆସି ସେହି ସ୍ଥାନରେ ପହଞ୍ଚିଥିଲେ। ଶିକାରୀ ବାରହା ରୂପ ଧାରଣକାରୀ ମୁକାସୁର ଉପରକୁ ତୀର ଚାଳନା କରିଥିଲେ। ଠିକ୍ ଏହି ସମୟରେ ଘୋର ତପସ୍ୟାରେ ମଗ୍ନଥିବା ଅର୍ଜୁନ କୌଣସି ଜଙ୍ଗଲୀ ଜନ୍ତୁଙ୍କ ଉପସ୍ଥିତି ଅନୁଭବ କରିଥିଲେ। ତପସ୍ଥଳରୁ ଉଠି ଏତେ ଜୋର ତୀର ଚାଳନା କଲେ ବାର୍‌ହା ସେହିଠାରେ ଟଳି ପଡ଼ିଥିଲା। ହେଲେ ଶିକାରୀଙ୍କ ତୀର ଲକ୍ଷ୍ୟଭ୍ରଷ୍ଟ ହୋଇ ଅର୍ଜୁନଙ୍କ ପାଦ ପାଖରେ ପଡ଼ିଥିଲା। ଅର୍ଜୁନ ମନେ ମନେ ଭାବିଲେ ମୁଁ ମାରିଥିବା ତୀର ବାରହାକୁ ମାରି ମୋ ନିକଟକୁ ଫେରି ଆସିଛି। ଏଇ ତୀର ମୋର। କିଛିକ୍ଷଣ ପରେ ଶିକାରୀଙ୍କ ପତ୍ନୀ ଅର୍ଜୁନଙ୍କ ନିକଟକୁ ଆସି ତୀରଟି ମାଗିଥିଲା। ଅର୍ଜୁନ ତୀରଟି ତାଙ୍କର ବୋଲି କହିବାରୁ ଶିକାରୀଙ୍କ ପତ୍ନୀ କ୍ରୋଧିତ ହୋଇ କହିଥିଲେ- ତୁମେ ଚୋର। ମୋର ତୀର ନ ଫେରାଇଲେ ତୁମକୁ ମୋର ସ୍ୱାମୀ ଯୁଦ୍ଧରେ ପରାସ୍ତ କରି ଉଚିତ ଶିକ୍ଷା ଦେବେ। ଶିକାରୀ ଆକ୍ରମଣ ଆରମ୍ଭ କରି ଦେଇଥିଲେ। ଅର୍ଜୁନ ଘନଘନ ତୀର ନିକ୍ଷେପ କରିଥିଲେ ପ୍ରତ୍ୟାକ୍ରମଣ କରି। ଧନୁର୍ଯୁଦ୍ଧ ଛାଡ଼ି ଦୁହେଁ ବାହୁଯୁଦ୍ଧ କରିଥିଲେ। ଅର୍ଜୁନ ଅନୁଭବ କଲେ ଶିକାରୀ ତାଙ୍କଠାରୁ ବଳବାନ। ଶିକାରୀ ଅର୍ଜୁନଙ୍କୁ ଧରାଶାୟୀ କରିଦେଇଥିଲେ। ଅର୍ଜୁନ ପରାଜିତ ହୋଇ ଶିବଶଙ୍କରଙ୍କୁ ସ୍ତୁତି କରିଥିଲେ। ତପସ୍ୟା ସ୍ଥଳରେ ସେ ପଡ଼ି ଗଢ଼ିଥିବା ମାଟିର ଲିଙ୍ଗକୁ ସ୍ତୁତି କରିଥିଲେ। ଅଚାନକ ଅର୍ଜୁନ ଅନୁଭବ କଲେ ସେହି ଲିଙ୍ଗ ଭିତରେ ଶକ୍ତିର ସତ୍ତା। ଆଖି ଖୋଲନ୍ତେ ଦେଖିଲେ ସ୍ୱୟଂ ଶିବଶଙ୍କର ଓ ମା' ପାର୍ବତୀ ସେଠାରେ ଦଣ୍ଡାୟମାନ। ଧରାଶାୟୀ ହୋଇଥିବା ଅର୍ଜୁନଙ୍କୁ ଉଠାଇ ଭଗବାନ ଶିବ କହିଥିଲେ- ବତ୍ସ! ଶିକାରୀ ରୂପରେ ମୁଁ ତୁମର ଶକ୍ତି ପରୀକ୍ଷା ନେବାକୁ ଚାହୁଁଥିଲି। ଯୁଦ୍ଧରେ ତୁମେ ସର୍ବଦା ବିଜୟୀ ହେବ। ଏହା କହି ଅର୍ଜୁନଙ୍କୁ ପାଶୁପତ ଅସ୍ତ୍ର ଦାନ କରି କହିଥିଲେ- ଏହା ବିଶ୍ୱର ସର୍ବଶ୍ରେଷ୍ଠ ଅସ୍ତ୍ର। ତୁମେ ହିଁ କେବଳ ଏହାର ଅଧିକାରୀ ହେବାକୁ ଯୋଗ୍ୟ।





## ଶକ୍ତିଠାରୁ ଶ୍ରେଷ୍ଠ

ବାମନ ପୁରାଣର ଏହି ପ୍ରସଙ୍ଗ। ଏକଦା ମହାତେଜସ୍ୱୀ ପ୍ରହ୍ଲାଦ, ଋଷି ଚ୍ୟବନଙ୍କୁ କହିଥିଲେ- ମୁନିବର ! ଆପଣ ପୃଥ୍ୱୀଲୋକର ଶ୍ରେଷ୍ଠ ଋଷିମାନଙ୍କ ମଧ୍ୟରୁ ଅନ୍ୟତମ। ମୋର ପରମ ସୌଭାଗ୍ୟ ଯେ ମୁଁ ଆପଣଙ୍କ ଦର୍ଶନ ଲାଭରେ ସମର୍ଥ ହେଲି। ପୃଥ୍ୱୀ ଲୋକର କୌଣସି ଶ୍ରେଷ୍ଠ ତୀର୍ଥ ପରିଦର୍ଶନର ଆକାଙ୍‌କ୍ଷା ମନ ଭିତରେ ରହିଛି। ମୋତେ ସେ ବିଷୟରେ ଆପଣ ମାର୍ଗଦର୍ଶନ ଦିଅନ୍ତୁ। ଋଷି ଚ୍ୟବନ ପ୍ରହ୍ଲାଦଙ୍କୁ ନୈମିଷାରଣ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଦୈତ୍ୟରାଜ ପ୍ରହ୍ଲାଦ ଦାନବମାନଙ୍କ ସହିତ ସେଠାକୁ ଯାତ୍ରା କରିଥିଲେ। ତୀର୍ଥ ସ୍ନାନ ପରେ ପ୍ରହ୍ଲାଦ ବନପ୍ରଦେଶରେ ଘୂରିବୁଲି ଏହାର ଶୋଭା ସନ୍ଦର୍ଶନ କରୁଥିଲାବେଳେ ଅକସ୍ମାତ୍ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଥିଲେ- କୃଷ୍ଣ ମୃଗଚର୍ମ ଧାରଣ କରିଥିବା, ଜଟାଜୁଟଧାରୀ ଦୁଇ ମୁନି ତପସ୍ୟାରେ ବସିଛନ୍ତି। ତେବେ ଯେଉଁ ବିଶାଳକାୟ ଶାଳବୃକ୍ଷ ତଳେ ସେମାନେ ତପସ୍ୟାରତ ସେହି ବୃକ୍ଷ ଅନେକ ଦିବ୍ୟାସ୍ତ୍ର (ବାଣ) ଦ୍ୱାରା ପୂର୍ଣ୍ଣ ଭାବରେ ଆଚ୍ଛାଦିତ ଥିଲା। ମୁନି ଦ୍ୱୟଙ୍କର ପୃଷ୍ଠଦେଶରେ ମଧ୍ୟ ଦୁଇ ଦିବ୍ୟଧନୁ, ଅକ୍ଷୟ ତୂଣୀର ଥୁଆ ହୋଇଥିଲା। ପ୍ରହ୍ଲାଦ ଚକିତ ହୋଇ ପଚାରିଥିଲେ- ଦୁହିଁଙ୍କୁ ଦେଖିଲେ ମନେ ହେଉଛି ଦାମ୍ଭିକତାର ସହ ଧର୍ମ ବିନାଶକ କାର୍ଯ୍ୟ କରୁଛନ୍ତି। ଏକ ପକ୍ଷରେ ଜଟାଜୁଟଧାରୀ, ଭାର। ଅପର ପକ୍ଷରେ ଶ୍ରେଷ୍ଠ ଅସ୍ତ୍ର ସମୂହ ରଖିଛନ୍ତି। ଏହା ତ ବଡ଼ ବିଚିତ୍ର କଥା! ତପସ୍ୱୀ କହିଥିଲେ- ଦୈତ୍ୟରାଜ ! ସାମର୍ଥ୍ୟବାନ ବ୍ୟକ୍ତି ଯାହା କିଛି ବି କାର୍ଯ୍ୟ କରିଥାନ୍ତି ତାହା ତାଙ୍କୁ ଶୋଭା ପାଇଥାଏ। ଏହାକୁ ଦାମ୍ଭିକତାପୂର୍ଣ୍ଣ ଉକ୍ତି ବୋଲି ଭାବି ପ୍ରହ୍ଲାଦ ପ୍ରତିଜ୍ଞା କଲେ ନିଜକୁ ସାମର୍ଥ୍ୟବାନ୍ କହୁଥିବା ଦୁହିଁଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କର ଦର୍ପଚୂର୍ଣ୍ଣ କରିବେ। ବିଡ଼ମ୍ବନା ଏହା ଥିଲା ଯେ 'ଲୋକପତି- ନାରାୟଣ' (ମୁନିଦ୍ୱୟ)ଙ୍କ ଦ୍ୱାରା ପ୍ରହ୍ଲାଦ ପରାଜିତ ହୋଇ ପଛଘୁଞ୍ଚା ଦେଇଥିଲେ। ନିରାଶ ହୋଇ ବିଷ୍ଣୁଙ୍କ ଶରଣ ନେଇଥିଲେ। ବିଷ୍ଣୁ ଭଗବାନ କହିଥିଲେ- ପ୍ରହ୍ଲାଦ ! ନାରାୟଣଙ୍କୁ ତୁମେ ପରାସ୍ତ କରିପାରିବନି, ସେ ଅଜେୟ। ସକଳ ଦେବତା ଓ ରାକ୍ଷସମାନଙ୍କ ଦ୍ୱାରା ବି ଅଜେୟ।' ପ୍ରହ୍ଲାଦ ନମ୍ରଭାବରେ କହିଥିଲେ- ହେଲେ ଭଗବାନ ! ମୁଁ ପ୍ରକୃତ କଥା ଜାଣି ନପାରି ଆବେଗରେ ଯେଉଁ ପ୍ରତିଜ୍ଞା କରିଥିଲି (ମୁନିଦ୍ୱୟଙ୍କୁ ପରାସ୍ତ କରି ଦର୍ପଚୂର୍ଣ୍ଣ କରିବା) ତାହା କ'ଣ ହେବ ? 'ଦାନବଶ୍ରେଷ୍ଠ ! ଯେଉଁଠାରେ ଶକ୍ତି ପରାଜିତ ହୋଇଥାଏ ସେଠି ତ ଭକ୍ତି ବିଜୟୀ ହୋଇଥାଏ'- କହିଥିଲେ ବିଷ୍ଣୁ। ଯଦି ନାରାୟଣଙ୍କ ଉପରେ ବିଜୟ ହାସଲ କରିବାକୁ ଚାହୁଁଥାଅ ତ ଭକ୍ତିରେ ତାଙ୍କର ଆରାଧନା କର। ଏହା ତୁମ ପାଇଁ ସୁସାଧ୍ୟ। ମୁନିଦ୍ୱୟ ରୂପରେ ସେ ହିଁ ତ ସେଠାରେ ବିଶ୍ୱମଙ୍ଗଳ କାମନାରେ ତପସ୍ୟାରତ ଥିଲେ। ପ୍ରହ୍ଲାଦ ବଦରିକାଶ୍ରମ ଯାଇ ବିଷ୍ଣୁଙ୍କ ପରାମର୍ଶ ଅନୁସାରେ ଭଗବାନ ନର-ନାରାୟଣଙ୍କୁ ଭକ୍ତି-ଶ୍ରଦ୍ଧା ବଳରେ ତପଶ୍ଚରଣ ପୂର୍ବକ ବଶ କରିଥିଲେ।

## ମହାଭାରତରେ ଶ୍ରୀକୃଷ୍ଣଙ୍କ ପାଖରେ ଥିଲା ଚମତ୍କାରୀ ଶଙ୍ଖ

ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପାଞ୍ଚଜନ୍ୟ ଶଙ୍ଖ ଥିଲା । ଏହି ଶଙ୍ଖ ଅତ୍ୟନ୍ତ ଅଦ୍ଭୁତ ତଥା ଚମତ୍କାରୀ ଥିଲା । ପାଞ୍ଚଜନ୍ୟ ଶଙ୍ଖର ଧ୍ୱନିରେ ପାଣ୍ଡବମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଉଥିଲା । ଅନ୍ୟପକ୍ଷରେ ଏହାର ଧ୍ୱନି କୌରବ ଶିବିରରେ ଆତଙ୍କ ଖେଳାଇ ଦେଉଥିଲା । ମହାଭାରତ ଯୁଦ୍ଧ ପରେ ଭଗବାନ ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ଶଙ୍ଖକୁ ପରାଶର ମୁନିଙ୍କ ଆଶ୍ରମରେ ରଖିଦେଇଯାଇଥିଲେ ବୋଲି କୁହାଯାଏ । ଅନ୍ୟପକ୍ଷରେ ଶ୍ରୀକୃଷ୍ଣଙ୍କ ଶଙ୍ଖ ବଦ୍ରିକାଧାମରେ



ଥିବା ମଧ୍ୟ କେହି କେହି କୁହନ୍ତି । ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଶଙ୍ଖ ବିଜୟ ଏବଂ ଯଶର ପ୍ରତୀକ ଥିଲା । ମହାଭାରତ ଯୁଦ୍ଧ ଶଙ୍ଖ ବାଦନରୁ ଆରମ୍ଭ ହେଉଥିଲା । ଅର୍ଜୁନଙ୍କ ପାଖରେ ଦେବଦତ୍ତ ନାମକ ଶଙ୍ଖ ଥିଲା । ଯୁଧିଷ୍ଠିରଙ୍କ ନିକଟରେ ଅନନ୍ତବିଜୟ, ଭୀଷ୍ମଙ୍କ ନିକଟରେ ପୌଣ୍ଡ୍ରିକ, ନକୁଳଙ୍କ ନିକଟରେ ସୁଘୋଷ, ସହଦେବଙ୍କ ନିକଟରେ ମଣିପୁଷ୍ପକ ଶଙ୍ଖ ଥିଲା । ଏ ସମସ୍ତ ଶଙ୍ଖର ଭିନ୍ନ ଭିନ୍ନ ମହତ୍ତ୍ୱ ରହିଥିଲା । ସମୁଦ୍ର ମନ୍ଥନ କାଳରେ ପାଞ୍ଚଜନ୍ୟ ଶଙ୍ଖ ବାହାରିଥିଲା ବୋଲି ପୁରାଣରେ ବର୍ଣ୍ଣିତ । ଏହି ଶଙ୍ଖ ବିଜୟ, ସମୃଦ୍ଧି, ସୁଖ, ଶାନ୍ତି, ଯଶ, କୀର୍ତ୍ତି, ଲକ୍ଷ୍ମୀର ପ୍ରତୀକ ଭାବେ ପ୍ରସିଦ୍ଧି ହାସଲ କରିଥିଲା । ବର୍ତ୍ତମାନ ସମୟରେ ମଧ୍ୟ ଶଙ୍ଖ ଧ୍ୱନି ବେଶ୍ ଶୁଭ, ପବିତ୍ର ତଥା ଶାନ୍ତି ପ୍ରଦାନକାରୀ ଭାବେ ଗ୍ରହଣ କରାଯାଇଛି । ଲକ୍ଷ୍ମୀ ଶଙ୍ଖ, ଗୋମୁଖୀ ଶଙ୍ଖ, କାମଧେନୁ ଶଙ୍ଖ, ବିଷ୍ଣୁ ଶଙ୍ଖ, ଦେବ ଶଙ୍ଖ, ଚକ୍ର ଶଙ୍ଖ, ପୌଣ୍ଡ୍ର ଶଙ୍ଖ, ରାକ୍ଷସ ଶଙ୍ଖ, ଶନି ଶଙ୍ଖ, ରାହୁ ଶଙ୍ଖ, ଗରୁଡ଼ ଶଙ୍ଖ, କେତୁ ଶଙ୍ଖ, ମଣିପୁଷ୍ପକ ଶଙ୍ଖ, କଚ୍ଛପ ଶଙ୍ଖ, ସୁଘୋଷ ଶଙ୍ଖ, ଶେଷନାଗ ଶଙ୍ଖ ଆଦି ବିଭିନ୍ନ ପ୍ରକାରର ଶଙ୍ଖ ରହିଛି ।

## ଘରେ ଶିବଲିଙ୍ଗ ସ୍ଥାପନ ପୂର୍ବରୁ...

ଆମମାନଙ୍କ ଭିତରେ ଏମିତି ଅନେକ ଜଣ ଥିବେ ଯେଉଁମାନଙ୍କ ଘରେ ଶିବଲିଙ୍ଗ ପୂଜା ପାଉଥିବେ । ହିନ୍ଦୁ ଧର୍ମ ଅନୁସାରେ ଜଣେ ଚାହିଁଲେ ନିଜ ଘରେ ଶିବଲିଙ୍ଗ ରଖି ପୂଜା କରିପାରିବ । ତେବେ ଏହାର କିଛି ବିଶେଷ ବିଧି ରହିଛି । ଯାହାକୁ ପାଳନ କରିବାର ଆବଶ୍ୟକତା ରହିଛି । ନଚେତ୍





ଘରେ ଅନର୍ଥ ହେବାର ଯୋଗ ରହିଥାଏ । ଦେବଦେବ ମହାଦେବଙ୍କୁ ମନ୍ଦିରରେ ଯେଉଁଭଳି ଭାବେ ଷୋଡଶ ଉପଚାରରେ ପୂଜା କରାଯାଏ ଆମେମାନେ ଠାକୁର ଘରେ ପ୍ରତିଷ୍ଠା କରୁଥିବା ଲିଙ୍ଗକୁ ସେଭଳି ଷୋଡଶ ଉପଚାରରେ ପୂଜା କରିବା ସମ୍ଭବପର ହୋଇନଥାଏ । ଏଣୁ ପୁରାଣରେ ବର୍ଣ୍ଣିତ କେତେକ ରୀତିନୀତି ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏନେଇ ମାର୍କେଣ୍ଡେୟ ପୁରାଣରେ କିଛି ନୀତିନିୟମ କଥା ଉଲ୍ଲେଖ କରାଯାଇଛି । ଯାହାକୁ ଅନୁପାଳନ କରି ଘରେ ଆପଣ ଶିବ ଆରାଧନା କରିପାରିବେ । ଘରେ ପ୍ରତିଷ୍ଠା ହେଉଥିବା ଶିବଲିଙ୍ଗର ଉଚ୍ଚତା ଯେପରି ଗୋଟିଏ ଆଙ୍ଗୁଳିରୁ ଅଧିକ ନହୁଏ ତା ଉପରେ ଧ୍ୟାନ ଦିଅନ୍ତୁ । ଯଦି ଆପଣ କେଉଁ ଦର୍ଶନୀୟ ସ୍ଥାନକୁ ଯାଇଛନ୍ତି ଓ ସେଠାରେ ଆପଣଙ୍କୁ ଏକ ଶିବଲିଙ୍ଗ ପସନ୍ଦ ଆସୁଛି ତେବେ ଏମିତି ଶିବଲିଙ୍ଗକୁ ଘରକୁ ନେଇ ଆସନ୍ତୁ ନାହିଁ । ଏହି ଶିବଲିଙ୍ଗକୁ ଘରକୁ ଆଣିବା ପୂର୍ବରୁ କୌଣସି ଶିବ ମନ୍ଦିରରେ ପ୍ରତିଷ୍ଠା କରେଇ ଆଣନ୍ତୁ । ଲିଙ୍ଗକୁ ଅଭିଷେକ କରିବା ସମୟରେ ଲାଗି କରାଯାଇଥିବା ପାଣି ଓ ଦୁଗ୍ଧକୁ ଯେକୌଣସି ନଦୀରେ ପ୍ରବାହ କରିଦିଅନ୍ତୁ । ଭଗବାନ ଶିବଙ୍କୁ ଦୟାର ସାଗର ବୋଲି କୁହାଯାଇଥାଏ । ଗୋଟିଏ ମାତ୍ର ଲୋଟା ଜଳରେ ଦେବଦେବ ମହାଦେବ ପ୍ରସନ୍ନ ହୋଇ ନିଜ ଭକ୍ତଙ୍କର ମନସ୍କାମନା ପୂରା କରିଥାନ୍ତି । ଏଣୁ ଆପଣ କୌଣସି ମନ୍ଦିର ଯାଇ ନପାରିଲେ ଘରେ ରହି ଶିବଙ୍କ ଆରାଧନା କରିପାରିବେ । ତେବେ ଆପଣ ପ୍ରତିଦିନ ବିଧିବଦ୍ଧ ଭାବେ ଶିବ ଭଗବାନଙ୍କ ପୂଜା କରନ୍ତୁ । ଯେଉଁମାନଙ୍କ ଘରେ ଶିବଲିଙ୍ଗ ରହିଛି ସେମାନେ ପ୍ରତିଦିନ ଶିବଙ୍କୁ ଜଳ ଅର୍ପଣ କରନ୍ତୁ । ଏହାଛଡା ନିଜ ସାଧ୍ୟମତେ ଓ ଉଚିତ ସମୟରେ ଭଗବାନଙ୍କ ନିକଟରେ ଭୋଗ ଅର୍ପଣ କରନ୍ତୁ । ଶିବଲିଙ୍ଗକୁ ଅଭିଷେକ କରିବା ସମୟରେ କୌଣସି ପାତ୍ର ରଖନ୍ତୁ ଓ ଅଭିଷେକ ଜଳକୁ ସଂଗ୍ରହ କରନ୍ତୁ । ଏହି ଜଳ ତଳେ ପଡିଲେ ଅନିଷ୍ଟ ହୋଇଥାଏ । ମାର୍କଣ୍ଡ ପୁରାଣ ଅନୁଯାୟୀ ଦେବ ଦେବ ମହାଦେବ ଯେତେକି ଭୋଳା ସେତିକି କ୍ରୋଧୀ ମଧ୍ୟ । ଏଣୁ ତାଙ୍କ ପୂଜା ଓ ଆରାଧନା ସମୟରେ ଅନ୍ତତଃ ପକ୍ଷେ ନିୟମ ଓ ଶୁଦ୍ଧତା ପାଳନ କରିବାର ଆବଶ୍ୟକତା ରହିଛି ।

## କାନ ଯନ୍ତ୍ରଣାର ଘରୋଇ ଉପଚାର



କାନରେ ଯନ୍ତ୍ରଣା ହେବା ଏକ ସାଧାରଣ ସମସ୍ୟା । ଏହି ଯନ୍ତ୍ରଣା ଉଭୟ କାନରେ ହୋଇପାରେ, ହେଲେ ଅଧିକାଂଶ ସମୟରେ ଏହା ଗୋଟିଏ କାନରେ ବି ହୋଇପାରେ । କାନର ଯନ୍ତ୍ରଣା କିଛି ସମୟ ବା ବେଶି ସମୟ ଧରି ଲାଗି ରହିପାରେ । ଏହି ଯନ୍ତ୍ରଣା କେତେବେଳେ ହାଲକା, ତ ଆଉ କେତେବେଳେ ଖୁବ୍ ଅଧିକ ହୋଇଥାଏ । କାନ ଇନଫେକ୍ସନ ବ୍ୟତୀତ ଆହୁରି କେତେକ କାରଣରୁ କାନରେ ଯନ୍ତ୍ରଣା ହୋଇଥାଏ ।



**କାନରେ ଯନ୍ତ୍ରଣାର ଲକ୍ଷଣ:** କେବେ କେବେ କାନରେ ଯନ୍ତ୍ରଣା ହେବା କାରଣରୁ ଠିକରେ ଶୁଣାଯାଏନି । କିଛି ଲୋକଙ୍କ କାନରେ ତରଳ ପଦାର୍ଥ ମଧ୍ୟ ବାହାରି ଥାଏ । କାନ ଯନ୍ତ୍ରଣା କାରଣରୁ ପିଲାଙ୍କୁ ଶବ୍ଦ ରହି ରହି ଶୁଣାଯାଏ। ଜ୍ୱର ଆସିବା, ଶୋଇବାରେ ସମସ୍ୟା ଦେଖାଦେବା, କାନରେ ଅସହଜ ଲାଗିବା, ଚିଡିଚିଡ଼ାପଣ, ମୁଣ୍ଡବ୍ୟଥା ଓ ଭୋକ କମିଯିବା ଭଳି ଲକ୍ଷଣ ଦେଖା ଦେଇପାରେ ।

**କାନ ଯନ୍ତ୍ରଣାର ସାମାନ୍ୟ କାରଣ:** ସଂକ୍ରମଣ, ଆଘାତ, କାନରେ ଜ୍ୱଳନ କାରଣରୁ କାନରେ ଯନ୍ତ୍ରଣା ହୋଇପାରେ। ଦାନ୍ତରେ ଯନ୍ତ୍ରଣା କାରଣରୁ ମଧ୍ୟ କାନରେ କଷ୍ଟ ଅନୁଭବ ହୁଏ । ଇନଫେକ୍ସନ କାରଣରୁ କାନ ଭିତରୁ ଯନ୍ତ୍ରଣା ହୋଇଥାଏ । ଇନଫେକ୍ସନ ସୁଇମିଂ ହେଡ୍‌ଫୋନ୍, ତୁଳା ଓ ଆଙ୍ଗୁଠି ପୂରାଇବା ଦ୍ୱାରା ବାହାରୁ ସଂକ୍ରମଣ ହୋଇପାରେ ।

**କାନ ଯନ୍ତ୍ରଣା ଅନ୍ୟ କାରଣ:** ବାୟୁର ପ୍ରଭାବ, କାନରେ ମଇଳା, ଗଳା ଖରାପ ହେଲେ, ସାଇନସର ସଂକ୍ରମଣ, କାନରେ ପାଣି ବା ସାମ୍ପୁ ପଶିଗଲେ, ଦାନ୍ତରେ ସଂକ୍ରମଣ, କାନରେ ଏକଜିମା ହେବା କାରଣରୁ ମଧ୍ୟ ଯନ୍ତ୍ରଣା ହୋଇଥାଏ ।

**ଘରେ କେମିତି କରିବେ ଚିକିତ୍ସା:** କାନରେ ଯନ୍ତ୍ରଣା ହେଲେ ଏହାର ଚିକିତ୍ସା ଘରେ କରାଯାଇପାରିବ । କାନକୁ ଓଦା ହେବାକୁ ଦିଅନ୍ତୁ ନାହିଁ। କାନରୁ ଯନ୍ତ୍ରଣା ହ୍ରାସ କରିବା ପାଇଁ ସିଧା ହୋଇ ବସନ୍ତୁ । ଚୁଇଁଗମ୍ ଚୋବାଇବାରେ ମଧ୍ୟ କମ୍ ପ୍ରଭାବ ପଡ଼ିପାରେ । ନବଜାତ ଶିଶୁ କାନରେ ଯନ୍ତ୍ରଣା ଯଦି ହୁଏ ତାକୁ କ୍ଷୀର ପିଅନ୍ତୁ । ଏଥିରେ କାନରେ ଯନ୍ତ୍ରଣା ପ୍ରଭାବ କମିଯାଏ ।

## ପାନୀୟ ଜଳ ଓ ଦୀର୍ଘାୟୁ ଜୀବନ

ପୃଥିବୀ ପୃଷ୍ଠରେ ରହିଥିବା ସମସ୍ତ ବୃକ୍ଷଲତା ଓ ସମସ୍ତ ପ୍ରାଣୀଜଗତ ଜଳ ବିନା ବଞ୍ଚି ରହିବା ଅସମ୍ଭବ। ଜଳ ହିଁ ଜୀବନ। ବୃକ୍ଷଲତା ଆଦି ପାଇଁ ଜଳର ପ୍ରକାରଭେଦ ଅଧିକ ଜରୁରୀ ନ ଥିବା ବେଳେ, ମନୁଷ୍ୟ ପାଇଁ ପାନୀୟ ଜଳ ନିମନ୍ତେ ସ୍ୱଚ୍ଛ ଓ ପରିଷ୍କାର ତଥା ଜୀବାଣୁ ଭୂତାଣୁବିହୀନ ଜଳ ନିତାନ୍ତ ଆବଶ୍ୟକ। ଏହାଦ୍ୱାରା ଆମେ ସୁସ୍ଥ, ନିରୋଗ ତଥା ଦୀର୍ଘାୟୁ ହୋଇପାରିବା। ସାଧାରଣତଃ ବର୍ଷା ଋତୁରେ ସ୍ୱଚ୍ଛ ପରିଷ୍କାର ପାନୀୟ ଜଳ ନିମନ୍ତେ ଅଧିକ ସତର୍କ ରହିବା ଆବଶ୍ୟକ। ବିଶେଷଭାବରେ ନଦୀ, ନାଳ, କୂପ, ଜଳାଶୟ ଆଦିର ଜଳ ଦୂଷିତ ହୋଇଥାଏ। ତେଣୁ ଜଳକୁ ଭଲଭାବେ ଫୁଟାଇ ଛାଣି ପାନୀୟଜଳ ଭାବେ ବ୍ୟବହାର କରିବା ଜରୁରୀ। ପୂର୍ବ ସମୟ ଅପେକ୍ଷା ବର୍ତ୍ତମାନ ସ୍ଥିତି ବଦଳିଯାଇଛି। ବନ୍ୟା ବାତ୍ୟା ଆଦିର ପୂର୍ବ ସୂଚନା ବିଭିନ୍ନ ପତ୍ରପତ୍ରିକା ବୈଦ୍ୟୁତିକ ଗଣମାଧ୍ୟମରୁ ମିଳିଯାଉଛି। ଫଳରେ ୪ରୁ ୫ଦିନ ପର୍ଯ୍ୟନ୍ତ ପାନୀୟ ଜଳ ସୁରକ୍ଷିତ ଭାବେ ରଖି ବ୍ୟବହାର କରାଯାଇପାରୁଛି। ବନ୍ୟା ବାତ୍ୟାର ପରବର୍ତ୍ତୀ ସମୟ ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସମୟରେ ସବୁ ଜଳାଶୟର ଜଳ ଦୂଷିତ ହୋଇଥାଏ। ତେଣୁ ଆମେ ଅତି କମ୍‌ରେ ୪ରୁ ୫ ଦିନ ପାଇଁ ପରିଷ୍କାର ଜଳ ସୁରକ୍ଷିତ ରଖି ଏହାକୁ ପାନୀୟ ଭାବେ ବ୍ୟବହାର କରିପାରିବା, ଯାହାଦ୍ୱାରା ଡାଇରିଆ, ଟାଇଫଏଡ୍ ଆଦି ବିଭିନ୍ନ ସଂକ୍ରମଣଜନିତ ରୋଗ ତଥା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ଆମେ ନିଜକୁ ରକ୍ଷା କରିପାରିବା। ଆଗ କାଳରେ ଆମର ପୂର୍ବ ପିଢ଼ିର ବୟସ୍କ ବ୍ୟକ୍ତିମାନେ ସକାଳୁ ଉଠି ବାସିପାଣି ପିଉଥିଲେ। କାରଣ ଏହି ପାଣି ସ୍ୱାସ୍ଥ୍ୟ ପାଇଁ ଭଲ। ତମ୍ବାପାତ୍ର, ମାଟିପାତ୍ରରେ ପାଣି ରଖି ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ହୋଇଥାଏ। କୌଣସି କାରଣରୁ ଘରକୁ ଏକାଧିକ ଦିନ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଗଲେ ଆମେ ଅସୁବିଧାରେ ପଡ଼ିଥାଉ। ଜରୁରିକାଳୀନ ପରିସ୍ଥିତିରେ ପାନୀୟ ଜଳର ଆବଶ୍ୟକ ପଡ଼ିଲେ ଘରେ ସଞ୍ଚିତ ପାଣିକୁ ବ୍ୟବହାର କରିଥାଉ। ଉକ୍ତ ପାଣି ଆମ ସ୍ୱାସ୍ଥ୍ୟ ପାଇଁ କେତେ ପରିମାଣରେ ଭଲ କି ଖରାପ ତାହା ଜାଣିବାର ଆବଶ୍ୟକତା ରହିଛି।



## ଗୌତମ ବୁଦ୍ଧ ଓ ସାଂସାରିକ ଜୀବନ





**ବୁଦ୍ଧ ବିବାହ କରିବାକୁ ଚାହୁଁନଥିଲେ। ତାଙ୍କ ପିତା ଜବରଦସ୍ତି ତାଙ୍କ ବିବାହ କରିଦେଇଥିଲେ। ଯେଉଁଦିନ ଯଶୋଧାରା ପୁଅ ରାହୁଲକୁ ଜନ୍ମ ଦେଲେ, ସେହି ରାତିରେ ଗୌତମ ବୁଦ୍ଧ ରାଜମହଲ ଛାଡି ଚାଲିଗଲେ।**

ବୁଦ୍ଧଙ୍କୁ ଭଗବାନ ବିଷ୍ଣୁଙ୍କ ନବମ ଅବତାର ବୋଲି ବିବେଚନା କରାଯାଏ। ଗୌତମ ବୁଦ୍ଧ ଯେତେବେଳେ ଚୁପଚାପ ଅଧା ରାତିରେ ଘର ଛାଡିଲେ ସେତେବେଳେ ତାଙ୍କ ପତ୍ନୀ ଯଶୋଧରା ପୁଅ ରାହୁଲକୁ ଜନ୍ମ ଦେଇ ସାରିଥିଲେ। ଘର ଛାଡିବା ପରେ ବୁଦ୍ଧ ଆଉ ଘରକୁ ଫେରିଲେ ନାହିଁ। ପରେ ଯଶୋଧାରା ପୁଅ ରାହୁଲ ବହୁତ କଷ୍ଟରେ ଚଳିଥିଲେ। ସେ ବୁଦ୍ଧଙ୍କୁ କହିବାକୁ ଚାହୁଁଥିଲେ ଯେ, ତାଙ୍କ ଯିବା ପରେ କେମିତି ତାଙ୍କର ମଧ୍ୟ ଦୁନିଆ ଉପରୁ ମୋହ ମାୟା ଉଠିଗଲା। କହିବାକୁ ଚାହୁଁଥିଲେ ବିଗତ ଦିନମାନଙ୍କରେ କିପରି ତାଙ୍କୁ ସ୍ମରକୁ କରୁଥିଲେ। ଗୌତମ ବୁଦ୍ଧଙ୍କ ବାହାଘର ରାଜକୁମାରୀ ଯଶୋଧାରାଙ୍କ ସହ ହୋଇଥିଲା। ସେତେବେଳକୁ ଯଶୋଧାରାଙ୍କୁ ୧୬ ବର୍ଷ ବୟସ ହୋଇଥାଏ। ସେ ତାଙ୍କଠାରୁ କିଛି ବର୍ଷ ବଡ଼ ଥିଲେ। ବୁଦ୍ଧ ବିବାହ କରିବାକୁ ଚାହୁଁନଥିଲେ। ତାଙ୍କ ପିତା ଜବରଦସ୍ତି ତାଙ୍କ ବିବାହ କରିଦେଇଥିଲେ। ଯେଉଁଦିନ ଯଶୋଧାରା ପୁଅ ରାହୁଲକୁ ଜନ୍ମଦେଲେ, ସେହି ରାତିରେ ଗୌତମ ବୁଦ୍ଧ ରାଜମହଲ ଛାଡି ଚାଲିଗଲେ। ତାପରଠୁ ନା'ସେ କେବେ ଘରକୁ ଫେରିଲେ ନା ଗୃହସ୍ଥ ଜୀବନକୁ ପ୍ରତ୍ୟାବର୍ତ୍ତନ କଲେ। ସେତେବେଳକୁ ଯଶୋଧାରାଙ୍କୁ ୨୯ବର୍ଷ ହୋଇଥିଲା। ସ୍ୱାମୀଙ୍କ ଯିବା ପରେ ସେ ସାଧାରଣ ମଣିଷଭାବେ ବଞ୍ଚିବା ଆରମ୍ଭ କରିଥିଲେ। ଗୌତମ ବୁଦ୍ଧଙ୍କ ପତ୍ନୀ ପୁଅ ରାହୁଲର ଲାଳନପାଳନ କରିବା ସହ ସନ୍ଥଙ୍କ ଭଳି ଜୀବନ ଯାପନ କଲେ। ମୂଲ୍ୟବାନ ବସ୍ତ୍ର, ଅଳଙ୍କାରକୁ ତ୍ୟାଗ କରିଦେଲେ। ହଳଦିଆ ରଙ୍ଗର ବସ୍ତ୍ର ପନ୍ଧିବା ସହ ଦିନରେ ଗୋଟେ ଥର ଭୋଜନ କରୁଥିଲେ। ଯଶୋଧାରାଙ୍କ ଜୀବନ ଉପରେ ଅନେକ ବହି ଲେଖାହୋଇଛି। ମୈଥିଲିଶରଣ ଗୁପ୍ତ ରଚନା ଯଶୋଧରା (କାବ୍ୟ) ପ୍ରସିଦ୍ଧ। ବିଶ୍ୱାସ କରାଯାଏ ଯେ ଯଦି ରାହୁଲକୁ ସେ ଜନ୍ମ ଦେଇନଥାନ୍ତେ, ତେବେ ହୁଏତ ସେ ଜୀବନ ତ୍ୟାଗ କରିଦେଇଥାଆନ୍ତେ। ଗୌତମ ବୁଦ୍ଧ ଇକ୍ଷାକୁ ରାଜବଂଶର ରାଜକୁମାର ଥିଲେ ତାଙ୍କ ନାମ ସିଦ୍ଧାର୍ଥ ଥିଲା। ଆଉ ଯଶୋଧରା ତାଙ୍କ ପିଉସୀଙ୍କ ଝିଅ ଥିଲେ। ବିବାହ ପୂର୍ବରୁ ବୁଦ୍ଧଙ୍କ ସ୍ୱଭାବ ଆଧ୍ୟାତ୍ମିକ ଥିଲା।

## କାଶୀ ବିଶ୍ୱନାଥଙ୍କ ପୀଠରେ ବିଷୁବ ସଂକ୍ରାନ୍ତି

ରେଢାଖୋଲ,(ନିପ୍ର): ପଶ୍ଚିମ ଓଡ଼ିଶାର ଏକ ନିଆରା ପର୍ବ ତଥା ଓଡ଼ିଆ ଜାତିର ପର୍ବ ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି । ଚୈତ୍ର ମାସରେ ପଡ଼ିଥାଏ ଏବଂ ଏହି ମାସରେ ସଂକ୍ରାନ୍ତିରେ ମେରୁ ତଥା ଦଣ୍ଡ ଯାତ୍ରା ସ୍ଥାନେ ସ୍ଥାନେ ପାଳନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲା ରେଢାଖୋଲରେ ବାବା କାଶୀ ବିଶ୍ୱନାଥଙ୍କ ପୀଠରେ ମଧ୍ୟ ପାଳିତ ହୋଇଛି । ଚାରିଟି ଦଣ୍ଡ ପାର୍ଟି ଝାମୁ ଯାତ୍ରା ପାଇଁ ଗ୍ରାମ ଗ୍ରାମ ବିଭିନ୍ନ ସାହି, ପଡା ବୁଲି ବୁଲି ଶେଷରେ ଶିବଶଙ୍କର ପଡା ସ୍ଥିତ ବାବା କାଶୀ ବିଶ୍ୱନାଥ ମନ୍ଦିରରେ ପହଞ୍ଚି ସେଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ପାଣି ଦଣ୍ଡ ଭାଙ୍ଗି ଶେଷରେ ଜୁରଘାଟକୁ ଯାଇ ବାଲିପୂଜା କରି ପୁଣି ମନ୍ଦିର ଭିତରକୁ ଆସିଥାନ୍ତି । ଏହାପରେ ନିଜନିଜର ସ୍ଥାନରେ ପୂଜାର୍ଚ୍ଚନା କରି ଭଗବାନଙ୍କ ଠାରେ ପଣା ଭୋଗ ଲଗାଇଥାନ୍ତି । ଚଳିତ ବର୍ଷ ରେଢ଼ାଖୋଲ ବାବା କାଶୀ ବିଶ୍ୱନାଥ ମନ୍ଦିର ରେ ଚାରୋଟି ଦଣ୍ଡ ଶର୍ବ



ମାଳି ଦଣ୍ଡ,ସାଲେସିଂ ଦଣ୍ଡ,ଖନ୍ଦାଡିପ ଦଣ୍ଡ,କେଡିଆ ଦଣ୍ଡ ଉଠାଯାଇଥିବା ବେଳେ ଏହି ପର୍ବରେ ପୌରାଣିକ କିମ୍ବଦନ୍ତୀ ଓ ପରମ୍ପରା ଆଧାରିତ ପାଣିଦଣ୍ଡ ଯାତ୍ରା ବିଶେଷ ଆକର୍ଷଣ ପାଲଟିଥିଲା ।

## ମକଡ୍ରିଲ୍ ମାଧ୍ୟମରେ ଲୋକଙ୍କୁ ସଚେତନତା ବାର୍ତ୍ତା

ରେଢ଼ାଖୋଲ,(ନିପ୍ର): ରେଢ଼ାଖୋଲ ସହର ସ୍ଥିତ



ବସଷ୍ଟାଣ୍ଡ ପରିସରରେ ରେଢ଼ାଖୋଲ ଅଗ୍ନିଶମ ବିଭାଗ ପକ୍ଷରୁ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଓ ମକଡ୍ରିଲ କରି ବିଭିନ୍ନ ଜନଗହଳି ସ୍ଥାନ, ବିଦ୍ୟାଳୟ, ଡାକ୍ତର ଖାନା, ଗୁଡିକରେ ଘଟିଯାଉଥିବା ଅଘଟଣକୁ ଏଡେଇବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରେଢ଼ାଖୋଲ ଅଗ୍ନିଶମ ବିଭାଗ ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗର ହାବିଲଦାର ଦୁର୍ଯ୍ୟୋଧନ ସାହୁ, ହାବିଲଦାର ସୁଶାନ୍ତ କୁମାର ସାମଲ, ସତ୍ୟବାନ ସାହୁ, ବିଭୁକାନ୍ତ ଶତପଥୀ, ହାବିଲଦାର ଗଜାନନ ପ୍ରଧାନ ବିଭିନ୍ନ ପ୍ରକାରର ଅଗ୍ନିକାଣ୍ଡର କାରଣ ଓ ନିରାକରଣ ଉପରେ ସଚେତନତାର ମକଡ୍ରୀଲ୍ ଦେଖାଇଥିଲେ । ଏଥିସହ ଗ୍ୟାସ, ତେଲ, ଧାତୁ ଜନିତ ନିତ ଏବଂ ବିଦ୍ୟୁତ୍ ସଟ୍‌ସର୍କିଟ୍‌ରୁ ଘଟୁଥିବା ଅଗ୍ନିକାଣ୍ଡ ସମୟରେ ନିଜେ କିପରି ସଚେତନ ହୋଇ ଏହି ଦୁର୍ଘଟଣାରୁ ଧନଜୀବନ ରକ୍ଷା କରାଯାଇ ପାରିବ ଏବଂ ଅଗ୍ନିକାଣ୍ଡରେ ନିଆଁକୁ ଲିଭାଯାଇ ପାରିବ ସେ ସମ୍ପର୍କରେ ଅଧିକାରୀ ସୂଚନା ଦେବାସହ ମକଡ୍ରିଲ୍ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଇଥିଲେ। ସେହିପରି ପାଣିରେ ବୁଡ଼ି ଯାଉଥିବା ବ୍ୟକ୍ତିଙ୍କୁ କିପରି ସୁରକ୍ଷିତ ଉଦ୍ଧାର କରାଯିବ ସେନେଇ ମଧ୍ୟ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ ।

**କାଶୀନଗର:** କାଶୀନଗର ବ୍ଲକ ଅନ୍ତର୍ଗତ ଭୂପତି ଲକ୍ଷ୍ମୀ ପୁର ଗ୍ରାମ ନିକଟରେ ଥିବା ଅଗ୍ନିଶମ ବିଭାଗ ତରଫରୁ ୧୪ ତାରଖ ଠାରୁ ୨୦ ତାରିଖ ଯାଏଁ ସେବା ଦିବସ ପାଳନ କରାଯାଉଛି। ୧୯୪୪ ମସିହାରେ ଏପ୍ରିଲ ୧୪ ତାରିଖ ଦିନ ବମ୍ବେ ବନ୍ଦରରେ ଜାହାଜରେ କୌଣସି କରଣରୁ ନିଆଁ ଲାଗିବାରୁ ସେହି ଜାହାଜରେ ଥିବା ୭୦ ଜଣ ଅଗ୍ନିଶମ କର୍ମଚାରୀ ଜୀବନ୍ତଦଗ୍ଧ ହୋଇ ଶହୀଦ ହୋଇଯାଇଥିଲେ। ସେହି ଅଗ୍ନିଶମ ଶହୀଦମାନଙ୍କୁ ଉଦ୍ଦେଶ୍ୟରେ ଏହି ସେବା ସପ୍ତାହ ପାଳନ କରି ଜନସାଧାରଣଙ୍କୁ କୌଣସି କରଣରୁ ଯଦି ନିଆଁ ଲାଗିଯାଏ ତାହା ହେଲେ ଉପସ୍ଥିତ ବୁଦ୍ଧି ଖଟେଇ ନିଜେ ନିଆଁ ଦାଉରୁ କିପରି ରକ୍ଷା ପାଇ ପରିବେ ଓ ଅନ୍ୟକୁ ମଧ କିପରି ରକ୍ଷା କରିପାରିବେ। ସେହି ସଚେତନ ବାର୍ତ୍ତା ହେଉଛି ଏହି ଅଗ୍ନିଶମ ବିଭାଗ ସେବା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

## 'ଆମ ରୁଚି ଆମ ଖାଦ୍ୟ' ଦିବସ

ଭଦ୍ରକ,(ନିପ୍ର): ଭଦ୍ରକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ ଓ ପଞ୍ଚାୟତ ସମିତି ପକ୍ଷରୁ "ଆମ ରୁଚି ଆମ ଖାଦ୍ୟ" ଉତ୍ସବ ଆୟୋଜିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂସ୍କୃତିକୁ ପ୍ରଚାର ଓ ପ୍ରସାର କରିବା ସହ ନିଜସ୍ୱ ରୁଚି ଓ ପରମ୍ପରାଗତ ପଦାର୍ଥମାନଙ୍କୁ ଉତ୍ସାହିତ କରାଯାଇଥିଲା।ଏହି ଅବସରରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଓ ଭଦ୍ରକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ମଲ୍ଲିକ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ସେମାନେ ଫାଷ୍ଟ ଫୁଡ୍ ଖାଦ୍ୟରୁ ଦୂରରେ ରହି ପାରମ୍ପରିକ ଓ ସୁସ୍ୱାଦୁ ଖାଦ୍ୟକୁ ଦୈନନ୍ଦିନ ଜୀବନରେ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଛୋଟ ଶିଶୁ ଠାରୁ ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ସମସ୍ତେ ଏହି ପାରମ୍ପରିକ ଖାଦ୍ୟକୁ ଅନୁସରଣ କରି ଓଡ଼ିଆ ପରମ୍ପରାକୁ ଉଜ୍ଜୀବିତ କରି ରଖିବାକୁ ଜୋର ଦେଇଥିଲେ। ଏହାସହ ଉତ୍ସବରେ ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଖାଦ୍ୟକୁ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଦନ କରିଥିଲେ।ଏହି ଅବସରରେ ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଥିଲେ ଯେ, ଓଡ଼ିଆ ଖାଦ୍ୟ ପରମ୍ପରା କେବଳ ସ୍ୱାଦ ନୁହେଁ, ଏହା ଆମ ପରିଚୟର ଅବିଚ୍ଛିନ୍ନ ଅଂଶ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନେ ଆତ୍ମନିର୍ଭରତା ଦିଗରେ ଅଗ୍ରସର ହେଉଛନ୍ତି।

# ଚଇତି ପର୍ବ: ସୁନାବେଶରେ ଦର୍ଶନ ଦେଉଛନ୍ତି ମା' ତାରିଣୀ

କେନ୍ଦୁଝର,(ହି.ସ.): ଘଟଗାଁ ମାତାରିଣୀଙ୍କର ୯୦ତମ ଚଇତି ପର୍ବର ୬ଷ୍ଠ ଦିନ । ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ମାତାରିଣୀଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଛି । ଏହି ଅବସରରେ ସୁନାବେଶରେ ଦର୍ଶନ ଦେଉଛନ୍ତି ମା । ଯାହାକୁ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି । ୧୯୩୭ ମସିହାରୁ ପାଳିତ ହେଉଥିବା ଘଟଗାଁ ମା ତାରିଣୀଙ୍କର ଚଇତି ପର୍ବ, ଏବର୍ଷ ୯୦ ବର୍ଷରେ ପହଞ୍ଚିଛି । ଗତ ୯ ତାରିଖରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୧୫ ତାରିଖ ଯାଏ ଚାଲିବାକୁ ଥିବା ଏହି ପର୍ବ ପାଳନ ପାଇଁ ମନ୍ଦିର ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ରୌଦ୍ରତାପକୁ ଦୃଷ୍ଟିରେ ରଖି ମନ୍ଦିର ପରିସରକୁ ସମ୍ପୂର୍ଣ୍ଣ ରୂପେ ଚାନ୍ଦୁଆରେ ଆଚ୍ଛାଦିତ କରାଯିବା ସହ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ସମ୍ମୁଖରେ ବ୍ୟାରିକେଡ୍ ଲଗାଯାଇଛି । ମନ୍ଦିର ପରିସରରେ ଥିବା ସାଂସ୍କୃତିକ ମଣ୍ଡପରେ ସକାଳ ୯ଟାରୁ ସନ୍ଧ୍ୟା ସାଢ଼େ ୫ଟା ଯାଏ ବିଭିନ୍ନ



ଭକ୍ତିମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଆରମ୍ଭ ହୋଇଛି । ଏଥିସହ, ବସଷ୍ଟାଣ୍ଡରେ ସନ୍ଧ୍ୟା ସାଢ଼େ ୫ଟାରୁ ରାତିସାରା ଦାସକାଠିଆ, ପ୍ରବଚନ ଏବଂ ବାଦୀପାଲା ଅନୁଷ୍ଠିତ ହେଉଛି । ମନ୍ଦିରରେ ପ୍ରତିଦିନ ଶ୍ରଦ୍ଧାଳୁଙ୍କୁ ମାଗଣା ଅନ୍ନପ୍ରସାଦ ସହିତ ପଣା ବଣ୍ଟନର ବ୍ୟବସ୍ଥା କରାଯାଇଛି ।

ଚଇତି ପର୍ବର ୬ଷ୍ଠ ଦିନ, ଆଜି ପଣାସଂକ୍ରାନ୍ତି, ଓଡ଼ିଆ ନବବର୍ଷରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଛନ୍ତି । ଭକ୍ତଙ୍କର ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ତଥା ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ବୋଲି ପ୍ରକାଶ କରିଛନ୍ତି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର। ଏହି ଅବସରରେ ବହୁ ଭକ୍ତ ଦୂରଦୂରାନ୍ତ ଆସି ମାଙ୍କ ଦର୍ଶନ ପାଇ ଆନନ୍ଦ ଲାଭ କରିଥିବା ପ୍ରକାଶ କରିଛନ୍ତି ନିତାଞ୍ଜଳି ବାରିକ। ମା ଙ୍କ ମହିମା ବହୁତ୍। ତାଙ୍କୁ ଯାହା ମାଗିଲେ ମା ହାତ ଖୋଲି ଦିଅନ୍ତି ବୋଲି ବିଶ୍ୱାସ ରହିଛି ବୋଲି ପ୍ରକାଶ କରିଛନ୍ତି ଭକ୍ତ । ଆଜି ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ମାଆଙ୍କ ଦର୍ଶନ କରିବେ ବୋଲି ଜଣାପଡିଛି ।

## ପାରଳାଖେମୁଣ୍ଡିରେ ପାରଦ ଉପରମୁହାଁ

ପାରଳାଖେମୁଣ୍ଡି,(ନିପ୍ର): ପ୍ରଚଣ୍ଡ ରୌଦ୍ରରେ ଜଳୁଛି। ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମଧ୍ୟାହ୍ନରେ ପାରଳାଖେମୁଣ୍ଡି ସହରର ସର୍ବୋଚ୍ଚ ସର୍ବୋଚ୍ଚ ତାପମାତ୍ରା ଏବେ ୪୦ ଡିଗ୍ରିରୁ ଅଧିକ ରହିଛି । ଫଳରେ ଲୋକେ କେ ନାହିଁ ନଥିବ ଅସୁବିଧା ସମ୍ମୁଖୀନ ହେଉଛନ୍ତି।ଦିନସାରା ଲୋକେ ଘରୁ ବାହାରକୁ ବାହାରି ପାରୁନଥିବା ବେଳେ ସନ୍ଧ୍ୟା ହେଲେ ହିଁ ଘରୁ



ବାହାରକୁ ଆସୁଛନ୍ତି। ଜରୁରୀ କାମ ଥିଲେ ଛତା ଓ ଟୋପି ନେବା ସହ ମୁଣ୍ଡରେ ଗାମୁଛା ପକାଇ ବାହାରୁଛନ୍ତି । ଦିନ ୧୧ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅଧିକାଂଶ ଦୋକାନ ବଜାର ବନ୍ଦ ରହୁଥିବା ବେଳେ ରାସ୍ତାଘାଟ ଶୂନଶାନ ହେଉଛି । ଅନ୍ୟପକ୍ଷରେ ଅଂଶୁଘାତର ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରିବାକୁ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଅଂଶୁଘାତର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସଜାଗ ରହିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଥିପାଇଁ ଶୀତତାପ ନିୟନ୍ତ୍ରଣ ବିଶିଷ୍ଟ ଦୁଇଟି ସ୍ୱତନ୍ତ୍ର କୋଠରି ବ୍ୟବସ୍ଥା କରାଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଶାନ୍ତନୁ କୁମାର ପାଢ଼ୀ କହିଛନ୍ତି। ସୂଚନା ଥାଉକି, ଗଜପତି ଜିଲ୍ଲା ଏମିତି ଏକ ଭୌଗୋଳିକ ସ୍ଥିତିରେ ଅବସ୍ଥିତ, ଫଳରେ ସମସ୍ତ ଋତୁର ପ୍ରଭାବ ଏଠି ସମାନ ଭାବରେ ପଡ଼ିଥାଏ । ତେଣୁ ପ୍ରତିବର୍ଷ ମୁଣ୍ଡଫଟା ଖରା ଅନୁଭୂତ ହୁଏ ।

## ରାଜ୍ୟ ସିଏମ୍ ଟ୍ରଫିର ପଞ୍ଚମ ଦିବସ

## ଟିଏସଏଫ ମୁର୍ଗା ଓ ରାଇକଳା ହାଇସ୍କୁଲ ମ୍ୟାଚ ୧-୧ ରେ ଅମୀମାଂସିତ

କେନ୍ଦୁଝର,(ନିପ୍ର) : ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ୧୪ ବର୍ଷରୁ କମ (ବାଳିକା )ସିଏମ ଫୁଟବଲ ପ୍ରତିଯୋଗିତାର ଲିଗ ପଦ୍ଧତିରେ ଅନୁଷ୍ଠିତ ଆଜି ପଞ୍ଚମ ଦିବସରର ଏକମାତ୍ର



ଖେଳ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା । ଟାଟା ଷ୍ଟିଲ ଫାଉଣ୍ଡେସନ, ମୁର୍ଗା ଏବଂ ରାଇକଳା ହାଇସ୍କୁଲ ମଧ୍ୟରେ ଆଜିର ଏହି ଖେଳଟି ଆରମ୍ଭରୁ ଶେଷ ହୁଇସିଲ ବାଜିବା ପର୍ଯ୍ୟନ୍ତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଏବଂ ସଂଘର୍ଷପୂର୍ଣ୍ଣ ଭାବେ ସମାପ୍ତ ହୋଇଥିଲା । ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ଗୋଲ ଦେବାର କେତୋଟି ସୁଯୋଗ ପାଇଥିଲେ ହେଁ ପୁରୋଭାଗର ଖେଳାଳୀ ମାନେ ଶେଷ ସ୍ପର୍ଶ ଦେବାରେ ସଫଳ ହୋଇନଥିଲେ। ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ଭାବେ ସମାପ୍ତ ହେବାପରେ ଦ୍ୱିତୀୟାର୍ଦ୍ଧର ୩୪ ମିନିଟରେ ରାଇକଳା ହାଇସ୍କୁଲର ୪ ନମ୍ବର ଖେଳାଳୀ ସୁପ୍ରିୟା ମୁଣ୍ଡା ଦଳ ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ । ମାତ୍ର ସେମାଙ୍କର ସେ ଖୁସି ବେଶି ସମୟ ରହି ନଥିଲା । ଏହାର ଠିକ୍ ୧୧ ମିନିଟ ପରେ ଟାଟା ଷ୍ଟିଲ ଫାଉଣ୍ଡେସନର ରାଇଟ ଉଇଁଗର ପୂର୍ଣ୍ଣିମା ମୁଣ୍ଡା ଗୋଲଟିକୁ ପରିଶୋଧ କରି ଖେଳକୁ ସମାନ ସ୍ତରକୁ ଆଣିଥିଲେ । ଏହି ଖେଳଟି ୧-୧ ଗୋଲରେ ଅମୀମାଂଶିତ ରହିବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ ।

ଆଜି ପୂର୍ବାହ୍ନରେ ଖେଳ ଆରମ୍ଭ ହେବା ପୂର୍ବରୁ ମୁଖ୍ୟ ଅତିଥି ଜିଲ୍ଲା କ୍ରୀଡା ଛାତ୍ରାବାସର ଦୌଡ଼କୁଦ ପ୍ରଶିକ୍ଷକ ଅନିଲ ଶର୍ମାଙ୍କ ସହ ଉଭୟ ଦଳର ଖେଳାଳୀମାନଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଆଜିର ଖେଳରେ ବେଣୁଧର ମୁଣ୍ଡା ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ଯୋଗେନ୍ଦ୍ର ମାଝୀ ଓ ସନ୍ତୋଷ ମହାକୁଡ଼ । ଚତୁର୍ଥ ରେଫରୀ ଥିଲେ ସନ୍ତୋଷ ବିଜୟ କୁମାର ମୁଣ୍ଡା । ଫାଓ ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ନିଯୁକ୍ତ ହୋଇ ଦାୟିତ୍ୱ ନିର୍ବାହ କରିଥିଲେ।

## ସି.ଏମ୍. ଟ୍ରଫି କ୍ରୀଡ଼ା ମହୋତ୍ସବ

ଭଦ୍ରକ,(ନିପ୍ର): ଓଡ଼ିଶା ସରକାରଙ୍କ କ୍ରିଡ଼ା ଓ ଯୁବସେବା ବିଭାଗ ଆନୁକୁଲ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଭଦ୍ରକ ଜିଲ୍ଲା ଆଥଲେଟିକ ଆସୋସିଏସନ୍ ମିଳିତ ଆୟୋଜନରେ ଭଦ୍ରକ ସ୍ୱୟଂଶାସିତ କଲେଜ ପଡ଼ିଆରେ ଆରମ୍ଭ ହୋଇଥିବା ପ୍ରଥମ ସିଏମ ଟ୍ରଫି କବାଡ଼ି ଓ ଖୋ-ଖୋ ବାଳକ ଓ ବାଳିକା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାଟି ୧୦ ଏପ୍ରିଲରୁ ଆରମ୍ଭ ହୋଇଥିଲା। ଏହି ପ୍ରତିଯୋଗିତାର ବାଳକ କବାଡ଼ି ଫାଇନାଲରେ କାଦବରାଙ୍ଗ ବିଦ୍ୟାଳୟ ବିଜେତା ହୋଇଥିବା ବେଳେ ଏସ ବି ଡି ସ୍ପୋର୍ଟସ ଏକାଡେମୀ ଉପ ବିଜେତା ହୋଇଅଛି। ସେହିପରି ବାଳିକା ବିଭାଗରେ କାଁପଡା ବାସୁଳୀ ସ୍କୁଲ ବିଜେତା ହୋଇଥିବା ବେଳେ ଓ ଆଦର୍ଶ ବିଦ୍ୟାଳୟ ଓଲଙ୍ଗ ଉପବିଜେତା ହୋଇଅଛି। ସେହିପରି ଅନ୍ୟ ପକ୍ଷରେ ଖୋ ଖୋ ପ୍ରତିଯୋଗିତାରେ ଦିନାପାଣି ହାଇସ୍କୁଲ



ଉଭୟ ବାଳକ ଓ ବାଳିକା ବର୍ଗରେ ବିଜେତା ହୋଇଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ ଉପବିଜେତା (ବାଳକ) ଓ ଦପା ନାୟକାନୀ ସ୍କୁଲ (ବାଳିକା) ଉପବିଜେତା ହୋଇଛି। ଏଇ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା କ୍ରିଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, ଜିଲ୍ଲା ଆଥଲେଟିକ ଆସୋସିଏସନ୍ର ସଂପାଦକ ଧିରେନ ପଲାଇ, ଯୁଗ୍ମ ସଂପାଦକ ଅତିସ୍ କୁମାର ବେହେରା, ଆସୋସିଏସନ୍ର ସମସ୍ତ ସଦସ୍ୟ ବିଜୟୀ ଦଳକୁ ଟ୍ରଫି ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଖେଳଳୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଲୋକାର୍ପିତ ହେଲା 'ବଉଳ ଫୁଲର ବାସ୍ନା'

ତାଳଚେର,(ନିପ୍ର): ତାଳଚେରର ବିଶିଷ୍ଟ ଗବେଷକ ତଥା ଗାଳ୍ପିକ ଡ.ପ୍ରଶାନ୍ତ କୁମାର ରଥଙ୍କ ସ୍ୱରଚିତ ଗଳ୍ପ ସଂକଳନ "ବଉଳ ଫୁଲର ବାସ୍ନା" ଲୋକାର୍ପିତ ହୋଇଯାଇଛି। ପବିତ୍ର ପଣା ସଂକ୍ରାନ୍ତି ପାଳନ ଅବସରରେ ଜିଲ୍ଲା ସାହିତ୍ୟ ସଂସଦ, ଅନୁଗୋଳର ସାମ୍ବତ୍ସରିକ ବିଷୁବ ମିଳନ ଉତ୍ସବ ଅନୁଗୋଳ ରୋଟାରୀ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି



। ଜିଲ୍ଲା ସାହିତ୍ୟ ସଂସଦର ଉପସଭାପତି ପ୍ରଫେସର ଶାନ୍ତନୁ କୁମାର ସରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ, ସମ୍ମାନିତ ଅତିଥି ଭାବରେ ରୋଟାରୀ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ନିଖିଳ ରଞ୍ଜନ ମିଶ୍ର, ମୁଖ୍ୟ ବକ୍ତା ଭାବରେ କେଦାର ମିଶ୍ର ଓ ସଂସଦର ସମ୍ପାଦକ ରାଧାକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ବଉଳ ଫୁଲର ବାସ୍ନା ଗଳ୍ପ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଜଣେ ଗବେଷକ, କବି ତଥା ସାହିତ୍ୟିକ ଭାବରେ ଖ୍ୟାତିଲାଭ କରିଥିବା ଡ.ପ୍ରଶାନ୍ତ କୁମାର ରଥଙ୍କ ସ୍ୱରଚିତ ପୁସ୍ତକଗୁଡିକ ମଧ୍ୟରୁ ସଂଗ୍ରାମୀ ପଂଚସଖା, ତାଳଚେର ଲୋକ ସଂସ୍କୃତି, ତାଳଚେର ଇତିହାସ, ତାଳଚେର ଭୂଗୋଳ, ତାଳଚେର ପ୍ରଜା ଆନ୍ଦୋଳନ ଇତ୍ୟାଦି ଗବେଷଣାମୂଳକ ପ୍ରବନ୍ଧ ଗ୍ରନ୍ଥ, ଜହ୍ନ ଉଙ୍କିବାର ବେଳ ବହୁ କବିତା,ଗଳ୍ପ ତଥା ପ୍ରବନ୍ଧ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ବହୁ ପାଠକୀୟ ସ୍ୱୀକୃତି ଲାଭ କରିଛି।

## ହିନ୍ଦୁ ନବବର୍ଷ ଓ ହନୁମାନ ଜୟନ୍ତୀ

ଆସିକା,(ନିପ୍ର): ପବିତ୍ର ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ଅବସରରେ ସାରା ଆସିକା ସହର ଉତ୍ସବମୁଖର ହୋଇଉଠିଛି। ଏହି ଅବସରରେ ସହରରେ ଥିବା ହନୁମାନ ମନ୍ଦିର ଓ ରାମ ମନ୍ଦିରଗୁଡିକରେ ହନୁମାନ ଜୟନ୍ତୀ ପାଳନ ହୋଇଯାଇଛି। ହନୁମାନ ଜୀଙ୍କ ପବିତ୍ର ପଞ୍ଚାମୃତ ସ୍ନାନ ବେଶ ସହ ବାଲଭୋଗ ଓ ମଙ୍ଗଳ ଆଳତୀ ହୋଇଯାଇଛି ।ଶହଶହ ଭକ୍ତ ସଙ୍କଟ ମୋଚନଙ୍କ ଦର୍ଶନ କରି ହନୁମାନ ଚାଳିସା, ହୋମ,ପୂଜା, ଆରତୀ ପରେ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। କେତେକ ମନ୍ଦିରରେ କନିକା ଭୋଗ ସହ ମିଷ୍ଟାନ୍ନ ସହ ବିଭିନ୍ନ ଫଳ ବଣ୍ଟନ କରାଯାଇଥିଲା । ପ୍ରଭୁଙ୍କ ବିଭିନ୍ନ ବେଶରେ ସଜ୍ଜିତ ହୋଇଥିବା ଦେଖିବାକୁ ମିଳିଥିଲା ମନ୍ଦିର ଗୁଡିକ ପୁଷ୍ପ ମଣ୍ଡିତ ସହ ତୋରଣ ମାଳାରେ ସଜ୍ଜିତ ହୋଇଥିଲା। ପ୍ରତ୍ୟେକ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଆସିକା ଲାଲା



ଗର୍ଜି ସ୍ଥିତ ହନୁମାନ ମନ୍ଦିର, ମକୁନ୍ଦ ପୁର ସ୍ଥିତ ହନୁମାନ ମନ୍ଦିର, ପାଟିଲି ଗୁଡା ହନୁମାନ ମନ୍ଦିର,ଅଶୋକ ସିନେମା ହଲ ହନୁମାନ ମନ୍ଦିର,ବାଣୀବିହାର ପ୍ରଣବ ଟ୍ରଷ୍ଟ (ମମ) ହନୁମାନ ସମିତି ଠାରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ମନ୍ଦିର କୁ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ଭକ୍ତ ଆସିଥିବା ଦେଖିବାକୁ ମିଳିଛି। ସେହିପରି ସହର ଓ ଗ୍ରାମରେ ପ୍ରତ୍ୟେକ ମନ୍ଦିରରେ ଓଡ଼ିଆ ନବ ବର୍ଷ ଉପଲକ୍ଷେ ପ୍ରଭୁଙ୍କ ନିକଟରେ ପଞ୍ଜିକା ପୂଜା କରାଯାଇ ଯଜମାନ ଓ ପୁରୋହିତ ମନେ ନୂଆ ପାଞ୍ଜି ପାଠ କରି ବର୍ଷର ସମସ୍ତ ଫଳା ଫଳ ଭକ୍ତ ମାନକୁ ଶୁଣାଇଥିଲେ।

## କେନ୍ଦୁଝରରେ ଭାରତରତ୍ନ ଆମ୍ବେଦକର ଜୟନ୍ତୀ

କେନ୍ଦୁଝର,(ନିପ୍ର): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ତା ୧୪ ରିଖ ମଙ୍ଗଳବାର ଭାରତରତ୍ନ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଗତ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଜି ଓଡିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ଏବଂ ଆମ୍ବେଦକରଙ୍କ ଜୟନ୍ତୀର ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ସେଠାରେ ସ୍ଥାପିତ ସମ୍ବିଧାନ ପ୍ରଣେତା ଡଃ ଆମ୍ବେଦକର, ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଦେଶ ଓ ଜାତି ଗଠନରେ ସେମାନଙ୍କର ଅତୁଳନୀୟ ଅବଦାନକୁ ସ୍ମରଣ କରିଥିଲେ। କାର୍ଯ୍ୟାଳୟର ଦରବାର ହଲ୍‌ଠାରେ ଆୟୋଜିତ ଡଃ. ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ସମାରୋହର ଆୟୋଜିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଯୋଗଦେଇ ଦେଶ ପାଇଁ ଡ଼ଃ ଆମ୍ବେଦକରଙ୍କ ଅବଦାନ ଅତୁଳନୀୟ ବୋଲି କହିଛନ୍ତି । ସେହିପରି ମୁଖ୍ୟ ବକ୍ତା ଭାବେ ପ୍ରାଧ୍ୟାପକ ବିମ୍ବାଧର ବେହେରା ସମାଜରୁ ଭେଦଭାବ, ଛୁଆଁ ଅଛୁଆଁ ମନୋଭାବ ଦୂର କରିବା ପାଇଁ ଡକ୍ଟର ଆମ୍ବେଦକରଙ୍କ ଅବଦାନ ସର୍ବଦା ମହାନ୍ ହୋଇ ରହିବ ବୋଲି କହିବା ସହ ଡ଼ଃ ଆମ୍ବେଦକରଙ୍କ ବ୍ୟକ୍ତିତ୍ୱ, ଦକ୍ଷତା, ଜ୍ଞାନ ଗାରିମା ଏବଂ ସମାଜ ସଂସ୍କାର ସବୁବେଳେ ଉତ୍ତରପିଢ଼ିଙ୍କୁ ପ୍ରେରଣା ଯୋଗାଇବ । ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ପାଇଁ ସମ୍ବିଧାନ ପ୍ରଣୟନରେ ସେ ଯେଉଁ ନିଷ୍ଠା, ପରାକାଷ୍ଠା ଓ ଦୂରଦୃଷ୍ଟି ପ୍ରତିପାଦନ କରିଛନ୍ତି ତାହା ଭାରତ ଏବଂ ଭାରତର ସମ୍ବିଧାନକୁ ଅନନ୍ୟ କରିଛି । ବିଶେଷ କରି ଭାରତୀୟ ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାର, ସମତା, ଭ୍ରାତୃତ୍ୱ ଏବଂ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ନ୍ୟାୟ ଭାରତୀୟ ସମ୍ବିଧାନର ବିଶେଷତ୍ୱ ପାଲଟିଛି ବୋଲି କହିଥିଲେ । ଆଧୁନିକ ଭାରତରେ ମଧ୍ୟ ଡ଼ଃ ଆମ୍ବେଦକରଙ୍କ ଜୀବନାଦର୍ଶର ପ୍ରାସଙ୍ଗିକତା ରହିଛି । ସୁସ୍ଥ ସମାଜ ଓ ସମୃଦ୍ଧ ଦେଶ ଗଠନ ପାଇଁ ଡକ୍ଟର ଆମ୍ବେଦକରଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ଶ୍ରୀ ବେହେରା ଆହ୍ୱାନ ଜଣାଇଥିଲେ । ଏହି ସମାରୋହରେ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ଅତିରିକ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଧା ଗୋସ୍ୱାମୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ ଚନ୍ଦ୍ର ନାୟକ, ସହକାରୀ ଜିଲ୍ଲାପାଳ ସରୋଜ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ଡକ୍ଟର ଆମ୍ବେଦକରଙ୍କ ଜୟନ୍ତୀ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ଦିନ ।

## 'ଆମ୍ବେଦକରଙ୍କ ଜୀବନାଦର୍ଶ ଉତ୍ତରପିଢ଼ିଙ୍କ ପାଇଁ ଶ୍ରେଷ୍ଠ ପ୍ରେରଣା'

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭାରତରତ୍ନ ବାବାସାହେବ ଡଃ.ଭୀମରାଓ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଏହି ଅବସରରେ ନୂଆ ବସ ଷ୍ଟାଣ୍ଡ ଠାରେ ଥିବା ବାବାସାହେବ ଡଃ.ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ସମସ୍ତ ଅତିଥିଙ୍କ ଦ୍ୱାରା ପୁଷ୍ପ ମାଲ୍ୟାର୍ପଣ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗଦେଇଥିବା ବେଳେ



ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ମୁନନ୍ଦ୍ର ହୋନନାଗା,ପାରଳାଖେମୁଣ୍ଡି ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, ନିର୍ବାହୀ ଅଧିକାରୀ, ପୌରପରିଷଦ ପାରଳାଖେମୁଣ୍ଡି, ଲକ୍ଷ୍ମଣ କୁମାର ମୁର୍ମୁ ସମେତ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ମୁଖ୍ୟ ଅତିଥି ତଥା ସମସ୍ତ ସମ୍ମାନିତ ଅତିଥି ଗଣ କହିଥିଲେ ଯେ ଭାରତର ସମ୍ବିଧାନ ଗଠନ କରିବା ଦିଗରେ ଆମ୍ବେଦକରଙ୍କ ଭୂମିକା, ସଂଘର୍ଷମୟ ଜୀବନୀ, କାର୍ଯ୍ୟାବଳୀ, ବିଭିନ୍ନତା, ରାଜନୈତିକ, ଅର୍ଥନୈତିକ, ଦାର୍ଶନିକ, ସମାଜ ସଂସ୍କାରକ ପ୍ରଭୃତିର ଅଧିକାରୀ ରହି ଭାରତୀୟ ସମ୍ବିଧାନର ପ୍ରତିଷ୍ଠା କରିଥିଲେ । ଆମ୍ବେଦକରଙ୍କର ଭୂମିକା ସଂରକ୍ଷଣ ବ୍ୟବସ୍ଥା ଓ ସମ୍ବିଧାନ ପ୍ରଣୟନ ସମୟରେ ବିଜ୍ଞତାର ପରିଚୟ ଦେଇଥିବା ମତବ୍ୟକ୍ତ କରିଥିଲେ । ସେ ବହୁ ଦେଶର ଗଣତାନ୍ତ୍ରିକ ସମ୍ବିଧାନ ଅଧ୍ୟୟନ କରି ଭାରତୀୟ ସମ୍ବିଧାନ ପ୍ରସ୍ତୁତ କରିଥିବା ଏବଂ ଏହାର ସାରମର୍ମ ସମ୍ପର୍କରେ ଅବଗତ କରାଇଥିଲେ । ଆମ୍ବେଦକର ସ୍ୱତନ୍ତ୍ରତା, ସମାନତା ଓ ସାମାଜିକ ନ୍ୟାୟ ଆଧାରିତ ସମାଜ ନିର୍ମାଣ କରିବା ପାଇଁ ଆଜୀବନ ପ୍ରଚେଷ୍ଟା କରିଥିଲେ ବୋଲି ଅତିଥିଗଣ କହିଥିଲେ ।

**ରାଉରକେଲା,:** ଭାରତୀୟ ସମ୍ବିଧାନର ସ୍ଥପତି, ସାମାଜିକ ନ୍ୟାୟର ପ୍ରତୀକ 'ଭାରତ ରତ୍ନ' ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀରେ ରାଉରକେଲା ପ୍ରଶାସନ ସମେତ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ସାମାଜିକ ନ୍ୟାୟ, ସମରସତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ତାଙ୍କର ଅତୁଳନୀୟ ଅବଦାନ ଆମ ଗଣତନ୍ତ୍ରକୁ ସୁଦୃଢ଼ କରିଛି। ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ରାଉରକେଲା ପ୍ରଶାସନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ରାଉରକେଲା ଉଦିତନଗର ସ୍ଥିତ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ରାଉରକେଲା ଉଦିତନଗର ଆମ୍ବେଦକର ଛକ ସ୍ଥିତ ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନାଃ ଦସ୍ତଗୀର୍, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଜିଲ୍ଲା ବିଜେପି ସଭାପତି ପୂର୍ଣ୍ଣିମା କେରକେଟା, ରାଉରକେଲା ଓକିଲ



ସଂଘର ସଭାପତି ସଦାନନ୍ଦ ସାହୁ, ରାଉରକେଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସମେତ ବହୁ ବ୍ୟକ୍ତି ବିଶେଷ।

ସେହିପରି ଜିଲ୍ଲା ବିଜେପି ତରଫରୁ ବିଜେପି ସଭାପତି ପୂର୍ଣ୍ଣିମା କେରକେଟାଙ୍କ ନେତୃତ୍ୱରେ ବରିଷ୍ଠ ନେତା ଜଗବନ୍ଧୁ ବେହେରାଙ୍କ ସମେତ ବହୁ ବିଜେପି ସମର୍ଥକ ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଂଗ୍ରେସ ପକ୍ଷରୁ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ସବୀର ହୁସେନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଉଦିତନଗର ଆମ୍ବେଦକର ଛକରେ ଥିବା ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଉଦିତନଗର ଆମ୍ବେଦକର ଛକ ସ୍ଥିତ ଡକ୍ଟର ଭୀମ୍ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟଅର୍ପଣ କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଜୁ ଜନତାଦଳ ପକ୍ଷରୁ ସେକ୍ଟର-୭ ଓ ୧୭ ଛକରେ ଥିବା ଡକ୍ଟର ଭୀମ୍ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ପ୍ରଶାନ୍ତ ସେଠିଙ୍କ ସମେତ ଅନ୍ୟାନ ବିଜେଡି କର୍ମୀ।

**କେନ୍ଦୁଝର:** ବିଶିଷ୍ଟ ସମାଜ ସଂସ୍କାରକ, ଆଇନଜୀବି, ଅର୍ଥନୀତିଜ୍ଞ, ରାଷ୍ଟ୍ରନେତା, ପୂର୍ବତନ ପ୍ରଥମ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ତଥା ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ଼ଃ ଭୀମରାଓ ରାମଜି ଆମ୍ବେଦକରଙ୍କ ୧୩୫ ତମ ଜନ୍ମ ଜୟନ୍ତୀ ସ୍ଥାନୀୟ କଂଗ୍ରେସ ଭବନରେ ଜିଲ୍ଲା କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ଅଧକ୍ଷ ରଶ୍ମିରଞ୍ଜନ ଜେନାଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି କ୍ଷ ପ୍ରଥମେ ସମସ୍ତ କଂଗ୍ରେସ କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯାଳୟରେ ଥିବା ମହାପୁରୁଷ ମାନଙ୍କୁ ପୁଷ୍ପମାଲ୍ୟ ଦେଇଥିଲେ । ଏହି କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଯୋଗ ଦେଇ ଆମ୍ବେଦକରଙ୍କ କାର୍ଯ୍ୟ ଦକ୍ଷତା ଉପରେ ଆଲୋକପାତ କରିଥିଲେ ।ଶ୍ରୀ ଜେନା କହିଥିଲେ ଦେଶରେ ଡ଼ଃ ଭୀମରାଓ ଆମ୍ବେଦକର ନଥିଲେ ଆଇନ କି ଗଣତନ୍ତ୍ର ନଥାନ୍ତା । ଦଳିତ, ଆଦିବାସୀ ଏବଂ ପଛୁଆବର୍ଗ ପାଇଁ ଆଜି ତାଙ୍କର ଅବଦାନ ଏକ ଅତୁଳନୀୟ । ବର୍ତମାନ ଦେଶରେ ବିଜେପି ସରକାର ଆଇନ, ଗଣତନ୍ତ୍ର ଓ ସମ୍ବିଧାନକୁ ନଷ୍ଟ କରାଯାଉଛି । ତେଣୁ ପ୍ରଥମେ ଏହାର ସୁରକ୍ଷା କଥା ଚିନ୍ତା କରିବା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ କେନ୍ଦୁଝର ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ରାଜ୍ୟ ଦଳିତ କଂଗ୍ରେସ ସାଧାରଣ ସମ୍ପାଦକ ରଘୁନାଥ ପାତ୍ର, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଢଳ କୁମାର ସେଠି, କଂଗ୍ରେସ ନେତା ନିର୍ମଳ ନାଏକ, ମୃତ୍ୟୁଞ୍ଜୟ ପ୍ରଧାନ, ହରେକୃଷ୍ଣ ସେଠି, ଶିଶିର କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ।

**ଭଦ୍ରକ,** ଭାରତୀୟ ସମ୍ବିଧାନର ଜନକ, ଭାରତରତ୍ନ ବାବା ସାହେବ ଡକ୍ଟର ଭୀମରାଓ ଜିଲ୍ଲାସ୍ତରୀୟ ଜୟନ୍ତୀ ଆଜି ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୁଲ୍ୟରେ ପାଳିତ ହୋଇଯାଇଛି। ଆଜି ସକାଳ ୧୦:୩୦ ଘଟିକା ସମୟରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକର ମାନ୍ୟବର ସାଂସଦ ଅଭିମନ୍ୟୁ ସେଠୀ ବାବା ସାହେବଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି କହିଥିଲେ ଯେ,



'ଆଦର୍ଶ, ତ୍ୟାଗ ଓ ଶ୍ରେଣୀବିହୀନ ସମାଜ ଗଠନ ପାଇଁ ଡଃ ଆମ୍ବେଦକରଙ୍କ ସଂଗ୍ରାମ ଚିରଦିନ ପାଇଁ ଅଭୁଲା ରହିବ। ସମାଜରୁ ଭେଦଭାବ ଓ ଅସ୍ପୃଶ୍ୟତା ଦୂର କରିବାରେ ତାଙ୍କର ଅବଦାନ ମହାନ। ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ପାଇଁ ସମ୍ବିଧାନ ପ୍ରଣୟନରେ ତାକଂର ଅବଦାନ ଅତୁଳନୀୟ । ଏହି ସଭାର ସଭାପତିତ୍ୱ କରୁଥିବା ଆମ ଜିଲ୍ଲାର ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ ଯୋଗ ଦେଇ କହିଥିଲେ ଡଃ ଆମ୍ବେଦକର ଜଣେ ମହାନ୍ ଚିନ୍ତାନାୟକ, ରାଷ୍ଟ୍ରନାୟକ ଓ ପ୍ରଜ୍ଞାର ପ୍ରତୀକ ଭାବେ ଅଭିହିତ। ସେ କହିଥିଲେ ଯେ, ବାବା ସାହେବଙ୍କ ଉଚ୍ଚ ଆଦର୍ଶ ଓ ମାନବୀୟ ମୂଲ୍ୟବୋଧର ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କର ମାନସିକତା ରହିବା ଉଚିତ। ସମାଜରୁ ଅସ୍ପୃଶ୍ୟତା ଓ ଭେଦଭାବ ଦୂର କରି ଏକ ସୁସ୍ଥ ତଥା ସମତାଭିତ୍ତିକ ସମାଜ ଗଠନ କରିବା ଥିଲା ବାବା ସାହେବଙ୍କ ପ୍ରଧାନ ଲକ୍ଷ୍ୟ। ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ, ପ୍ରତ୍ୟେକ ନାଗରିକ ନିଜର ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ ହେବାଏହି ଅବସରରେ ମୁଖ ବକ୍ତା ଭାବେ ଦଳିତ ମହାସଂଘର ସଭାପତି ଶ୍ରୀ ରାଜେନ୍ଦ୍ର ପ୍ରସାଦ ଜେନା କହିଥିଲେ,'ଆଧୁନିକ ଭାରତର ନିର୍ମାଣରେ ବାବା ସାହେବଙ୍କ ଦୂରଦୃଷ୍ଟି ଅତୁଳନୀୟ।

ତିଥି :(ତ୍ରୟୋଦଶୀ): (ପୂର୍ବଭାଦ୍ର କୁମ୍ଭ)
ଅମୃତ ବେଳା: ଦିବା ଘ ୭।୯ ମଧ୍ୟେ ଘ ୧୧।୫୬ ଗତେ

## ଆଜିର ଅନୁଚିନ୍ତନ

ସମସ୍ତ କର୍ମ ଓ ପଦାର୍ଥ, ଜ୍ଞାନ(ତତ୍ତ୍ୱ ଜ୍ଞାନ)ରେ ସମାପ୍ତ ବା ଲୀନ ହୋଇଯାଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଲୋଡ଼ା ବିଚାରଶୀଳ ଚାପ

ବିଶ୍ୱରେ ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ବୋଲି କୁହାଯାଇଛି। ଇରାନ ସହ ତଥାକଥିତ ଏହି ଶକ୍ତିଶାଳୀ ରାଷ୍ଟ୍ରର ସଂଘର୍ଷ ଆରମ୍ଭ ହେବାର ଦେଢମାସ ଅତିକ୍ରମ କରିଛି। ଏହି ଅବଧିରେ ଇରାନକୁ ମୁକାବିଲା କରିବା ଆମେରିକାର ସାମରିକ ଶକ୍ତି ପକ୍ଷେ କେତେ କଷ୍ଟକର ହୋଇଛି, ତାହା ସାରା ବିଶ୍ୱବାସୀ ଦେଖିଛନ୍ତି ଏବଂ ତାହା ଆମେରିକାର ସାମରିକ ଶକ୍ତି ଉପରେ ପ୍ରଶ୍ନବାଚୀ ଲଗାଇଛି କହିଲେ କିଛି ଭୁଲ୍ ହେବନାହିଁ। ଇସଲାମାବାଦରେ ଶାନ୍ତି କଥାବାର୍ତ୍ତା ବିଫଳ ହୋଇଛି। ଏଣେ ଦୁଇ ସପ୍ତାହର ଯୁଦ୍ଧବିରତି ଚାଲିଥିବାବେଳେ ଆମେରିକା ପକ୍ଷରେ ହର୍ମୁଜ ସାମରିକ ପଥ ଅବରୋଧ କରିବା ଓ ଏହି ପଥ ଦେଇ ଯାହାର ବି ଜାହାଜ ଯାଉ ତାହାକୁ ଧ୍ୱଂସ କରିବାକୁ ଧମକ ଦେବା ସବୁଠୁ ଶକ୍ତିଶାଳୀ କୁହାଯାଉଥିବା ଆମେରିକା ପକ୍ଷେ କଦାପି ଶୋଭନୀୟ ନୁହେଁ।

ଆମେରିକା ଚାହେଁ ହର୍ମୁଜ ଉପରେ ନିରନ୍ତର ନିଜର ନିୟନ୍ତ୍ରଣ ରହୁ। ଇରାନ ଆତ୍ମସମର୍ପଣ କରୁ। ପରମାଣୁ କାର୍ଯ୍ୟକ୍ରମ ବା ପରମାଣୁ ଅସ୍ତ୍ର ତିଆରିରୁ ଏହି ରାଷ୍ଟ୍ର ବିରତ ରହୁ। ଏପରି ନାନାଦି ଦିଗ। କୌଣସି ସାର୍ବଭୌମ ରାଷ୍ଟ୍ର ପ୍ରତି ଅନ୍ୟ କୌଣସି ରାଷ୍ଟ୍ରର ଅବିଚାର ଅଗ୍ରହଣୀୟ ହେବା ସ୍ୱାଭାବିକ। ଇରାନ ତାହାର ଦେଶର ହିତକୁ ସର୍ବପ୍ରାଥମିକତା ଦେଉଥିବା ନେଇ କହିଆସୁଛି ଏବଂ ଏହାକୁ ବଜାୟ ରଖିଚାଲିଛି। ଫେବୃଆରୀ ୨୮ରୁ ଏହା ହର୍ମୁଜ ଜଳପଥକୁ ବନ୍ଦ କରିଥିବା ଏବଂ ଏହାର ମର୍ଜିରେ ବନ୍ଧୁ ରାଷ୍ଟ୍ରଙ୍କ ଜାହାଜ ଛାଡୁଛି, ଯେପରିକି ସଦ୍ୟ ଆମେରିକାର ହର୍ମୁଜ ଅବରୋଧ ପରେ ଚୀନର ଏକ ଜାହାଜକୁ ଛାଡ଼ିଛି। ଏହି ପଥ ଦେଇ ଭାରତର ଏକ ଜାହାଜ ଏଲ୍‌ପିଜି ବୋଝେଇ କରି ଭାରତମୁହାଁ ହେଉଛି। ହର୍ମୁଜ ପ୍ରଣାଳୀକୁ ଅବରୋଧ କରିବା ଅଧିକାର କୌଣସି ରାଷ୍ଟ୍ରର ନାହିଁ। ଅନ୍ତର୍ଜାତୀୟ ନିୟମ ଅନୁସାରେ ଏହି ସାମୁଦ୍ରିକ ପଥ ଦେଇ ଯାଉଥିବା କୌଣସି ଦେଶର ଜାହାଜକୁ ରୋକାଯାଇପାରିବ ନାହିଁ। ଜାତିସଂଘର ସାମୁଦ୍ରିକ ଏଜେନ୍ସି ମୁଖ୍ୟଙ୍କ ଏପରି ମତକୁ ଏବେ କେହି ହେଲେ ଶୁଣିବାକୁ ନାରାଜ। ମାତ୍ର ଏହି ଜଳପଥ ଏବେ ଇରାନର ଅସ୍ତ୍ର ପାଲଟିଛି। ଆମେରିକା ରାଷ୍ଟ୍ରପତି ତାଙ୍କ ଟ୍ରୁଥ୍ ସୋସିଆଲ ପ୍ଲାଟଫର୍ମରେ ଦେଇଥିବା ଚେତାବନୀ ଅନୁଯାୟୀ ଆମ ଅବରୋଧ ଭିତରକୁ ଯେ କେହି ପଶିବେ ତାହାକୁ ନିଶା ଔଷଧ ବେପାରୀଙ୍କ ବୋଟ୍ ଉଡ଼ାଇବା ଭଳି ଉଡ଼ାଇଦେବୁ। ତେବେ ଇରାନର ସାମରିକ ଶକ୍ତି ଇରାନିୟାନ୍ ମିଲିଟାରୀ ଆଣ୍ଡ୍ ଦି ରିଭଲ୍ୟୁସନନାରୀ ଗାର୍ଡସ୍ ବା ଆଇଏମ୍‌ଆରଜି ପକ୍ଷରୁ ସଫା ସଫା ଶୁଣାଇ ଦିଆଯାଇଛି, ପାରସ୍ୟ ଉପସାଗର ଓ ଓମାନ ସାଗର ସୁରକ୍ଷା ଉପରେ କେହି ଆଞ୍ଚ୍ ଆଣିଲେ ଅଞ୍ଚଳର କୌଣସି ବନ୍ଦର ସୁରକ୍ଷିତ ରହିବ ନାହିଁ। ଇତିମଧ୍ୟରେ ଆମେରିକାର ଅବରୋଧ ପ୍ରତି ବ୍ରିଟେନ, ଫ୍ରାନ୍ସ ସମେତ ନାଟୋର କୌଣସି ସହଯୋଗୀ ସାମିଲ ହେଉନଥିବା ପ୍ରକାଶ କରିଥିଲେ ବି ଆମେରିକାକୁ ଏହା ଯେ ଏକ ପ୍ରତିବାଦ ଏହି କଥା ବୁଝିବାକୁ ଟ୍ରମ୍ପ ନାରାଜ।

ହର୍ମୁଜ ସୁରକ୍ଷା ପାଇଁ ନିକଟ ଭବିଷ୍ୟତରେ ଟ୍ରମ୍ପ ଦୃଢ ପ୍ରତିବଦ୍ଧତା ଲୋଡୁଥିବା ବେଳେ ନାଟୋ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇପାରିବ ବୋଲି ଆଶା କରାଯାଉଛି। ତେବେ ଏହା ହୋଇପାରିବ ନାଟୋର ୩୨ ସଦସ୍ୟ ଯଦି ଏକ ମିଶନ ପାଇଁ ଏକତ୍ର ହୋଇପାରିବେ। କିଭଳି ହର୍ମୁଜରେ ଜାହାଜ ଚଳାଚଳ ହେବ, ସେନେଇ ବହୁ ରାଷ୍ଟ୍ରୀୟ ଜାତୀୟ ମିଶନ ନିମନ୍ତେ ବ୍ରିଟେନ ଓ ଅନ୍ୟ ରାଷ୍ଟ୍ରଗୁଡ଼ିକର ଏକ ସମ୍ମେଳନ ଆୟୋଜନ କରିବାକୁ ଫ୍ରାନ୍ସ ଅଣ୍ଟା ଭିଡ଼ିଛି। ଜାହାଜଗୁଡ଼ିକ ଉପରୁ ଆଦାୟ କରାଯାଉଥିବା ଇନ୍‌ସ୍ୟୁରାନ୍ସ ପ୍ରିମିୟମ ହ୍ରାସ କରିବା ଦିଗରେ ବ୍ରିଟେନ କାର୍ଯ୍ୟରତ ଅଛି।

ହର୍ମୁଜ ଅବରୋଧର ପରିଣତି ସ୍ୱରୂପ ବିଶ୍ୱରେ ତୈଳ ଦର ଆଗକୁ ଉପରମୁହାଁ ହେବା ଆଶଙ୍କା ଜଳଜଳ। ପରିଣାମରେ ବୈଶ୍ୱିକ ସଂକଟ ଓ ଆର୍ଥିକ ମାନ୍ଦାବସ୍ଥା ସ୍ଥିତି ଗମ୍ଭୀର ହେବା ଦିଗକୁ କେହି ଏଡ଼ାଇ ପାରିବେ ନାହିଁ। ଇତିମଧ୍ୟରେ ଦକ୍ଷିଣ ଏସିଆର ୧୧ଟି ରାଷ୍ଟ୍ର ଉଭୟ ଆମେରିକା ଓ ଇରାନକୁ ଯୁଦ୍ଧ ବିରତି ଜାରି ରଖିବା ସହ ହର୍ମୁଜରେ ଜାହାଜ ଚଳାଚଳ କରାଯାଉ ବୋଲି ଚାହୁଁଛନ୍ତି। ଶାନ୍ତି ଆଲୋଚନା କରାଯାଉ, ସମସ୍ତ ସଂଘର୍ଷରେ ସବୁ ରାଷ୍ଟ୍ରର ବେସାମରିକ ନାଗରିକଙ୍କ ସୁରକ୍ଷା ସହିତ ସବୁ ରାଷ୍ଟ୍ରର ସାର୍ବଭୌମତ୍ୱ ବଜାୟ ରହୁ। ଏପରି ଦକ୍ଷିଣ ଏସିଆର ୧୧ଟି ରାଷ୍ଟ୍ର ଚାହୁଁଥିବା ବିବୃତି ହିଁ ବାସ୍ତବରେ ମଧ୍ୟପ୍ରାଚ୍ୟ ସଂଘର୍ଷ ପାଇଁ ହେବ ଉଚିତ ପଥ।

# ରେଳବାଇରେ ଆପତ୍ତିଜନକ ବିଜ୍ଞାପନ ପ୍ରଦର୍ଶନ ନିଷିଦ୍ଧ

ଭାରତୀୟ ରେଳବାଇ ବିଜ୍ଞାପନ ଏବଂ ବ୍ରାଣ୍ଡିଂ ମାଧ୍ୟମରେ ଅଣ-ଭଡ଼ା ରାଜସ୍ୱ ଅର୍ଜନ କରିବା ପାଇଁ ବ୍ୟାପକ (ଏନଏଫଆର) ନୀତି ପ୍ରସ୍ତୁତ କରିଛି। ଆଉଟ-ଅଫ୍-ହୋମ୍ (ଓଏଚ୍) ବିଜ୍ଞାପନ ନୀତି ଅଧୀନରେ, ଷ୍ଟେସନଗୁଡ଼ିକର ପ୍ରସାରିତ ଅଞ୍ଚଳରେ ବିଜ୍ଞାପନ ପାଇଁ ସୁଯୋଗ ଅଛି । ରେଳ ଡିସପ୍ଲେ ନେଟୱାର୍କ (ଆର. ଡି. ଏନ୍.) ନୀତି ଷ୍ଟେସନ




ଏବଂ ପରିସର ଅଞ୍ଚଳରେ ସ୍କ୍ରିନ୍ ଏବଂ ଡିସପ୍ଲେ ସିଷ୍ଟମ୍ ମାଧ୍ୟମରେ ଡିଜିଟାଲ୍ ବିଜ୍ଞାପନକୁ ପ୍ରଦର୍ଶନ କରେ । ଏହାବ୍ୟତୀତ, ପ୍ରଚଳିତ ନିର୍ଦ୍ଦେଶାବଳୀ ଅନୁଯାୟୀ ବ୍ରାଣ୍ଡିଂ ଏବଂ ବିଜ୍ଞାପନ ପାଇଁ ଟ୍ରେନ୍ ଏବଂ କୋଚ୍ (ଉଭୟ ଭିତର ଏବଂ ବାହାରେ) ଭଳି ଭ୍ରାମ୍ୟମାଣ ସମ୍ପତ୍ତିର ଲାଭ ଉଠାଯାଇଛି। ବିଜ୍ଞାପନରୁ ଅର୍ଜିତ ରାଜସ୍ୱ ବିବିଧ ରାଜସ୍ୱର ଏକ ଅଂଶ। ବିଭାଗୱାରୀ ରାଜସ୍ୱ ବିବରଣୀ ଭାରତୀୟ ରେଳବାଇର ବାର୍ଷିକ ପରିସଂଖ୍ୟାନ ବିବରଣୀରେ ଉପଲବ୍ଧ।

ଭାରତୀୟ ରେଳବାଇର ଇ-କ୍ରୟ ବ୍ୟବସ୍ଥା (ଆଇ. ଆର. ଇ. ପି. ଏସ୍.) ଅନଲାଇନ ପୋର୍ଟାଲରେ ଇ-ନିଲାମ ଜରିଆରେ ସମସ୍ତ ବିଜ୍ଞାପନ ଚୁକ୍ତିନାମା ପ୍ରଦାନ କରାଯାଇଥାଏ। ବିଜ୍ଞାପନଦାତାଙ୍କ ପାଇଁ ଯୋଗ୍ୟତା ମାନଦଣ୍ଡକୁ ରେଖାଙ୍କିତ କରୁଥିବା ବାଣିଜ୍ୟିକ ଆୟ ଏବଂ ଅଣ-ଭଡ଼ା ରାଜସ୍ୱ ନୀତି ଏବଂ ଅନୁବନ୍ଧ ସମ୍ବନ୍ଧୀୟ ସ୍ୱତନ୍ତ୍ର ସର୍ତ୍ତାବଳୀ ଅନୁଯାୟୀ ନିବେଶକଙ୍କୁ ଚୟନ କରାଯାଇଥାଏ।

ଟ୍ରେନରେ ପ୍ରଦର୍ଶିତ ବିଜ୍ଞାପନ ପାଇଁ, ପ୍ରତ୍ୟେକ ବିଜ୍ଞାପନ ଯୋଜନାର ପୂର୍ବ ଅନୁମୋଦନ ବାଧ୍ୟତାମୂଳକ ଏବଂ ସମ୍ପୃକ୍ତ ରେଳବାଇ ଡିଭିଜନର ଡିଭିଜନାଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡିବ। ତେବେ, ବିଜ୍ଞାପନ ପ୍ରଦର୍ଶନ ପାଇଁ ବ୍ରାଣ୍ଡ ଚୟନ କରିବା ବିଜ୍ଞାପନ ଏଜେନ୍ସିର ବିଶେଷାଧିକାର। ବିଜ୍ଞାପନ ପ୍ରଦର୍ଶନ ପାଇଁ ବିଜ୍ଞାପନ ଏଜେନ୍ସି କେନ୍ଦ୍ର/ରାଜ୍ୟ ଆଇନ ପାଳନ କରିବା ଆବଶ୍ୟକ। ଆଇନର ନଜରରେ ଆପତ୍ତିଜନକ ବିଜ୍ଞାପନ ନିଷେଧ ଅଟେ । ଟ୍ରେନ୍ ଭିତରେ/ବାହାରେ ପ୍ରଦର୍ଶନ ପାଇଁ ନିମ୍ନଲିଖିତ ବିଜ୍ଞାପନଗୁଡ଼ିକୁ ଅନୁମତି ନାହିଁ: ଆଲକୋହଲ ପାନୀୟର ବିଜ୍ଞାପନ। ବିଜ୍ଞାପନର ପ୍ରଚ୍ଛଦପଟରେ କାମୁକ ଦୃଶ୍ୟ ରହିଥିଲେ । ପରିବହନର ଅନ୍ୟାନ୍ୟ ମାଧ୍ୟମରୁ ପ୍ରତିଯୋଗିତାମୂଳକ ବିଜ୍ଞାପନ।ରେଳ ଦୁର୍ଘଟଣା ବିରୁଦ୍ଧରେ ପଲିସି ପ୍ରଦାନ କରୁଥିବା ଘରୋଇ ବୀମା କମ୍ପାନୀଗୁଡ଼ିକ ତରଫରୁ ବିଜ୍ଞାପନ। ସିଗାରେଟ୍, ବିଡ଼ି ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦର ବିଜ୍ଞାପନ।ତଥାପି, କୌଣସି ସ୍ଥାନରେ ଉଲ୍ଲଂଘନ ହେଲେ, ତୁରନ୍ତ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ।(ପିଆଇବି)

# ଭାରତର କାହାଣୀ: ମେଦ ବହୁଳତା, କୁପୋଷଣ ଏବଂ ଖାଦ୍ୟାଭାବ

**ଗୋପାଳ ମହାପାତ୍ର**

> **"କେବଳ ଭୋଜନ ଉପଲବ୍ଧ କରାଇବା ପର୍ଯ୍ୟାପ୍ତ ନୁହେଁ ବରଂ ସନ୍ତୁଳିତ ଏବଂ ପୌଷ୍ଟିକ ଆହାର ଉପଲବ୍ଧ କରାଇବା ଜରୁରୀ। ମେଦବହୁଳତା ଦୂର ପାଇଁ ଏବେ ଅଭିଯାନ ଚାଲିଛି ତା ସହ କୁପୋଷଣ ଏବଂ ଖାଦ୍ୟାଭାବ ସମସ୍ୟାର ସମାଧାନ ପାଇଁ ଏକ ସଶକ୍ତ ରାଷ୍ଟ୍ରୀୟ ରଣନୀତି ପ୍ରସ୍ତୁତ କରାଯିବା ଆବଶ୍ୟକ। ଯୋଜନା ପ୍ରଣୟନ କରିବା ସହ ଏହାର କାର୍ଯ୍ୟକାରିତାକୁ ମଧ୍ୟ ତଦାରଖ କରାଯିବା ଉଚିତ। ଏ ବାବଦରେ ସଚେତନତା ସୃଷ୍ଟି କରିବା ମଧ୍ୟ ଜରୁରୀ ହୋଇପଡିଛି। ଯେ ପର୍ଯ୍ୟନ୍ତ ଦେଶର ପ୍ରତିଟି ଶିଶୁ ଓ ପ୍ରତ୍ୟେକ ମହିଳାଙ୍କୁ ପର୍ଯ୍ୟାପ୍ତ ପୋଷଣ ନ ମିଳିଛି ସେପର୍ଯ୍ୟନ୍ତ 'ସୁସ୍ଥ ଭାରତ'ର ସ୍ୱପ୍ନ ପୂରଣ ହୋଇପାରିବ କେମିତି ? ଏଣୁ ଏକଥା ଭାବିବା ଉଚିତ ଯେ ମେଦ ବହୁଳତାକୁ ନିୟନ୍ତ୍ରିତ କରିବା ଜରୁରୀ । କିନ୍ତୁ ତା ଠାରୁ ଅଧିକ ଜରୁରୀ ହେଉଛି କୁପୋଷଣ ଏବଂ ଖାଦ୍ୟାଭାବକୁ ସମାପ୍ତ କରିବା। ଏହା ହୋଇପାରିଲେ ଦେଶ ଏକ ସୁସ୍ଥ ସଶକ୍ତ ଏବଂ ସମୃଦ୍ଧ ଭବିଷ୍ୟତ ଆଡକୁ ଆଗେଇ ପାରିବ।"**

ଭାରତ ଏବେ ଏକ ବିରୋଧାଭାସ ସ୍ଥିତିର ସାମନା କରୁଛି। ଗୋଟିଏ ପଟେ ସମାଜର ଗୋଟିଏ ବର୍ଗ ଅଧିକ ଭୋଜନ ଏବଂ ଅସନ୍ତୁଳିତ ଜୀବନଶୈଳୀ କାରଣରୁ ମେଦ ବହୁଳତାର ଶିକାର ହେଉଛନ୍ତି ଅନ୍ୟପଟେ ଦେଶର ଅଧିକ ସଂଖ୍ୟକ ଲୋକ ଆଜି ବି ପର୍ଯ୍ୟାପ୍ତ ଏବଂ ସନ୍ତୁଳିତ ଭୋଜନରୁ ବଞ୍ଚିତ ଅଛନ୍ତି। ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫଏଚଏସ -୫) ଅନୁସାରେ ଦେଶରେ ପାଖାପାଖି ୨୨ରୁ ୨୪ ପ୍ରତିଶତ ପୁରୁଷ ଏବଂ ୨୪ରୁ ୨୬ ପ୍ରତିଶତ ମହିଳା ମେଦ ବହୁଳତାର ଶିକାର ହୋଇଛନ୍ତି। ପଞ୍ଜାବ, କେରଳ, ତାମିଲନାଡୁ ଏବଂ ଦିଲ୍ଲୀ ଭଳି ରାଜ୍ୟରେ ଏହି ମେଦ ବହୁଳତାର ହାର ୩୦ ପ୍ରତିଶତରୁ ଅଧିକ ହେଲାଣି। ସହରୀ ସମ୍ପନ୍ନ ବର୍ଗ ଏହାର ଅଧିକ ଭାବେ ଶିକାର ହେଉଛନ୍ତି। ଏହାର ବିପରୀତ କୁପୋଷଣର ଚିତ୍ର ମଧ୍ୟ ଅଧିକ ଚିନ୍ତାଜନକ। ଅନ୍ତର୍ଜାତୀୟ ସଂସ୍ଥା ଯଥା- ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ୟୁନିସେଫ ଏବଂ ଗ୍ଲୋବାଲ ବର୍ଡ଼ନ ଅଫ ଡିଜିଜର ରିପୋର୍ଟ ଅନୁସାରେ ଭାରତରେ ପ୍ରତିବର୍ଷ ୮ରୁ ୧୦ଲକ୍ଷ ଶିଶୁଙ୍କ ମୃତ୍ୟୁ କୁପୋଷଣ କାରଣରୁ ହୋଇଥାଏ। ଭାରତରେ ପ୍ରତିବର୍ଷ ଯେତେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁ ହେଉଛି ତାର ୬୫ ପ୍ରତିଶତରୁ ଅଧିକ ଶିଶୁଙ୍କର ମୃତ୍ୟୁ କୁପୋଷଣ କାରଣରୁ ହେଉଛି ବୋଲି ଅନ୍ତର୍ଜାତୀୟ ସଂସ୍ଥାମାନେ ସ୍ପଷ୍ଟ ଭାବରେ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହା ସ୍ପଷ୍ଟ ସୂଚନା ଦେଇଛି ଯେ ଭାରତରେ କୁପୋଷଣ ଏକ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ ବରଂ ଏହା ଏକ ରାଷ୍ଟ୍ରୀୟ ସଙ୍କଟ। କୁପୋଷଣ କାରଣରୁ ଶିଶୁ ବା ପିଲାଙ୍କର ଶାରିରୀକ ଏବଂ ମାନସିକ ବିକାଶ ବାଧାପ୍ରାପ୍ତ ହୋଇଥାଏ। କୁପୋଷଣ କାରଣରୁ ପ୍ରତିରୋଧକ କ୍ଷମତା କମିଥାଏ ଫଳତଃ ନିମୋନିଆ, ଡାଇରିଆ ଭଳି ଅନେକ ରୋଗ ହୋଇଥାଏ ଯାହା ଜୀବନ ନେଇଥାଏ। ଏହି କାରଣରୁ କୁପୋଷଣକୁ 'ଛପି ରହିଥିବା ହତ୍ୟାକାରୀ' ବୋଲି ମଧ୍ୟ କୁହାଯାଏ।

କୁପୋଷଣ କାରଣରୁ ଏନିମିଆ ବା ରକ୍ତହୀନତା ଭଳି ସମସ୍ୟା ସୃଷ୍ଟି ହୁଏ ଭାରତରେ ଏନିମିଆ ସମସ୍ୟା ଅଧିକ ଭାବରେ ବଢ଼ିବାରେ ଲାଗିଛି। ୬ମାସରୁ ୫ବର୍ଷର ୬୦ ପ୍ରତିଶତରୁ ଅଧିକ ଶିଶୁ ଏନିମିଆରେ ପୀଡିତ ଏବଂ ୧୫ରୁ ୪୯ ବର୍ଷର ଅଧିକ ମହିଳା ମଧ୍ୟ ଏନିମିଆର ଶିକାର ହେଉଛନ୍ତି। ଏନିମିଆ କେବଳ ଯେ ସ୍ୱାସ୍ଥ୍ୟକୁ ଦୁର୍ବଳ କରିଥାଏ, ତା ନୁହେଁ



ଏଥିଯୋଗୁଁ ମାତୃ ମୃତ୍ୟୁହାର ଏବଂ ଶିଶୁ ମୃତ୍ୟୁହାର ମଧ୍ୟ ବଢୁଛି। ଦେଶରେ ଖାଦ୍ୟାଭାବ ଜନିତ ମୃତ୍ୟୁର ସ୍ଥିତି ମଧ୍ୟ ଜଟିଳ ସ୍ତରରେ ପହଞ୍ଚିଛି। ଯଦିଓ ଖାଦ୍ୟାଭାବ ଜନିତ ମୃତ୍ୟୁ ବାବଦରେ ସଠିକ୍ ତଥ୍ୟ ଉପଲବ୍ଧ ନାହିଁ କିନ୍ତୁ ସତ୍ୟ ଯେ କୁପୋଷଣ ଏବଂ ଖାଦ୍ୟାଭାବ କାରଣରୁ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହେଉଛନ୍ତି। ଏହା କେବଳ ଖାଦ୍ୟର ଉପଲବ୍ଧତା ନୁହେଁ ବରଂ ପୋଷଣ, ସଚେତନତା, ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ପହଞ୍ଚିବାର ପ୍ରଶ୍ନ ଅଟେ। ଏଠାରେ ଏକ ମହତ୍ତ୍ୱପୂର୍ଣ୍ଣ ପାର୍ଥକ୍ୟକୁ ବୁଝିବା ଆବଶ୍ୟକ। ମେଦବହୁଳତାରୁ ଲୋକେ ମୁକ୍ତି ପାଇପାରିବେ ଯଦି ସନ୍ତୁଳିତ ଆହାର, ନିୟମିତ ବ୍ୟାୟାମ ଏବଂ ଅନୁଶାସିତ ଜୀବନ ଶୈଳୀ ଆପଣେଇ ପାରିବେ। କିନ୍ତୁ କୁପୋଷଣ ଏବଂ ଖାଦ୍ୟାଭାବ ଭଳି ସମସ୍ୟାର ସମାଧାନ ବ୍ୟକ୍ତି କରିପାରିବେ ନାହିଁ। ଏଥିପାଇଁ ବ୍ୟାପକ ସରକାରୀ ନୀତି, ସଂସାଧନର ନ୍ୟାୟସଙ୍ଗତ ବିତରଣ ଏବଂ ତଳ ସ୍ତରରେ ପ୍ରଭାବୀ କାର୍ଯ୍ୟାନ୍ୱୟନର ଆବଶ୍ୟକତା ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏ ଦିଗରେ ଅନେକ ଯୋଜନା ଆରମ୍ଭ କରିଛନ୍ତି। ସ୍କୁଲରେ ମଧ୍ୟାହ୍ନ ଭୋଜନ ଯୋଜନା, ଅଙ୍ଗନବାଡି ଏବଂ ପୋଷଣ ଅଭିଯାନ ଭଳି ଯୋଜନା କୁପୋଷଣକୁ ଦୂର କରିବା ପାଇଁ କାର୍ଯ୍ୟକାର କରାଯାଉଛି। ଏସବୁ ଯୋଜନାର ଲକ୍ଷ ହେଉଛି ଶିଶୁ ଓ ମହିଳାଙ୍କୁ ଆବଶ୍ୟକ ପୋଷଣ ଉପଲବ୍ଧ କରାଇବା।

ଅନେକ ଯୋଜନା ପ୍ରଣୟନ ତଥା କାର୍ଯ୍ୟକାରୀ କରାଯାଉଛି। କିନ୍ତୁ ବାସ୍ତବିକତା ହେଉଛି ଯୋଜନାର ଲାଭ ଲୋକଙ୍କ ପାଖରେ ସମାନ ଭାବରେ ପହଞ୍ଚି ପାରୁନାହିଁ। ଅନେକ କ୍ଷେତ୍ରରେ ଗୁଣବତ୍ତା, ଯୋଜନାର କାର୍ଯ୍ୟାନ୍ୱୟନର ତଦାରଖ ଏବଂ ସଂସାଧନର ଅଭାବ କାରଣରୁ ଯୋଜନା ବିଫଳ ହେଉଛି। କୁପୋଷଣ ପଛରେ କେବଳ ଖାଦ୍ୟର ଅଭାବ ନୁହେଁ ବରଂ ପୋଷକ ତତ୍ତ୍ୱର ଅଭାବ, ସ୍ୱଚ୍ଛ ଜଳର ଅଭାବ, ଅସ୍ୱଚ୍ଛ ପରିବେଶ, ଶିକ୍ଷାର ଅଭାବ ଏବଂ ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ନ ପହଞ୍ଚି ପାରିବା ଭଳି ଘଟଣା ରହିଛି । ଏଣୁ ଏସବୁର ସମାଧାନ ମଧ୍ୟ କରାଯିବା ଜରୁରୀ।

କେବଳ ଭୋଜନ ଉପଲବ୍ଧ କରାଇବା ପର୍ଯ୍ୟାପ୍ତ ନୁହେଁ ବରଂ ସନ୍ତୁଳିତ ଏବଂ ପୌଷ୍ଟିକ ଆହାର ଉପଲବ୍ଧ କରାଇବା ଜରୁରୀ। ମେଦବହୁଳତା ଦୂର ପାଇଁ ଏବେ ଅଭିଯାନ ଚାଲିଛି ତା ସହ କୁପୋଷଣ ଏବଂ ଖାଦ୍ୟାଭାବ ସମସ୍ୟାର ସମାଧାନ ପାଇଁ ଏକ ସଶକ୍ତ ରାଷ୍ଟ୍ରୀୟ ରଣନୀତି ପ୍ରସ୍ତୁତ କରାଯିବା ଆବଶ୍ୟକ। ଯୋଜନା ପ୍ରଣୟନ କରିବା ସହ ଏହାର କାର୍ଯ୍ୟକାରିତାକୁ ମଧ୍ୟ ତଦାରଖ କରାଯିବା ଉଚିତ। ଏ ବାବଦରେ ସଚେତନତା ସୃଷ୍ଟି କରିବା ମଧ୍ୟ ଜରୁରୀ ହୋଇପଡିଛି। ଯେ ପର୍ଯ୍ୟନ୍ତ ଦେଶର ପ୍ରତିଟି ଶିଶୁ ଓ ପ୍ରତ୍ୟେକ ମହିଳାଙ୍କୁ ପର୍ଯ୍ୟାପ୍ତ ପୋଷଣ ନ ମିଳିଛି ସେପର୍ଯ୍ୟନ୍ତ 'ସୁସ୍ଥ ଭାରତ'ର ସ୍ୱପ୍ନ ପୂରଣ ହୋଇପାରିବ କେମିତି ? ଏଣୁ ଏକଥା ଭାବିବା ଉଚିତ ଯେ ମେଦ ବହୁଳତାକୁ ନିୟନ୍ତ୍ରିତ କରିବା ଜରୁରୀ କିନ୍ତୁ ତା ଠାରୁ ଅଧିକ ଜରୁରୀ ହେଉଛି କୁପୋଷଣ ଏବଂ ଖାଦ୍ୟାଭାବକୁ ସମାପ୍ତ କରିବା। ଏହା ହୋଇପାରିଲେ ଦେଶ ଏକ ସୁସ୍ଥ ସଶକ୍ତ ଏବଂ ସମୃଦ୍ଧ ଭବିଷ୍ୟତ ଆଡକୁ ଆଗେଇ ପାରିବ।

ରାମଚନ୍ଦ୍ରପୁର, ରଣପୁର
ମୋ -୯୪୩୮୪୮୫୦୯୪

# ଅପରେସନ୍ ଥଣ୍ଡର ବୋଲ୍ଟ

**ବିଷ୍ଣୁ ପ୍ରସାଦ ଦାସ**

> **"ସେହି ଅପହରଣ ପଛରେ କିଏ ଥିଲେ ? ତାଙ୍କର ଉଦ୍ଦେଶ୍ୟ କଣ ଥିଲା ? -- ଚାରି ଜଣ ଅପହରଣକାରୀ ପାଲେଷ୍ଟାଇନ୍ ମୁକ୍ତି ପାଇଁ ପପୁଲାର୍ ଫ୍ରଣ୍ଟ୍ ଏବଂ ଜର୍ମାନୀର ବାଦର-ମେନହଫ୍ ଗ୍ୟାଙ୍ଗର ସଦସ୍ୟ ଥିଲେ । ଅପହରଣ ହେବା ପରେ, ବିମାନକୁ ଉଗାଣ୍ଡାର ଏଣ୍ଟେବେ ବିମାନବନ୍ଦରକୁ ସ୍ଥାନାନ୍ତରିତ କରାଯାଇଥିଲା । କାରଣ ଏହା ଜଣା ଥିଲା ଯେ ଇଦିଅମିନ୍ ପାଲେଷ୍ଟାଇନ୍‌କୁ ପୂର୍ଣ୍ଣ ମାତ୍ରାରେ ସହଯୋଗ କରୁଥିଲେ । ତାଙ୍କ ପ୍ରତି ସହାନୁଭୂତିଶୀଳ ଥିଲେ ତଥା ଆରବ ରାଷ୍ଟ୍ରଗୁଡ଼ିକର ପ୍ରଶଂସା ପାଇବା ପାଇଁ ମଧ୍ୟ ଆଗ୍ରହୀ ଥିଲେ । ୨୯ ଜୁନ୍ ୧୯୭୬, ବିମାନଟି ଉଗାଣ୍ଡାର ଏଣ୍ଟେବେ ବିମାନ ବନ୍ଦରରେ ପହଞ୍ଚିଥିଲା । ବିମାନ ବନ୍ଦରରେ ପହଞ୍ଚିବା ପରେ, ଅପହରଣ କାରୀମାନଙ୍କୁ ଉଗାଣ୍ଡାର ସଶସ୍ତ୍ର ବାହିନୀର ସଦସ୍ୟମାନେ ଭେଟିଥିଲେ।"**

ଇତିହାସ ପୃଷ୍ଠା ଲେଉଟାଇଲେ ଆମକୁ କିଛି ଶିକ୍ଷଣୀୟ ବିଷୟ ପଢିବାକୁ ମିଳେ । ସେଥିରୁ ଆମେ କିଛି ମନେରଖି ଭବିଷ୍ୟତ ପାଇଁ ସତର୍କ ହୋଇ ଯାଉ ଆଉ କିଛି ଭୁଲି ଯାଉ । ସେହିପରି ଏକ ବିଷୟକୁ ଇତିହାସ ପୃଷ୍ଠାରୁ ନେଇ ନିଜ ଭାଷାରେ ବର୍ଣ୍ଣିତ କରିବାକୁ ଚେଷ୍ଟା କରିଛି । ଅପରେସନ୍ ଥଣ୍ଡର୍ ବୋଲ୍ଟ ଏକ ବିମାନ ଅପହରଣ ଏବଂ ଉଦ୍ଧାର ବିଷୟ ବସ୍ତୁ ଉପରେ ଆଧାରିତ । ୧୯୭୬ ମସିହା ଜୁନ ମାସ ୨୭ ତାରିଖ ସକାଳ ପ୍ରାୟ ୯ ଟା, ସ୍ଥାନ ଇସ୍ରାଏଲ୍ ଦେଶର ରାଜଧାନୀ ତେଲ୍ ଆଭିବ୍ ସହରର ବେନ୍ ଗୁରିଆନ୍ ଅନ୍ତର୍ଜାତୀୟ ବିମାନ ବନ୍ଦର। ଏଆର୍ ଫ୍ରାନ୍ସର ଏକ ଯାତ୍ରୀବାହୀ ବିମାନ ସଂଖ୍ୟା ଏଏଫ ୧୩୯ ତେଲ୍ ଅଭିବ୍ ଠାରୁ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ପହଞ୍ଚିବାର ଥିଲା, ମଝିରେ ଗ୍ରୀସ୍ ରାଜଧାନୀ ଏଥେନ୍ସ ଠାରେ ମଧ୍ୟ ଏକ ରହଣି ନିର୍ଦ୍ଧାରିତ ଥିଲା । ସେଥିରେ ବିଭିନ୍ନ ଦେଶର ୨୪୮ ଜଣରୁ ଅଧିକ ଯାତ୍ରୀ ଥିଲେ । ସେଥିମଧ୍ୟରୁ ଇହୁଦୀ ଯାତ୍ରୀ ଅଧିକ ରହିଥିଲେ । ନିର୍ଦ୍ଧାରିତ ସମୟରେ ଉଡ଼ାଜାହାଜ ତେଲ୍ ଅଭିବରୁ ନିଜ ଗନ୍ତବ୍ୟ ପଥରେ ଉଡି ଚାଲିଲା । ଏଥେନ୍ସ ଠାରେ ମଧ୍ୟ ଠିକ୍ ସମୟରେ ଓହ୍ଲାଇ ଯାତ୍ରୀଙ୍କୁ ସେବା ଯୋଗାଇ ଦେଇଥିଲା ।

ପ୍ରକୃତ ଖେଳ ଏଥେନ୍ସ ଠାରୁ ଆରମ୍ଭ ହୋଇ ଥିଲା କିଛି ଯାତ୍ରୀ ଓହ୍ଲାଇଲେ କିଛି ଯାତ୍ରୀ ଚଢ଼ିଲେ । ବର୍ତ୍ତମାନ ପରି ସେତେବେଳେ ସୁରକ୍ଷା ଯାଞ୍ଚ ଏତେଟା କଡାକଡ଼ି ନଥିଲା । ଏହାର ସୁଯୋଗ ନେଇ ତିନିଜଣ ପୁରୁଷ ଏବଂ ଜଣେ ମହିଳା ସୁରକ୍ଷା ଯାଞ୍ଚକୁ ଏଡାଇ ଯାଇ ଛୋଟ ଛୋଟ କ୍ୟାବିନ ଲଗେଜ୍ ସହିତ ବିମାନ ଭିତରକୁ



ପ୍ରବେଶ କରିଥିଲେ । ଉଡ଼ାଜାହାଜଟି ନିର୍ଦ୍ଦିଷ୍ଟ ସମୟରେ ନିଜ ଗନ୍ତବ୍ୟ ସ୍ଥାନ ଉଦ୍ଦେଶ୍ୟରେ ଉଡାଣ ଭରିଥିଲା । ସେହି ଚାରିଜଣଙ୍କ କ୍ୟାବିନ ଲଗେଜ ମଧ୍ୟରେ ପିସ୍ତଲ, ହ୍ୟାଣ୍ଡ ଗ୍ରେନେଡ୍ ଭର୍ତ୍ତି ହୋଇଥିଲା। ସାଧାରଣ ଯାତ୍ରୀ ବା ବିମାନ କର୍ମଚାରୀ ଏସବୁ ବିଷୟରେ ଆଦୌ ଜ୍ଞାତ ନ ଥିଲେ ।

ବିମାନ ଉଡିବାର କିଛି ସମୟ ପରେ ଆତଙ୍କବାଦୀମାନେ ନିଜ ସ୍ୱରୂପ ଦେଖାଇ ଯାତ୍ରୀ ତଥା ବିମାନ କର୍ମଚାରୀମାନଙ୍କୁ ଭୟଭୀତ କରିଥିଲେ । ସେମାନେ ବିମାନର ଗତିପଥ ବଦଳାଇବାକୁ କ୍ୟାପଟେନଙ୍କୁ ଧମକ ଦେଇଥିଲେ ଅନ୍ୟଥା ସମ୍ପୂର୍ଣ୍ଣ ଉଡ଼ା ଜାହାଜଙ୍କୁ ମଝି ଆକାଶରେ ଧ୍ୱଂସ କରି ଦେବାର ଭୟ ଦେଖାଇ ଥିଲେ । ତାଙ୍କର ଚାପ ତଥା ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ କ୍ୟାପଟେନ୍ ବିମାନକୁ ତାଙ୍କ ନିର୍ଦ୍ଦେଶ ମୁତାବକ ଉଡ଼ାଇବାକୁ ବାଧ୍ୟ ହୋଇଥିଲେ । ତାଙ୍କର ନିର୍ଦ୍ଦେଶ ଥିଲା ଲିବିୟା ଦେଶର ବେବିନା ଅନ୍ତର୍ଜାତୀୟ ବିମାନ ବନ୍ଦର । ବିମାନରେ ଇନ୍ଧନ କମ୍ ଥିବା ଜାଣି ତଥା କ୍ୟାପଟେନଙ୍କ ଠାରୁ ବିମାନ ଅପହରଣ ବିଷୟ ଶୁଣି ବାଧ୍ୟ ହୋଇ ଲିବିୟା ଅବତରଣ ପାଇଁ ଅନୁମତି ଦେଇଥିଲା ।

ଲିବିୟା ଦେଶରେ ଓହ୍ଲାଇବା ପରେ ସ୍ଥିତି ସାମାନ୍ୟ ଲାଗୁଥିଲା । କୌଣସି ସୁରକ୍ଷା କର୍ମୀ ବା ପୋଲିସ ଯାତ୍ରୀଙ୍କୁ ଆତଙ୍କବାଦୀମାନଙ୍କ ଠାରୁ ଉଦ୍ଧାର କରିବା ବଦଳରେ ଆତଙ୍କବାଦୀଙ୍କ ସହିତ ଆଳାପ ଆଲୋଚନା କରୁଥିଲେ । କିଛି ଆତଙ୍କବାଦୀ ଯାତ୍ରୀଙ୍କୁ ଚୁପ୍ ରହିବାକୁ ନିର୍ଦ୍ଦେଶ ଦେବା ସହିତ ତାଙ୍କର ପାସ୍‌ପୋର୍ଟ ଗୁଡିକ ସଂଗ୍ରହ କରି ନେଇଥିଲେ । ଯାତ୍ରୀଙ୍କୁ କିଛି ଖାଦ୍ୟ ପାନୀୟ ମଧ୍ୟ ପରିବେଷଣ କରାଯାଇଥିଲା। ଇନ୍ଧନ ଭର୍ତ୍ତି ହେବା ପରେ ପୁଣି ବିମାନଟି ଅନିର୍ଦ୍ଦିଷ୍ଟ ପଥରେ ଉଡାଣ ଭରିଥିଲା । ମଝି ଆକାଶରେ ଆତଙ୍କବାଦୀମାନେ କ୍ୟାପଟେନଙ୍କୁ ଉଗାଣ୍ଡା ଦେଶର ଆଣ୍ଟେବେ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରିବାକୁ ବାଧ୍ୟ କରିଥିଲେ । ସେତେବେଳେ ଇଦୀଅମିନ୍ ଉଗାଣ୍ଡାର ରାଷ୍ଟ୍ରପତି ଥିଲେ । ତାଙ୍କର କ୍ରୂରତା, ଅମାନୁଷିକତା ତଥା ବର୍ବରତା ସୀମା ଟପି ଯାଇଥିଲା । ଶୁଣିବାକୁ ମିଳେ ସେ ମଣିଷ ମାଂସ ମଧ୍ୟ ଭକ୍ଷଣ କରୁଥିଲେ । ଇହୁଦୀ ଯାତ୍ରୀମାନେ ଉଗାଣ୍ଡା ନାମ ଶୁଣି ଭୟରେ କମ୍ପିବାକୁ ଲାଗିଲେ । କାରଣ ଉଗାଣ୍ଡା ଇସ୍ରାଏଲ ସହିତ ସମସ୍ତ ପ୍ରକାର ସମ୍ପର୍କ ଛିନ୍ନ କରି ଦେଇଥିଲା ତଥା ଦୁଇ ଦେଶ ମଧ୍ୟରେ ଶତ୍ରୁତା ବୃଦ୍ଧି ପାଇଥିଲା ।

ସେହି ଅପହରଣ ପଛରେ କିଏ ଥିଲେ ? ତାଙ୍କର ଉଦ୍ଦେଶ୍ୟ କଣ ଥିଲା ? -- ଚାରି ଜଣ ଅପହରଣକାରୀ ପାଲେଷ୍ଟାଇନ୍ ମୁକ୍ତି ପାଇଁ ପପୁଲାର୍ ଫ୍ରଣ୍ଟ୍ ଏବଂ ଜର୍ମାନୀର ବାଦର-ମେନହଫ୍ ଗ୍ୟାଙ୍ଗର ସଦସ୍ୟ ଥିଲେ । ଅପହରଣ ହେବା ପରେ, ବିମାନକୁ ଉଗାଣ୍ଡାର ଏଣ୍ଟେବେ ବିମାନବନ୍ଦରକୁ ସ୍ଥାନାନ୍ତରିତ କରାଯାଇଥିଲା । କାରଣ ଏହା ଜଣା ଥିଲା ଯେ ଇଦିଅମିନ୍ ପାଲେଷ୍ଟାଇନ୍‌କୁ ପୂର୍ଣ୍ଣ ମାତ୍ରାରେ ସହଯୋଗ କରୁଥିଲେ । ତାଙ୍କ ପ୍ରତି ସହାନୁଭୂତିଶୀଳ ଥିଲେ ତଥା ଆରବ ରାଷ୍ଟ୍ରଗୁଡ଼ିକର ପ୍ରଶଂସା ପାଇବା ପାଇଁ ମଧ୍ୟ ଆଗ୍ରହୀ ଥିଲେ । ୨୯ ଜୁନ୍ ୧୯୭୬, ବିମାନଟି ଉଗାଣ୍ଡାର ଏଣ୍ଟେବେ ବିମାନ ବନ୍ଦରରେ ପହଞ୍ଚିଥିଲା । ବିମାନ ବନ୍ଦରରେ ପହଞ୍ଚିବା ପରେ, ଅପହରଣ କାରୀମାନଙ୍କୁ ଉଗାଣ୍ଡାର ସଶସ୍ତ୍ର ବାହିନୀର ସଦସ୍ୟମାନେ ଭେଟିଥିଲେ । ଆତଙ୍କବାଦୀଙ୍କ ସହିତ ବାର୍ତ୍ତାଳାପ ପରେ ଯାତ୍ରୀମାନଙ୍କୁ ଟର୍ମିନାଲ ୧ର ଏକ ପରିତ୍ୟକ୍ତ ଗୃହରେ ରଖାଯାଇଥିଲା । ଇଦି ଅମିନ୍ ଅପହରଣକାରୀମାନଙ୍କୁ ଅତିରିକ୍ତ ଅସ୍ତ୍ରଶସ୍ତ୍ର ଏବଂ ବ୍ୟକ୍ତିଗତ ସାମଗ୍ରୀ ମଧ୍ୟ ପ୍ରଦାନ କରିଥିଲେ । ବନ୍ଧକମାନଙ୍କ ପାଇଁ ମଧ୍ୟ ଖାଦ୍ୟ ପେୟର ବନ୍ଦୋବସ୍ତ ସହିତ ମୁକ୍ତି ପାଇଁ ଆଶ୍ୱାସନା ଦେଇଥିଲେ । ସେଠାରେ ଆଉ ତିନିଜଣ ଉଗ୍ରବାଦୀ ସେମାନଙ୍କ ସହିତ ଯୋଗ ଦେଇଥିଲେ । ଚାରି ଜଣ ଅପହରଣ କାରୀଙ୍କ ମଧ୍ୟରୁ ଜୟେଲ୍ ଏବଂ ଫେସ୍ ପପୁଲାର୍ ଫ୍ରଣ୍ଟ ପାଲେଷ୍ଟାଇନ୍ ମୁକ୍ତି ସଂଗ୍ରାମ ସଂସ୍ଥା ସହିତ ଜଡିତ ଯେଉଁମାନେ ଇସ୍ରାଏଲ ବିରୋଧରେ ସଂଗ୍ରାମ ଚଳାଇଥିଲେ । ବାକି ଦୁଇଜଣ ବ୍ରିଗେଡ୍ କୁର୍ମାନ୍ ଏବଂ ବିଲେଫିଲ୍ ବୋସେ ଜର୍ମାନୀର ଏକ ଉଗ୍ର ବାମପନ୍ଥୀ ସଂଗଠନ ସହିତ ଜଡିତ ଥିଲେ। ସେମାନେ ଚାହୁଁଥିଲେ ତାଙ୍କର ୫୩ ଜଣ ସଦସ୍ୟଙ୍କ ମୁକ୍ତି , ସେଥିରୁ ସର୍ବାଧିକ ୪୦ ଜଣ ଇସ୍ରାଏଲ୍ ଜେଲ୍ ରେ ବନ୍ଦୀ ଥିଲେ । ବାକି ଫ୍ରାନ୍ସ, ଜର୍ମାନୀ କେନିଆ, ସୁଇଜରଲ୍ୟାଣ୍ଡ ଜେଲ୍‌ରେ ଥିଲେ । ଏହା ଛଡା ସେମାନଙ୍କୁ ୫୦ ଲକ୍ଷ ଆମେରିକୀୟ ଡଲାର ଦିଆଯାଉ ଅନ୍ୟଥା ସମସ୍ତ ପଣ ବନ୍ଦୀଙ୍କ ଜୀବନ ସେମାନେ ନେଇଯିବେ ବୋଲି ଧମକ ଦେଇଥିଲେ ।

ଏହା ମଧ୍ୟରେ ଇସ୍ରାଏଲ ଦେଶରେ ସରକାର ଏକ ଜରୁରୀକାଳୀନ ମିଟିଂ ଡାକି ନିଜ ଦେଶର ଲୋକମାନଙ୍କୁ କିପରି ଆତଙ୍କବାଦୀମାନଙ୍କ କବଳରୁ ଉଦ୍ଧାର କରିବେ ଆଲୋଚନା କରୁଥିଲେ । ଇସ୍ରାଏଲ୍‌ର ପ୍ରମୁଖ ବିଭାଗ ଗୁଡିକ ପୁଙ୍ଖାନୁପୁଙ୍ଖ ଭାବେ ଆଣ୍ଟେବେ ବିମାନ ବନ୍ଦର ବିଷୟରେ ତର୍ଜମା କରିବା ସହିତ ଆଗାମୀ ରଣକୌଶଳ ନିର୍ଣ୍ଣୟ କରିବାକୁ ଅତି ଉଚ୍ଚ ସ୍ତରୀୟ ଅଧିକାରୀ ସେନା, ଗୁପ୍ତଚର ବିଭାଗ, ମୋସାଦ୍ ଏଥିରେ ସାମିଲ ଥିଲେ । ଏହା ମଧ୍ୟରେ ଆତଙ୍କବାଦୀମାନେ ଇହୁଦୀ ଯାତ୍ରୀଙ୍କ ଛଡା ଅନ୍ୟ ଯାତ୍ରୀମାନଙ୍କୁ ପ୍ୟାରିସ୍ ପଠାଇ ଦେଇଥିଲେ। କୂଟନୈତିକ ସ୍ତରରେ ଇସ୍ରାଏଲ୍ ବନ୍ଧକମାନଙ୍କୁ ମୁକ୍ତି ଦେବାକୁ ଇସ୍ରାଏଲ୍ ଆମେରିକାକୁ ଅନୁରୋଧ କରିଥିଲା। ଆମେରିକା ପାଲେଷ୍ଟାଇନ ନେତା ୟାସେର୍ ଆରାଫତ୍‌ଙ୍କ ଜରିଆରେ ଚେଷ୍ଟା ଚଳାଇଥିଲେ। ଅପହରଣକାରୀମାନେ ଆରାଫତଙ୍କ ସହିତ ଆଲୋଚନା କରିବାକୁ ରାଜି ହୋଇ ନଥିଲେ । ଇସ୍ରାଏଲର ବ୍ରୋଟ୍ ନାମକ ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କ ଇଦୀ ଅମୀନ୍‌ଙ୍କ ସହିତ ଭଲ ସମ୍ପର୍କ ଥିବାରୁ ତାଙ୍କ ସହାୟତାରେ ଇଦୀ ଅମିନ୍‌ଙ୍କୁ ଅନୁରୋଧ କରାଗଲା, ଏପରିକି ନୋବେଲ ଶାନ୍ତି ପୁରସ୍କାର ନିମନ୍ତେ ତାଙ୍କ ନାମ ଚୟନ କରିବାକୁ କୁହା ଯାଇଥିଲା । ତଥାପି ଇଦୀ ଅମିନ୍ ସହଯୋଗ କରି ନ'ଥିଲେ । ବନ୍ଧକ ଥିବା ପରିବାରର ସଦସ୍ୟ ତଥା ବିଶ୍ୱ ଗଣ ମାଧ୍ୟମର ଚାପ ବଢି ବଢି ଯାଉଥିଲା । ଶେଷରେ ସେନା ଦ୍ୱାରା ବନ୍ଧକ ଥିବା ଇସ୍ରାଏଲ୍‌ର ନାଗରିକମାନଙ୍କୁ ଉଦ୍ଧାର କରିବାର ନିଷ୍ପତ୍ତି ନିଆଯାଇଥିଲା ।

**(କ୍ରମଶଃ)**

କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

କେନ୍ଦ୍ରାପଡ଼ା,୧୪।୪ (ନିପ୍ର): ଜିଲ୍ଲା ପରିଷଦ କେନ୍ଦ୍ରାପଡ଼ାର ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ଲୋକମାନେ ନିଜ ନିଜ ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ। ଶିବିରରେ ମୋଟ ୭୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୬୧ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୁହିକ ଅଭିଯୋଗ ରହିଥିଲା। ତାହା ମଧ୍ୟରୁ ୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହା ସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ମୋଟ ୧୬,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଜ୍ୟୋତି ରଞ୍ଜନ ଗୌଡ଼, ବିଡିଓ ଅଭିଷେକ ସ୍ୱାଇଁ, ତହସିଲଦାର କୁଇନି ଜେନା ଓ ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରାଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି, ଆସନ୍ତା ଦିନଗୁଡ଼ିକରେ ବିଭିନ୍ନ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ତାହାନୁସାରେ ୨୦ ଏପ୍ରିଲରେ ରାଜକନିକା ବ୍ଲକ, ୨୭ ଏପ୍ରିଲରେ ଆଳି ବ୍ଲକ, ୪ ମଇରେ ମାର୍ଶାଘାଇ ବ୍ଲକ, ୧୧ ମଇରେ ମହାକାଳପଡ଼ା ବ୍ଲକ, ୧୮ ମଇରେ ଡେରାବିଶ ବ୍ଲକ ଏବଂ ୨୫ ମଇରେ ଗରଦପୁର ବ୍ଲକରେ ଏହି ଶିବିରଗୁଡ଼ିକ ଆୟୋଜିତ ହେବ।

# ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ, ହିଂସା ମୁକ୍ତ ସମାଜ ପାଇଁ ଆହ୍ୱାନ

ଭଦ୍ରକ,୧୪।୪ (ନିପ୍ର); ନେତାଜିନଗର ସ୍ଥିତ ଜାନକୀ ନିଳୟ ଭବନ ଠାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଜିଲ୍ଲା କମିଟି ବୈଠକ ସୁମତି ନାୟକ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଥିଲା। ଏହି ବୈଠକରେ ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ଉପସ୍ଥିତ ରହି , ଅନ୍ତର୍ଜାତୀୟ, ଜାତୀୟର ରାଜନୈତିକ, ଆର୍ଥିକ ପରିସ୍ଥିତି ବିଷୟରେ ବକ୍ତବ୍ୟ ରଖିଥିଲେ, ଆମେରିକାର ଯୁଦ୍ଧ ଖୋର୍ ମନୋଭାବ ଏବଂ ଏକଛତ୍ର ବାଦୀ ନୀତିକୁ ନିନ୍ଦା କରିଥିଲେ, ଆଜି ସାରା ଦେଶରେ ଆତଙ୍କ ଖେଳି ଗଲାଣି। ଜାଳେଣି ଗ୍ୟାସର ଅଭାବରେ ହୋଟେଲ ବନ୍ଦ ହେବାକୁ ବସିଲାଣି,ଗ୍ୟାସ ବଦଳରେ ଲୋକେ କାଠ ଓ କୋଇଲା ଚୁଲାକୁ ବ୍ୟବହାର କଲେଣି, ଏଭଳି ପରିସ୍ଥିତି ଦେଶ ରେ ଦେଖା ଦେଇଥିଲା ବେଳେ ଓଡ଼ିଶାରେ ମହିଳା, ଆଦିବାସୀ,ଦଳିତ ଓ ସଂଖ୍ୟାଲଘୁଙ୍କ ଉପରେ ନିର୍ଯାତନା ବଢ଼ିଚାଲିଛି। ଜଳ, ଜମି, ଜଙ୍ଗଲକୁ ଟେକି ଦିଆ ଯାଉଛି କର୍ପୋରେଟ ହାତରେ। ଗଣତନ୍ତ୍ର ବିପନ୍ନ ହେଉଛି। ଡବଲ ଇଞ୍ଜିନ ସରକାରଙ୍କର ଜନ ବିରୋଧୀ ନୀତି ପାଇଁ ଦରବୃଦ୍ଧି ବେକାରୀ ଓ ମହିଳା ନିର୍ଯାତନା ଦିନକୁ ଦିନ ବଢୁ ଥିବାରୁ ତାର ପ୍ରତିବାଦରେ ମହିଳା ମାନେ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ଏକ ହୋଇ ଲଢିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ସମ୍ପାଦିକା ପ୍ରଭାତୀ ଜେନା ଜିଲ୍ଲାର ସମସ୍ତ କାର୍ଯ୍ୟାବଳୀର ବିବରଣୀ ପ୍ରଦାନ କରିଥିଲେ। ଆଗାମୀ ଦିନରେ ମହିଳା ମାନଙ୍କର ଅଧିକାର, ମାଇକ୍ରଫାଇନାନ୍ସର ଶୋଷଣ ବିରୁଦ୍ଧରେ ସମସ୍ତ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାପାଇଁ ନିଷ୍ପତ୍ତି ନିଆ ଯାଇଛି,ଏହି ବୈଠକରେ ଜିଲ୍ଲା କମିଟି ସଭ୍ୟ ଶିକ୍ଷା ମହାପାତ୍ର,ସୁରଜିତା ନାୟକ ରାଜ୍ୟ ସମ୍ପାଦିକା।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

କାଶୀନଗର,୧୪।୪ (ନିପ୍ର): ଗଜପତି ଜିଲ୍ଲା କାଶୀନଗର ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଅଭିଯୋଗ ଶୁଣାଣିରେ ଯୋଗଦାନ କରି କାଶୀନଗର ପଞ୍ଚାୟତ ସମିତିର ସମୁଦାୟ ମୋଟ- ୧୫ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୭ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୮ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୪ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା ।

# ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରକୁ ମୁହଁ ମୋଡୁଛନ୍ତି ହିତାଧିକାରୀ !

କାକଟପୁର,୧୪।୪ (ନିପ୍ର): ପୁରୀ ଜିଲ୍ଲା କାକଟପୁର ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ମୋଟ ୩୮ଜଣ ଅଭିଯୋଗକାରୀଙ୍କ ଅଭିଯୋଗ ଗୁଡିକର ଶୁଣାଣି କରାଯାଇଅଛି। କାକଟପୁର ବ୍ଲକର ୧୬ଗୋଟି ପଞ୍ଚାୟତ ଥିବାବେଳେ ଏତେ କମ୍ ସଂଖ୍ୟକ ଅଭିଯୋଗ ଆସିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଜନଶୁଣାଣି ଶିବିର ଉପରେ ସାଧାରଣ ଲୋକଙ୍କ ଆସ୍ଥାତୁଟି ଯାଉ ଥିବାରୁ ଏଭଳି ଅବସ୍ଥା କେତେକ ପ୍ରମୁଖ କାରଣ ବୋଲି କହୁଥିବା ବେଳେ ଆଉ କେତେକ ପ୍ରଚାର ପ୍ରସାର ଅଭାବରୁ ଗ୍ରାମାଞ୍ଚଳର ସାଧାରଣ ଲୋକମାନେ ଆଜିର ଅନୁଷ୍ଠିତ ଶିବିର ବାବତରେ ଜାଣିନଥିବା ପ୍ରକାଶ କରିଛନ୍ତି।ଯଦିଓ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା, କିନ୍ତୁ ବାସ୍ତବରେ ଜିଲ୍ଲାପାଳ ଅନୁପସ୍ଥିତ ଏବଂ ଜିଲ୍ଲାର ପ୍ରାୟ ବିଭାଗୀୟ ମୁଖ୍ୟ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଶିବିର ପ୍ରତି ସାଧାରଣ ଜନତା ମୁହଁ ମୋଡୁଥିବା ଦେଖାଯାଇଛି। ଏଡିଏମ ଶରତ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଶିବିରରେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ,କାକଟପୁର ତହସିଲଦାରଅଙ୍କିତା ଅନନ୍ଦିତା , ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, ଏସ ଡି ପି ଓଜନାର୍ଦ୍ଦନ ପାଢ଼ୀ , ଆଇଆଇସି ବସନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।ଅଳ୍ପ ସଂଖ୍ୟକ ଅଭିଯୋଗ ଆସିଥିବା ସଂପର୍କରେ ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀ ଦୀକ୍ଷିତ କୁହନ୍ତି ଯେ ଜନଶୁଣାଣି ଶିବିର ଅନୁଷ୍ଠିତ ହେଉଥିବାର ଆମେ ପ୍ରତି ସରପଞ୍ଚଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଇଥିଲୁ। ମୁଁ ମୋ ତରଫରୁ ପ୍ରତିଦିନ ଆସୁଥିବା ଅଭିଯୋଗ ଗୁଡିକର ସମାଧାନ କରିଥିବାରୁ ଆଉ ବିଶେଷ ଅଭିଯୋଗ ଏହି ଶିବିରକୁ ଆସି ପାରିନାହିଁ । ମାତ୍ର ଏହା ମନଗଢା ବୋଲି କେତେକ କର୍ମଚାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

# ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ଶିକ୍ଷକଓ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

ବୋଲଗଡ,୧୪।୪ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ବାଙ୍କୋଇ ସ୍ଥିତ ପାଞ୍ଚଗଡ ଅନଙ୍ଗ ନରେନ୍ଦ୍ର ପ୍ରାରମ୍ଭିକ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ଶିକ୍ଷା ଅନୁଷ୍ଠାନର ଅନୁକୂଲ୍ୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ମନୋରଞ୍ଜନ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡଃ ତାପସ କୁମାର ନାୟକ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷା ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଶିକ୍ଷାବିତ କାଳି ଚରଣ ଜୟସିଂହ, ସମ୍ପାଦିକା କୁମୁଦିନୀ ଜୟସିଂହ, ବୋଲଗଡ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଅନାଦି ସାହୁ, ସମିତି ସଭ୍ୟ ରଞ୍ଜନ ଲେଙ୍କା, ଅଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଫୁଲ, ଚନ୍ଦନ ଓ ଧୂପ ଦୀପ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନ ଗୁରୁ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ମନୋରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷା ପ୍ରତିଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟ ଅତିଥିଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଅନୁଷ୍ଠାନର ମୁଖ୍ୟ କିରାଣୀ ସୁଶାନ୍ତ କୁମାର ସୁବୁଦ୍ଧି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ଏବଂ ଗୁରୁ ଛାତ୍ରୀ ବିଦୁସ୍ମିତା ବାର୍ଷିକ ବିବରଣୀ ପଠନ କରିଥିଲେ। ମଣିଷ ଗଢ଼ା କାରଖାନାର ସମସ୍ତ ଶିକ୍ଷା ପ୍ରଶିକ୍ଷକମାନେ ଦେଶ ଓ ଜାତିର ଗର୍ବ ଓ ଗୌରବ ହୋଇଥିବାରୁ ପ୍ରତ୍ୟେକ ଗୁରୁ ଛାତ୍ରଛାତ୍ରୀମାନେ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶିକ୍ଷା ଅଧ୍ୟୟନ କରିବା ଉଚିତ ବୋଲି ଅତିଥିମାନେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ପାଞ୍ଚଗଡ଼ ପ୍ରଦୀପ ସମାଚାର' ମୁଖପାତ୍ରକୁ ମୁଖ୍ୟ ଅତିଥି ପ୍ରଶାନ୍ତ କୁମାର ଜଗଦେବ ଉନ୍ମୋଚନ କରିଥିଲେ। ସମସ୍ତ କୃତୀ ଛାତ୍ରଛାତ୍ରୀମାନଙ୍କୁ ନିମନ୍ତ୍ରିତ ଅତିଥିମାନେ ପୁରସ୍କାର, ପ୍ରମାଣ ପତ୍ର, ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରି ଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନୋରଞ୍ଜନ ଧର୍ମୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା। ସମସ୍ତ କାଯ୍ୟକ୍ରମକୁ ଗଣେଶ୍ୱର ଖଟାଇ, ପ୍ରଶାନ୍ତ କୁମାର ରଗଡ଼ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ପ୍ରଶିକ୍ଷକ ସ୍ୱପ୍ନେଶ୍ୱର ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଦାୟିତ୍ୱ ଗ୍ରହଣ




ଭୁବନେଶ୍ୱର,୧୪।୪ (ନିପ୍ର): ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଆନୁଷ୍ଠାନିକ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ତାଙ୍କର ନିଯୁକ୍ତି ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ହେଇଛି ଯେତେବେଳେ ବିଶ୍ୱବିଦ୍ୟାଳୟ ନିଜର ଶୈକ୍ଷିକ ମାନଦଣ୍ଡକୁ ସୁଦୃଢ଼ କରିବା, ଗବେଷଣାକୁ ପ୍ରୋତ୍ସାହିତ କରିବା ଏବଂ ଦକ୍ଷ ପ୍ରଶାସନ ସୁନିଶ୍ଚିତ କରିବା ଲକ୍ଷ୍ୟପଥରେ ଅଗ୍ରସର ହେଉଛି । ରାଜ୍ୟର ବିଭିନ୍ନ ଅନୁଷ୍ଠାନରେ ଇତିହାସର ଜଣେ ବିଦ୍ୱାନ ପ୍ରଫେସର ତଥା ପୂର୍ବରୁ ଓଡ଼ିଶା ଗବେଷଣା କେନ୍ଦ୍ରର ମୁଖ୍ୟ ଭାବରେ କାର୍ଯ୍ୟ କରିଥିବା ପ୍ରଫେସର ନନ୍ଦଙ୍କର ଉଚ୍ଚଶିକ୍ଷା ଅଧ୍ୟାପନା ଏବଂ ପ୍ରଶାସନ କ୍ଷେତ୍ରରେ ଦୀର୍ଘ ତିନି ଦଶନ୍ଧିର ବ୍ୟାପକ ଅଭିଜ୍ଞତା ରହିଛି । ଓଡ଼ିଶାର ଏହି ସର୍ବପୁରାତନ ବିଶ୍ୱବିଦ୍ୟାଳୟକୁ ସେ ଶୈକ୍ଷିକ ଅଭିବୃଦ୍ଧି ଏବଂ ଆନୁଷ୍ଠାନିକ ବିକାଶ ଦିଗରେ ଆଗେଇ ନେବାର ଆଶା କରାଯାଉଥିବାରୁ, ବିଶ୍ୱବିଦ୍ୟାଳୟ କର୍ମକର୍ତ୍ତା ପ୍ରଗତିଶୀଳ ସଂସ୍କାର ଏବଂ ନୂତନ ପଦକ୍ଷେପ ଆଶାରେ ତାଙ୍କ ନିଯୁକ୍ତିକୁ ଆନନ୍ଦର ସହ ସ୍ୱାଗତ କରିଛନ୍ତି । ଆଜି ସକାଳେ ସେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହ ମା' ତାଳପଦେଶ୍ୱରୀଙ୍କୁ ମନ୍ଦିରରେ ଦର୍ଶନ କରି ପ୍ରାର୍ଥନା କରିଥିଲେ । ତା'ପରେ ସେ ଭାରପ୍ରାପ୍ତ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କଠାରୁ ବିଶ୍ୱବିଦ୍ୟାଳୟର ଦାୟିତ୍ୱ ଗ୍ରହଣ କରିଥିଲେ । ସେଠାରୁ ସେ ବିଶ୍ୱବିଦ୍ୟାଳୟର ବାର୍କ ଆଉଟରିଚ୍ ସେଣ୍ଟରରେ 'ଓଡ଼ିଆ ଖାଦ୍ୟ ଦିବସ' ସମାରୋହକୁ ଉଦ୍‌ଘାଟନ କରିଥିଲେ, ଯେଉଁଠାରେ ଓଡ଼ିଶାର ବିଭିନ୍ନ ପ୍ରକାରର ପାରମ୍ପରିକ ସୁସ୍ୱାଦୁ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା । ଏହାପରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଏନ୍.ଏସ୍.ଏସ୍. ୟୁନିଟ୍ ଦ୍ୱାରା ଆୟୋଜିତ ଏକ ସ୍ୱାସ୍ଥ୍ୟ ଶିବିରରେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ ଏବଂ ନିଜ କାର୍ଯ୍ୟାଳୟରେ ଅନୁଷ୍ଠାନର କର୍ମଚାରୀମାନଙ୍କୁ ମଧ ଭେଟିଥିଲେ । ଅପରାହ୍ଣରେ କୁଳପତି ବିଭିନ୍ନ ବିଭାଗର ଶିକ୍ଷକମାନଙ୍କୁ ଭେଟିବା ସହ ବିଶ୍ୱବିଦ୍ୟାଳୟର ପ୍ରମୁଖ ସମସ୍ୟା ଓ ଭବିଷ୍ୟତରେ ଏହାର ସାମର୍ଥ୍ୟ ଓ ସମ୍ଭାବନାକୁ ନେଇ ଏକ ଶ୍ୱେତପତ୍ର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ପରିସର କିପରି ସ୍ୱଚ୍ଛ ଓ ସବୁଜ ସୁନ୍ଦର ହୋଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ସମସ୍ତଙ୍କୁ ଆଗ୍ରହୀ ରହିବାପାଇଁ କହିଥିଲେ । ଏହାପରେ ପ୍ରଫେସର ନନ୍ଦ ରାଜ୍ୟର ମାନନୀୟ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ।

# ଓଡ଼ିଶା ପକ୍ଷ ପାଳନ ଅବସରରେ ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତା

ପାରଳାଖେମୁଣ୍ଡି,୧୪।୪ (ନିପ୍ର): ଗଜପତି ଓଡ଼ିଶା ପକ୍ଷ ପାଳନ ତ୍ରୟୋଦଶ ଦିବସ ଅବସରରେ ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ପାରଳାଖେମୁଣ୍ଡି ଦ୍ୱାରା ଆୟୋଜିତ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ନିର୍ମଳା ସେଠୀ, ଅଧ୍ୟକ୍ଷା, ପୌରପରିଷଦ ପାରଳାଖେମୁଣ୍ଡି , ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ମାୟାଧାର ସାହୁ,ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ପୌର ପରିଷଦ ପାରଳାଖେମୁଣ୍ଡି ଲକ୍ଷ୍ମଣ କୁମାର ମୁର୍ମୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଶା ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସେହି ପରି ସ୍ଥାନୀୟ ମହିଳା ମାନଙ୍କୁ ନେଇ ଝୋଟି ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଯାଇଅଛି।

ଏହି ପ୍ରତିଯୋଗିତାରେ ବିଚାରକ ଭାବରେ ଜିଲ୍ଲା ଖାଦ୍ୟ ନିରୀକ୍ଷକ ତପସ୍ୱିନୀ ବେହେରା ଓ ସ୍ଥାନୀୟ ମହାବିଦ୍ୟାଳୟର ଗୃହ ବିଜ୍ଞାନ ଅଧ୍ୟାପିକା ଯୋଗଦାନ କରିଥିଲେ। ଏହି ଜିଲ୍ଲାର ୨୫ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ନିଜ ନିଜ ଘରେ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ଆଣି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଓଡ଼ିଆ ନବ ବର୍ଷ ପାଳନ ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲ।



# ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ:ମକଡ୍ରିଲ୍ ମାଧ୍ୟମରେ ଲୋକଙ୍କୁ ସଚେତନତାର ବାର୍ତ୍ତା




ରେଢ଼ାଖୋଲ,୧୪।୪ (ନିପ୍ର): ରେଢ଼ାଖୋଲ ସହର ସ୍ଥିତ ବସ୍‌ଷ୍ଟାଣ୍ଡ ପରିସରରେ ରେଢ଼ାଖୋଲ ଅଗ୍ନିଶମ ବିଭାଗ ପକ୍ଷରୁ ୧୪ ଅପ୍ରେଲ ଠାରୁ ୨୦ ଅପ୍ରେଲ ପର୍ଯ୍ୟନ୍ତ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଓ ମକଡ୍ରିଲ କରି ବିଭିନ୍ନ ଜନଗହଳି ସ୍ଥାନ, ବିଦ୍ୟାଳୟ, ଡାକ୍ତର ଖାନା, ଗୁଡିକରେ ଘଟିଯାଉଥିବା ଅଘଟଣ କୁ ଆଡେଇବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରେଢ଼ାଖୋଲ ଅଗ୍ନିଶମ ବିଭାଗ ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗର ହାବିଲଦାର ଦୁର୍ଯ୍ୟୋଧନ ସାହୁ, ହାବିଲଦାର ସୁଶାନ୍ତ କୁମାର ସାମଲ, ସତ୍ୟବାନ ସାହୁ, ବିଭୁକାନ୍ତ ଶତପଥୀ, ହାବିଲଦାର ଗଜାନନ ପ୍ରଧାନ, ବ୍ୟାସଦେବ ପ୍ରଧାନ, ନରେନ୍ଦ୍ର ବାଘ, ବିକାଶ ସାହୁ, ଅରୁଣ ଝାଙ୍କର, ପ୍ରଭାକର ନାୟକ ବିଭିନ୍ନ ପ୍ରକାରର ଅଗ୍ନିକାଣ୍ଡର କାରଣ ଓ ନିରାକରଣ ଉପରେ ସଚେତନତାର ମକଡ୍ରିଲ୍ ଦେଖାଇଥିଲେ । ଏଥିସହ ଗ୍ୟାସ, ତେଲ, ଧାତୁ ଜନିତ ନିତ ଏବଂ ବିଦ୍ୟୁତ୍ ସଟ୍‌ସର୍କିଟ୍‌ରୁ ଘଟୁଥିବା ଅଗ୍ନିକାଣ୍ଡ ସମୟରେ ନିଜେ କିପରି ସଚେତନ ହୋଇ ଏହି ଦୁର୍ଘଟଣାରୁ ଧନଜୀବନ ରକ୍ଷା କରାଯାଇ ପାରିବ ଏବଂ ଅଗ୍ନିକାଣ୍ଡରେ ନିଆଁକୁ ଲିଭାଯାଇ ପାରିବ ସେ ସମ୍ପର୍କରେ ଅଧିକାରୀ ସୂଚନା ଦେବାସହ ମକଡ୍ରିଲ୍ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଇଥିଲେ । ସେହିପରି ପାଣିରେ ବୁଡ଼ି ଯାଉଥିବା ବ୍ୟକ୍ତିଙ୍କୁ କିପରି ସୁରକ୍ଷିତ ଉଦ୍ଧାର କରାଯିବ ସେନେଇ ମଧ୍ୟ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ । ପରେ ଆଗ୍ନିକମାନେ ବିଭିନ୍ନ ପ୍ରାକୃତିକ ଓ କୃତ୍ରିମ ଅଗ୍ନିକାଣ୍ଡ ସମୟରେ ନିଆଁକୁ କିପରି ଆୟତ୍ତ କରାଯିବ ସେ ଉପରେ ମକଡ୍ରିଲ କରି ଜନସାଧାରଣଙ୍କୁ ସଚେତନ କରିଥିଲେ ।

# କେନ୍ଦୁଝର ଆପ୍ ପକ୍ଷରୁ ବାବାସାହେବ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦୁଝର,୧୪।୪ (ନିପ୍ର): ଓଡ଼ିଆ ନୂତନ ବର୍ଷ, ମହାବିଷୁବ ପଣାସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ କେନ୍ଦୁଝର ଆମ ଆଦମୀ ପାର୍ଟି ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିକୁ ମାଲ୍ୟାର୍ପଣ କରାଯାଇ ସମ୍ମାନ ଜଣାଇଯାଇଛି। ଏହି ଅବସରରେ ପାର୍ଟିର ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂ, ଉପସଭାପତି ଜୈନୁଲ ଆବେଦିନ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି ମେଘନାଥ ମାଝି, ଜିଲ୍ଲା କୋଷାଧ୍ୟକ୍ଷ ସନ୍ତୋଷ କୁମାର ବାରିକ, ବରିଷ୍ଠ ନେତା ସୁଧୀର କୁମାର ମହାନ୍ତ, କେନ୍ଦୁଝର ନିର୍ବାଚନ ମଣ୍ଡଳୀ ସଭାପତି ଜୟକୃଷ୍ଣ ନାୟକ, ଜିଲ୍ଲା ଯୁବ ସଭାପତି କମଳ ଲୋଚନ ମହାନ୍ତ, ବରିଷ୍ଠ ସଦସ୍ୟ ଦୀପୁ କୁମାର ମହାନ୍ତ ଓ ଜିଲ୍ଲା ସାଧାରଣ ସମ୍ପାଦକ ଶୁଭଙ୍କର ମହାନ୍ତି ସହିତ ଅନ୍ୟାନ୍ୟ କର୍ମୀମାନେ ଉପସ୍ଥିତ ଥିଲେ। ସମସ୍ତେ ମିଶି ବାବାସାହେବଙ୍କ ଆଦର୍ଶ ଓ ସମାଜ ସେବାରେ ତାଙ୍କ ଅବଦାନକୁ ସ୍ମରଣ କରିବା ସହିତ ତାଙ୍କ ପଥରେ ଚାଲିବା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ।

# ୪ କୋଟି ଟଙ୍କାରେ ନିର୍ମିତ ଛାତ୍ରାବାସ, ପିଲାଙ୍କୁ ମିଳୁନି ରହିବା ସୁବିଧା !

ରାୟଗଡା,୧୪।୪ (ନିପ୍ର); ପିଲାଙ୍କୁ ମିଳୁନି ହଷ୍ଟେଲରେ ରହିବା ସୁବିଧା। ପିଲାମାନେ ଭଡ଼ା ଦେଇ ରହୁଛନ୍ତି ବାହାରେ, କାରଣ ହଷ୍ଟେଲରେ ଆଡ଼ମିସନ ହେଇ ପାରୁନି। ତେଣୁକରି ପିଲା ଆଉ କୌଣସି ଉପାୟ ନପାଇ ବାହାରେ ଘର ଭଡ଼ା ନେଇ ରହୁଛନ୍ତି। ଖବରରୁ ପ୍ରକାଶ ଯେ, ସେମାନେ ଗରିବ ପରିବାରରୁ ଆସି ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ନାମ ଲେଖାଇ ପାଠ ପଢୁଛନ୍ତି ନିଜ ଭବିଷ୍ୟତ ଗଢିବା ଲକ୍ଷ୍ୟ ନେଇ। କାରଣ ସେମାନେ ଆସିଛନ୍ତି ଗରିବ ପରିବାରରୁ। ଭଲ ପାଠ ପଢ଼ି ରୋଜଗାରର ବାଟ ଟିଏ ପାଇଲେ ବାପାମାଆଙ୍କ କଷ୍ଟ ସାର୍ଥକ ହୋଇପାରିବ, ନିଜ ଭାଇଭଉଣୀଙ୍କ ଭବିଷ୍ୟତ ଗଢିବାରେ ସହାୟକ ମଧ ହୋଇପାରିବେ, ବାପାମାଆଙ୍କ ଉପରେ ଆର୍ଥିକ ବୋଝ ପଡିବ ନାହିଁ। ଏହି ସ୍ୱପ୍ନ ନେଇ ସେମାନେ ସହରକୁ ଆସିଥାଆନ୍ତି, ହଷ୍ଟେଲରେ ରହି ପାଠ ପଢିବେ। ଶିକ୍ଷକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହି ଏକ ଶୈକ୍ଷିକ ବାତାବରଣ ମଧ୍ୟରେ ଶୃଙ୍ଖଳିତ ରହି ଭଲ ପାଠ ପଢ଼ି ଭଲ ରୋଜଗାର କରି ଘର କଥା ବୁଝିବେ। ସେମାନେ ପଇସା ଖର୍ଚ୍ଚ କରି ଉଚ୍ଚ ଶିକ୍ଷାପାଇଁ ନିଜ ଭାଇଭଉଣୀଙ୍କୁ ସାହାଯ୍ୟ ମଧ କରି ପାରିବେ। ନିଜ ଭବିଷ୍ୟତ ଗଢିବା ସଙ୍ଗେ ସଙ୍ଗେ ନିଜ ପରିବାର, ଆଉ ଭାଇ ଭଉଣୀଙ୍କ କଥା ମଧ ଦେଖିବେ। କିନ୍ତୁ କଲେଜରେ ନାମ ଲେଖାଇ, ରହିବା ପାଇଁ ହଷ୍ଟେଲରେ ଆଡ଼ମିସନ ନହୋଇପାରିବାରୁ ବାହାରେ ଭଡ଼ା ନେଇ ରହୁଛନ୍ତି। କିନ୍ତୁ ବାପା ମା ଗରିବ ହୋଇଥିବାରୁ ସେମାନେ ପିଲାଙ୍କ ଘର ଭଡ଼ା ଦେବାକୁ ଅକ୍ଷମ। ତେଣୁକରି ପିଲାମାନେ ଘରଭଡା ନେଇ ବାହାରେ ରହୁଥିବାରୁ,ମାସିକ ଘରଭଡା ବାବଦକୁ ପଇସା ଦେବା ପାଇଁ ଅର୍ଥ ରୋଜଗାର କରିବା ପାଇଁ ପାର୍ଟ ଟାଇମ ଜବ୍ କରୁଛନ୍ତି। ଏପରି ଗୋଟିଏ ପିଲା ସୁରେନ୍ଦ୍ର , ଯୁକ୍ତ ୩ ବାଣିଜ୍ୟ ୨ୟ ବର୍ଷର ଛାତ୍ର। ରୋଜଗାର ପାଇଁ କାମ କରୁଛନ୍ତି ଏକ ହୋଟେଲରେ। ସେହିପରି ଦୈତାରୀ,କଲେଜର କଳା ଛାତ୍ର, ଯେ,କି ଫୁଡ଼ ଡେଲିଭେରୀ ବୟ ଭାବେ କାର୍ଯ୍ୟରତ, ସେହିପରି ଧରମସିଂ ପେଟ୍ରୋଲ ପମ୍ପରେ କାମ କରି କିଛି ଅର୍ଥ ରୋଜଗାର କରନ୍ତି।

କାରଣ ଏବେ ସୁଦ୍ଧା ହଷ୍ଟେଲରେ ରହିବା ସୁଦ୍ଧା ଉପଲବ୍ଧ ହେଇପାରିନି। ତେଣୁ ବାହାରେ ରହିବା ପାଇଁ ବାଧ। ତେଣୁ ପିଲେ ପାର୍ଟଟାଇମ ଜବ୍ କରି ଭଡ଼ା ଟଙ୍କା ଦିଅନ୍ତି। ଏହି ପାର୍ଟ ଟାଇମ ଜବ କରି ସେମାନେ ନିଜ ପାଠପଢା ପାଇଁ ସମୟ ଦେଇପାରନ୍ତି ନାହିଁ ବୋଲି କହିଛନ୍ତି। ତେଣୁ ପାଠ ପଢ଼ିବା ପାଇଁ ସମୟ ମିଳେନି ବୋଲି କହିଛନ୍ତି ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର। ଚାରି କୋଟି ଟଙ୍କା ବ୍ୟୟରେ ୨୫୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ ହୋଇସାରିଛି। ଗଣ ଶିକ୍ଷାମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରି ୫ ମାସ ବିତିଗଲାଣି। ହେଲେ ବିଦ୍ୟୁତ ସଂଯୋଗୀକରଣ ହେଇନଥିବାରୁ ପିଲାଙ୍କ କାମରେ ଆସିପାରୁନି। ଟ୍ରାନ୍ସଫର୍ମର ପାଇଁ ୯ ଲକ୍ଷ ଟଙ୍କା ଜମା କରାଯାଇନଥିବାରୁ ଟାଟା ପାୱାର ବିଦ୍ୟୁତ ସଂଯୋଗ କରିନି। ତେଣୁ ପିଲାଙ୍କ ଆଡ଼ମିସନ ହେଇପାରୁନଥିବା କଲେଜ ଅଧ୍ୟକ୍ଷା ସରସ୍ୱତୀ ରାୟ କହିଛନ୍ତି, ଟ୍ରାନ୍ସଫରମର ପାଇଁ ଟଙ୍କା ମଞ୍ଜୁର ହୋଇଯାଇଛି, ଅତିରିକ୍ତ ଜିଲ୍ଲାପାଳ ଏହି ଅର୍ଥ ରାଶି ମଞ୍ଜୁର କରିଥିବା ଜଣାପଡିଛି। ତେଣୁ ଖୁବ ଶୀଘ୍ର ପିଲାଙ୍କ ପାଇଁ ଏହି ହଷ୍ଟେଲ ସୁବିଧା ମିଳିବ ବୋଲି କଲେଜ ଅଧ୍ୟକ୍ଷା ଶ୍ରୀମତୀ ରାୟ କହିଛନ୍ତି।

ଏ ବିଷୟରେ ଉପ-ଜିଲ୍ଲାପାଳ ରମେଶ କୁମାର ଜେନା କହିଛନ୍ତି ଯେ, ଏ ନେଇ ସେ ପିଏ ଆଇଟିଡିଏଙ୍କ ସହ କଥା ବାର୍ତ୍ତା କରି ଶୀଘ୍ର ଟ୍ରାନ୍ସଫରମର ପାଇଁ ଆବଶ୍ୟକ ୯ ଲକ୍ଷ ଟଙ୍କା ଜମାକରି ଟ୍ରାନ୍ସଫରମର ବସେଇ ବିଦ୍ୟୁତ୍ ସଂଯୋଗ କରାଇ, ପିଲାଙ୍କ ପାଇଁ ରହିବା ବ୍ୟବସ୍ଥା ଖୁବ ଶୀଘ୍ର କରାଯିବ।ଦେଖାଯାଉ ଏହି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କୁ କେବେ ମିଳୁଛି ହଷ୍ଟେଲ ସୁବିଧା।

# ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ

ଧର୍ମଗଡ଼,୧୪।୪ (ନିପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ବିଶେଷତ୍ୱ ଓଡ଼ିଆ ଖାଦ୍ୟର ଗୁରୁତ୍ୱ ଓ ରୁଚିକର ଉପରେ ଅବଗତ ହେବା ଉଦେଶ୍ୟରେ ଧର୍ମଗଡ ବ୍ଲକ ପକ୍ଷରୁ ଆୟୋଜିତ ହୋଇ ଯାଇଛି। ବ୍ଲକ ଅନ୍ତର୍ଗତ ସମସ୍ତ ପ୍ରଶାସନ ଜନପ୍ରତିନିଧି ସମେତ ସାମ୍ବାଦିକମାନେ ଅଂଶ ଗ୍ରହଣ କରିଥିଲେ । ପଖାଳ ସମେତ ଶାଗ, ଚୁନାବଡ଼ି, ଚିହ୍ନ, ଖଟା, ଦହି, ନାକ ଚଣା ଭଜା ଇତ୍ୟାଦି ଖାଇବାକୁ ଦିଆ ଯାଇଥିଲା। ତେବେ ଏହି ରୁଚିକର ଖାଦ୍ୟକୁ ସାଧାରଣ ଭାବେ ସଚେତନା ମୂଳକ ବାର୍ତ୍ତା ଦେବା ସହ ଓଡ଼ିଆ ଖାଦ୍ୟ ର ସଂସ୍କୃତି ପରମ୍ପରା ଦିଶା କୁ ଉଜ୍ଜ୍ୱିପିତ ରଖୁବା ସମସ୍ତଙ୍କ ଦାୟିତ୍ୱ ଥୁବା କାର୍ଯ୍ୟକ୍ରମ ରେ ସାମିଲ ହୋଇଥିବା ପ୍ରଶାସନ ଅଧିକାରୀ ମାନେ ପ୍ରକାଶ କରିଥିଲେ। ଧର୍ମଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଏନଏସି ଉପାଧ୍ୟକ୍ଷା, ବ୍ଲକ ଅଧ୍ୟକ୍ଷା, ସାମ୍ବାଦିକ ଗଣ ତଥା ବିଭିନ୍ନ ବିଭାଗର ପ୍ରଶାସନ ଅଧିକାରୀ କର୍ମଚାରୀ ଉପସ୍ଥିତ ରହିଥିଲେ।

# ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ

ଭଦ୍ରକ, ୧୪।୪ (ନିପ୍ର): ଓଡିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଭଦ୍ରକ ଜିଲ୍ଲା ପ୍ରଶାସନଙ୍କ ମିଳିତ ଅନୁକୂଳରେ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇଥିବା "ଓଡିଆ ପକ୍ଷ" ଅବସରରେ ଦ୍ୱାଦଶ ଦିନରେ "ବନ୍ଦନୀୟ ବରପୁତ୍ର" କାର୍ଯ୍ୟକ୍ରମ ଭଦ୍ରକ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଦ୍ୱାରା ବନ୍ଦନୀୟ ବରପୁତ୍ରମାନଙ୍କୁ ମାଲ୍ୟାର୍ପଣ କରାଯାଇଥିବା ସହିତ ତାଙ୍କ ସ୍ମୃତିଚରଣ କରାଯାଇଥିଲା।

# ଆମ୍ବେଦକର ଜୟନ୍ତୀ ଓ ବିଷୁବ ମିଳନ

ଗୁଣପୁର,୧୪।୪ (ନିପ୍ର): ଗୁଣପୁରସ୍ଥ ସୂଚନା କେନ୍ଦ୍ର ଓ ପାଠାଗାର ପରିସରରେ ଆମ୍ବେଦକର ଜୟନ୍ତୀ ଓ ମହାବିଷୁବ ମିଳନ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ପ୍ରଶାସନ ଓ କଳିଙ୍ଗ ସାହିତ୍ୟ ଘର ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ଉପ ଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲୀପ ମୁଖ୍ୟ ଅତିଥି, ଡେପୁଟି କଲେକ୍ଟର ଶୁଭ୍ରସ୍ମାତ ରାଉତ, ଯୋହନ ବଡ଼ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନା କେନ୍ଦ୍ରରେ ପ୍ରାୟ ତିନି ହଜାରରୁ ଅଧିକ ବହି ଗଚ୍ଛିତ ଥିବାବେଳେ ସଭ୍ୟ ସଂଖ୍ୟା କମ ଥିବାରୁ ସଭ୍ୟ ସଭ୍ୟା ବୃଦ୍ଧି କରିବା, ପାଠକ ସୃଷ୍ଟି କରିବା, ପାଠଗରକୁ ଆସୁଥିବା ଖବର କାଗଜ ପ୍ରତି ଲୋକଙ୍କୁ ସଚେତନ କରିବା, ମୋବାଇଲ ଛାଡି ଓଡ଼ିଆ ସାହିତ୍ୟ ପ୍ରତି ରୁଚି ବଢାଇବା ନିମନ୍ତେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆମ୍ବେଦକରଙ୍କ ପଢିବା ସମୟ ଯେପରି ଚଉଦ ଘଣ୍ଟାରୁ ଅଧିକ ଥିଲା ସେପରି ଆମେ ପଢିବା ସମୟ ମଧ ଧାର୍ଯ୍ୟ କରିବା, ହନୁମାନଙ୍କ ଜ୍ଞାନ ଓ ଧୈର୍ଯ୍ୟର ସୀମାକୁ ନିଜ ଭିତରେ ରଖିବା ବୋଲି ମୁଖ୍ୟ ଅତିଥି ଶ୍ରୀ ଦୁଧାଲ ମତବ୍ୟକ୍ତ କରିଥିଲେ।

# ନାରୀଶକ୍ତି ବନ୍ଦନ ଅଧିନିୟମ ଆଲୋଚନାଚକ୍ର

କୁଚିଣ୍ଡା,୧୪।୪ (ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ସୋମବାର ନାରୀଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନ ଅଧ୍ୟକ୍ଷତା କରି କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଯାଉଥିବା ନାରୀଶକ୍ତି ବନ୍ଦନା ଅଧିନିୟମର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ।

14 04.2026 P-5.pmd 1 4/14/2026, 4:52 PM

# ପଶ୍ଚିମ ଏସିଆ ସଂକଟ: ୨୫ ଲକ୍ଷ ଭାରତୀୟଙ୍କୁ ଦାରିଦ୍ର୍ୟକୁ ଠେଲି ଦେଇପାରେ: ରିପୋର୍ଟ

ନ୍ୟୁୟର୍କ, ୧୪/୪: ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି)ର ଏକ ନୂତନ ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ୨୫ ଲକ୍ଷ ଭାରତୀୟଙ୍କୁ ଦାରିଦ୍ର୍ୟକୁ ଠେଲି ଦେବ। ଫଳରେ ଦେଶରେ ମାନବ ବିକାଶ ପ୍ରଗତିରେ ମଧ୍ୟ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି। 'ମଧ୍ୟପ୍ରାଚ୍ୟରେ ସାମରିକ ବୃଦ୍ଧି: ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ମାନବ ବିକାଶର ପ୍ରଭାବ' ଶୀର୍ଷକ ରିପୋର୍ଟରେ କୁହାଯାଇଛି ଏହି ସଙ୍କଟ ସମଗ୍ର ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ମାନବ ବିକାଶ ଉପରେ ଚାପ ବୃଦ୍ଧି କରୁଛି। ଇନ୍ଧନ, ମାଲ ପରିବହନ ଏବଂ ଇନପୁଟ୍ ଖର୍ଚ୍ଚ ବୃଦ୍ଧି ଯୋଗୁଁ ପରିବାରର କ୍ରୟ ଶକ୍ତି ହ୍ରାସ ପାଉଛି। ଖାଦ୍ୟ ସୁରକ୍ଷା ବୃଦ୍ଧି କରୁଛି, ସାଧାରଣ ବଜେଟ୍ ଉପରେ ଚାପ ପକାଉଛି ଏବଂ ଜୀବନଜୀବିକାକୁ ଦୁର୍ବଳ କରୁଛି ବୋଲି ରିପୋର୍ଟରେ କୁହାଯାଇଛି। ମଙ୍ଗଳବାର ପ୍ରକାଶିତ ପ୍ରାରମ୍ଭିକ ଆକଳନ ଅନୁଯାୟୀ, ବିଶ୍ୱ ସ୍ତରରେ ୮.୮ ନିୟୁତ ଲୋକଙ୍କୁ ଦାରିଦ୍ର୍ୟକୁ ଠେଲି ଦିଆଯାଇପାରେ। ଏହା ସହିତ ଚେତାବନୀ ଦିଆଯାଇଛି, ଏହି ବୃଦ୍ଧି ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ୨୯୯ ବିଲିୟନ ଡଲାର ପର୍ଯ୍ୟନ୍ତ କ୍ଷତି ପହଞ୍ଚାଇପାରେ। ରିପୋର୍ଟରେ କୁହାଯାଇଛି, ଭାରତରେ ଦାରିଦ୍ର୍ୟ ସୀମା ମଧ୍ୟରେ ରହିଥିବା ଲୋକଙ୍କ ସଂଖ୍ୟା ୪ ଲକ୍ଷରୁ ୨୫ ଲକ୍ଷକୁ ବୃଦ୍ଧି ପାଇପାରେ। ବିଶ୍ୱ ସ୍ତରରେ , ବିଭିନ୍ନ ପରିସ୍ଥିତିରେ ସଂଘର୍ଷ ଯୋଗୁଁ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଥିବା ଲୋକଙ୍କ ସଂଖ୍ୟା ୧.୯ ନିୟୁତରୁ ୮.୮ ନିୟୁତକୁ ବୃଦ୍ଧି ପାଇପାରେ। ଏହି ଜନସଂଖ୍ୟା ଦକ୍ଷିଣ ଏସିଆ ସର୍ବାଧିକ



ଅଂଶ ହେବ ବୋଲି ଆଶଙ୍କା କରାଯାଉଛି। ଚୀନ୍‌ରେ ଦାରିଦ୍ର୍ୟକୁ ଠେଲି ହେବା ଜନସଂଖ୍ୟା ୧୧୫,୦୦୦ ରୁ ୬୨୦,୦୦୦ ପର୍ଯ୍ୟନ୍ତ ବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି। ସାମରିକ ଅଭିଯାନର ଆନୁମାନିକ ଦାରିଦ୍ର୍ୟ ପ୍ରଭାବ ଉପରେ ଆଲୋକପାତ କରି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ସଙ୍କଟ ପରବର୍ତ୍ତୀ ସମୟରେ ଭାରତର ଦାରିଦ୍ର୍ୟ ହାର ୨୩.୯ ପ୍ରତିଶତରୁ ୨୪.୨ ପ୍ରତିଶତକୁ ବୃଦ୍ଧି ପାଇବ, ଯାହା ୨,୪୬୪,୬୯୮ ଲୋକଙ୍କୁ ଦାରିଦ୍ର୍ୟକୁ ଠେଲିଦେବ। ସଙ୍କଟ ପରବର୍ତ୍ତୀ ସମୟରେ ଦେଶରେ ପ୍ରାୟ ୩୫୧,୫୬୯,୦୦୦ ଲୋକ ଦାରିଦ୍ର୍ୟରେ ଜୀଇଁବେ ବୋଲି ଆକଳନ କରାଯାଇଛି। ଏହି ଅଞ୍ଚଳର ଦେଶଗୁଡ଼ିକର ମାନବ ବିକାଶ ସୂଚକାଙ୍କ ଉପରେ ଯୁଦ୍ଧର ପ୍ରଭାବ ଆକଳନ କରାଯାଇଛି। ଏହା ସୂଚିତ କରିଛି, ଇରାନର ମାନବ ବିକାଶ ସୂଚକାଙ୍କ ପ୍ରାୟ ଦେଢ଼ ବର୍ଷର ମାନବ ବିକାଶ ପ୍ରଗତି ସହ ସମାନ ପରିମାଣରେ ହ୍ରାସ ପାଇପାରେ। ଭାରତ ପ୍ରାୟ ୦.୦୩-୦.୧୨ ବର୍ଷ ମାନବ ବିକାଶ ସୂଚକାଙ୍କ ପ୍ରଗତି ହରାଇବ ବୋଲି ଆକଳନ କରାଯାଇଛି। ଏହା ପରେ ନେପାଳ ପ୍ରାୟ ୦.୦୨-୦.୦୯ ବର୍ଷ ଏବଂ ଭିଏତନାମ ୦.୦୨-୦.୦୭ ବର୍ଷର ମାନବବିକାଶ କ୍ଷତି ସହିବ। ଚୀନ୍‌ରେ ମାନବ ବିକାଶ ସୂଚକାଙ୍କ ଉପରେ ଆନୁମାନିକ ପ୍ରଭାବ ପ୍ରାୟ ୦.୦୧-୦.୦୫ ବର୍ଷ ପର୍ଯ୍ୟନ୍ତ ସୀମିତ ରହିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଏହି ଅଞ୍ଚଳର ବୃହତ ଆମଦାନିକାରୀଙ୍କ ମଧ୍ୟରେ, ଭାରତ ନିଜର ୯୦ ପ୍ରତିଶତରୁ ଅଧିକ ତୈଳ ଆବଶ୍ୟକତା ଆମଦାନି ମାଧ୍ୟମରେ ପୂରଣ କରିଥାଏ।

# ଇରାନ ହାତରେ ସବୁକିଛି ରହିଛି: ଜେଡି ଭାନ୍ସ

ୱାସିଂଟନ, ୧୪/୪: ଇସଲାମାବାଦରେ ମାରାଥନ ଆଲୋଚନାରେ କୌଣସି ସହମତି ନମିଳିବା ପରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ ଇରାନକୁ ଶାନ୍ତି ଆଲୋଚନାରେ ପରବର୍ତ୍ତୀ ପଦକ୍ଷେପ ନେବାକୁ ପଡିବ। ଭାନ୍ସ ଜୋର ଦେଇ କହିଛନ୍ତି ଯେ, ଏକ ସମ୍ଭାବ୍ୟ ଚୁକ୍ତି ପାଇଁ ଇରାନ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଇରାନ ହାତରେ ସବୁକିଛି ରହିଛି। ଇସଲାମାବାଦରେ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଅନିଶ୍ଚିତ ଆଲୋଚନା ପରେ, ଡୋନାଲ୍ଡ ଟ୍ରମ୍ପ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଟ୍ରମ୍ପ କଡ଼ା ବିବୃତି ଜାରି କରୁଥିବା ବେଳେ, ଆମେରିକା ଇରାନ ସହିତ ପୁଣି ଆଲୋଚନା କରିବା ପାଇଁ ପ୍ରୟାସ କରୁଛି। ଦୁଇ ସପ୍ତାହ ଧରି ଚାଲିଥିବା ଆମେରିକା-ଇରାନ ଅସ୍ତ୍ରବିରତିର ମିଆଦ ଶେଷ ହେଉଥିବାବେଳେ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିବାକୁ ଧମକ ଦେଇଛନ୍ତି। ଅପରପକ୍ଷରେ ଆମେରିକା ଦୋହରା ନୀତି ଗ୍ରହଣ କରି ବୈଠକ ପାଇଁ ପ୍ରସ୍ତୁତି ମଧ୍ୟ କରୁଛି। ଡୋନାଲ୍ଡ ଟ୍ରମ୍ପଙ୍କ ଅଧିକାରୀମାନେ ଇରାନ ଅଧିକାରୀଙ୍କ ସହିତ ଦ୍ୱିତୀୟ ମୁହାଁମୁହିଁ ବୈଠକର ସମ୍ଭାବନା ଏବଂ ବିବରଣୀ ଉପରେ ଆଭ୍ୟନ୍ତରୀଣ ଆଲୋଚନା କରୁଛନ୍ତି। ଏହି ବୈଠକ ଏପ୍ରିଲ ୨୧ ଅସ୍ତ୍ରବିରତି ଶେଷ ହେବା ପୂର୍ବରୁ ହୋଇପାରେ ବୋଲି ଅନୁମାନ କରାଯାଉଛି। ରିପୋର୍ଟ ଅନୁଯାୟୀ, ଜେନେଭା ଏବଂ ଇସଲାମାବାଦ ପରବର୍ତ୍ତୀ ଆଲୋଚନା ପାଇଁ ସମ୍ଭାବ୍ୟ ସ୍ଥାନ ହୋଇପାରେ ବୋଲି କୁହାଯାଉଛି। ଆସୋସିଏଟେଡ୍ ପ୍ରେସ୍ ଆମେରିକାର ଅଧିକାରୀଙ୍କ ସୂଚନା



ଆଧାରରେ ରିପୋର୍ଟ କରିଛି ଯେ, ଆମେରିକା ଏବଂ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଇସଲାମାବାଦ କିମ୍ବା ଜେନେଭାରେ ହୋଇପାରେ। ଏହି ଆଲୋଚନା ଦୁଇ ଦିନ ପରେ ଏପ୍ରିଲ ୧୬ ତାରିଖରେ ହେବାର ସମ୍ଭାବନା ଅଛି। ତଥାପି, କେଉଁ ଦେଶରେ କିମ୍ବା କେବେ ବୈଠକ ହେବ ତାହା ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ସ୍ଥିର ହୋଇନାହିଁ। ଅଧିକାରୀମାନେ ସମ୍ଭାବ୍ୟ ତାରିଖ ଏବଂ ସ୍ଥାନ ବିଷୟରେ ବିଚାର କରୁଛନ୍ତି ତେଣୁ ଆଗାମୀ ଦିନରେ ଇରାନ ଏବଂ ମଧ୍ୟସ୍ଥତାକାରୀଙ୍କ ସହିତ ଚାଲିଥିବା ଆଲୋଚନା ଆଗକୁ ବଢ଼ିଲେ ସେମାନେ ଏନେଇ ପ୍ରସ୍ତୁତି କରିବେ। ଯଦି ପରିସ୍ଥିତି ସେହି ଦିଗରେ ଗତି କରେ, ତେବେ ଆମକୁ ଶୀଘ୍ର ବ୍ୟବସ୍ଥା କରିବାକୁ ପ୍ରସ୍ତୁତ ରହିବାକୁ ପଡିବ ବୋଲି ଅଧିକାରୀମାନେ କହିଛନ୍ତି। ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କର ଅନେକ ନିକଟତମ ପରାମର୍ଶଦାତା ଅସ୍ତ୍ରବିରତି ସଫଳ ହେବା ଏବଂ ଦୁଇ ପକ୍ଷ ଏକ କୂଟନୈତିକ ସମାଧାନରେ ପହଞ୍ଚିବା ପାଇଁ ଆଗ୍ରହୀ। ଅନେକ ପ୍ରଶାସନିକ ଅଧିକାରୀ ସାମରିକ ଆକ୍ରମଣ ପୁଣି ଥରେ ଆରମ୍ଭ କରିବାକୁ ଚାହାଁନ୍ତି ନାହିଁ। ସେମାନେ କହୁଛନ୍ତି, ଆମେରିକୀୟ ସେନା ଯୁଦ୍ଧରେ କ୍ଲାନ୍ତ ହୋଇପଡ଼ିଛନ୍ତି। ଆଉ ଏକ ପର୍ଯ୍ୟାୟ ଆଲୋଚନା ହୋଇପାରେ, ଏବଂ ତୁର୍କୀ ଦୁଇ ପକ୍ଷ ମଧ୍ୟରେ ଥିବା ଦୂରତାକୁ କମ୍ କରିବା ପାଇଁ କାମ କରୁଛି। ଶନିବାର ଇସଲାମାବାଦରେ ହୋଇଥିବା ୨୧ ଘଣ୍ଟାର ବୈଠକରେ ତୁର୍କୀ, ଇଜିପ୍ଟ ଏବଂ ଓମାନର ମଧ୍ୟସ୍ଥତା ସହିତ ଆମେରିକା ଏବଂ ପାକିସ୍ତାନର ଉଚ୍ଚ ପଦାଧିକାରୀମାନେ ସାମିଲ ହୋଇଥିଲେ। ଶନିବାର ଆଲୋଚନା ପାଇଁ ଜେନେଭା, ଭିଏନା ଏବଂ ଇସ୍ତାନବୁଲ ସମେତ ଅନେକ ସ୍ଥାନ ଉପରେ ଆଲୋଚନା କରାଯାଇଥିଲା। ଶେଷରେ, ଉଭୟ ପକ୍ଷ ଇସଲାମାବାଦ ଉପରେ ସହମତ ହୋଇଥିଲେ।

## ବିଏଲଏ ଗଠନ କଲା ନୌସେନା, ସମୁଦ୍ର ମଝିରେ ୩ ପାକ୍ ନୌସେନା କର୍ମଚାରୀଙ୍କୁ ହତ୍ୟା

କ୍ୱେଟା/ଇସଲାମାବାଦ, ୧୪/୪: ବେଲୁଚିସ୍ତାନରେ ସକ୍ରିୟ ଥିବା ବିଦ୍ରୋହୀ ସଂଗଠନ ବଲୁଚ ଲିବରେସନ୍ ଆର୍ମି (ବିଏଲଏ) ଏବେ ପାକିସ୍ତାନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସଂଗଠନ ପକ୍ଷରୁ ପ୍ରଥମ ନୌସେନା ଗଠନ କରାଯାଇଥିବା ଘୋଷଣା କରାଯିବା ସହ ସମୁଦ୍ର ମଝିରେ ପାକିସ୍ତାନୀ ନୌସେନା କର୍ମଚାରୀଙ୍କ ଉପରେ ରକ୍ତାକ୍ତ ଆକ୍ରମଣ କରାଯାଇଛି। ଏହି ପ୍ରଥମ ନୌସେନା ଅଭିଯାନରେ ପାକିସ୍ତାନୀ ନୌସେନାର ତିନି ଜଣ କର୍ମଚାରୀ ପ୍ରାଣ ହରାଇଥିବା ବିଏଲଏ ଦାବି କରିଛି। ବିଏଲଏର ମିଡିଆ ଶାଖା 'ହକ୍କାଲ' ଦ୍ୱାରା ଜାରି କରାଯାଇଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି ଯେ, ମୁଖାପିନ୍ଧା ସଶସ୍ତ୍ର ଯୋଦ୍ଧାମାନେ ଏକ ସ୍ପିଡ୍ ବୋଟ୍ ଜରିଆରେ ସମୁଦ୍ର ମଝିରେ ଥିବା ଏକ ପାକିସ୍ତାନୀ ତଟରକ୍ଷୀ ଜାହାଜ ନିକଟକୁ ଯାଇ ଅତର୍କିତ ଗୁଳି ଚାଳନା କରୁଛନ୍ତି। ଏହି ଆକ୍ରମଣରେ ନାଇକ ଅଫଜଲ, ସିପାହୀ ଜମିଲ ଓ ସିପାହୀ ଉମରଙ୍କ ମୃତ୍ୟୁ ଘଟିଥିବା ସଂଗଠନ ପକ୍ଷରୁ କୁହାଯାଇଛି। ବାଲୁଚ୍ ଯୋଦ୍ଧାମାନେ ଚେତାବନୀ ଦେଇ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ଏହି ମାଟିରେ ଜଣେ ବି ବାଲୁଚ୍ ଜୀବିତ ଅଛି, ସେପର୍ଯ୍ୟନ୍ତ ଶତ୍ରୁମାନଙ୍କୁ ସ୍ଥଳଭାଗ କିମ୍ବା ସମୁଦ୍ରରେ ବଞ୍ଚିବାକୁ ଦିଆଯିବ ନାହିଁ। ସଂଗଠନ ପକ୍ଷରୁ ଜାରି ବିବୃତ୍ତିରେ ଅଭିଯୋଗ କରାଯାଇଛି ଯେ, ପାକିସ୍ତାନ ଏବଂ ତା'ର ସହଯୋଗୀମାନେ ବର୍ଷ ବର୍ଷ ଧରି ବେଲୁଚିସ୍ତାନର ସାମୁଦ୍ରିକ ସମ୍ପଦକୁ ଅବୈଧ ଭାବେ ଶୋଷଣ କରୁଛନ୍ତି। ଉପକୂଳ ଅଞ୍ଚଳକୁ ସାମରିକ ଛାଉଣୀରେ ପରିଣତ କରାଯାଇଥିବାରୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଆର୍ଥିକ ଦୁରାବସ୍ଥାର ସମ୍ମୁଖୀନ ହେଉଛନ୍ତି। ଏବେ ବାଲୁଚ୍ ସ୍ୱାଧୀନତା ଆନ୍ଦୋଳନ ପର୍ବତ ଓ ସହରରୁ ବାହାରି ଗଭୀର ସମୁଦ୍ରକୁ ବ୍ୟାପିଥିବା ବେଳେ, ପାକିସ୍ତାନୀ ସେନା ପାଇଁ ଏହା ଏକ କବରସ୍ଥାନ ପାଲଟିବ ବୋଲି ବିଏଲଏ ଚେତାବନୀ ଦେଇଛି। ଏହି ଘଟଣା ପରେ ପାକିସ୍ତାନୀ ସୁରକ୍ଷା ବଳ ମଧ୍ୟରେ ତୀବ୍ର ଆତଙ୍କ ଖେଳିଯାଇଛି।

## ଏଫ୍-୩୫-ବି ସହିତ ୧୫ ଯୁଦ୍ଧଜାହାଜ ଏବଂ ୫ ହଜାର ମାରିନ୍ କମାଣ୍ଡୋ ମୁତୟନ କଲା ଆମେରିକା



ୱାସିଂଟନ, ୧୪/୪: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ ପରେ ଆମେରିକା ସେନା ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିବା ପାଇଁ ୫ ହଜାର ମାରିନ୍ ସୈନିକ, ବିଧ୍ୱଂସକ ଜାହାଜ ଏବଂ ସୋନାର୍ ଜାହାଜ ମୁତୟନ କରିଛି। ଆମେରିକାର ସେନା ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିବା ପାଇଁ ଏଫ୍-୩୫-ବି ଲଢୁଆ ବିମାନ, ଏମଭି-୨୨ ଓସପ୍ରେସ୍ ଏବଂ ୧୫ ଯୁଦ୍ଧଜାହାଜ ମୁତୟନ କରିଛି। ଆମେରିକାର ସେନାର ଲକ୍ଷ୍ୟ ଧୀରେ ଧୀରେ ହର୍ମୁଜ୍ ପ୍ରଣାଳୀ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିବା। ଅପରପକ୍ଷରେ ଇରାନ ଏହାକୁ କୌଣସି ଶୁଳ୍କ ନ ଦେଲେ ଖୋଲିବାକୁ ମନା କରିଛି। ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି, ପ୍ରଣାଳୀରେ ପ୍ରବେଶ କରୁଥିବା କିମ୍ବା ବାହାରୁଥିବା ସମସ୍ତ ଜାହାଜକୁ ବନ୍ଦ କରିଦିଆଯିବ। ଏହି ଅବରୋଧ ଯଦି ସଫଳ ହୁଏ, ତେବେ ଇରାନ ପାଇଁ ବିପର୍ଯ୍ୟୟକାରୀ ସାବ୍ୟସ୍ତ ହୋଇପାରେ। ଇରାନର ତୈଳ ଏବଂ ଗ୍ୟାସ୍ ଯୋଗାଣକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦିଆଯିବ। ଫଳରେ ଏହା ଯୁଦ୍ଧ-ବିଧ୍ୱସ୍ତ ଇରାନର ଅର୍ଥନୀତିକୁ ପଙ୍ଗୁ କରିଦେବ। ସମସ୍ୟା ହେଉଛି ଯଦି ଇରାନ ଆମେରିକୀୟ ଯୁଦ୍ଧଜାହାଜ ଉପରେ ଗୁଳି ଚଳାଇବା ଆରମ୍ଭ କରେ, ତେବେ ଅସ୍ତ୍ରବିରତି ଭଙ୍ଗ ହେବ। ଯାହା ପୁଣି ଏକ ନୂଆ ଯୁଦ୍ଧ ଆରମ୍ଭ କରିବ। ହୁଏତ ଆମେରିକା ଏହା କରିବାକୁ ଚାହୁଁଛି ବୋଲି କୁହାଯାଉଛି। ୧୪ ଦିନିଆ ଅସ୍ତ୍ରବିରତି ବର୍ତ୍ତମାନ ଏକ ଅତ୍ୟନ୍ତ ଦୁର୍ବଳ ସ୍ଥିତିରେ ଅଛି ଏବଂ ଯେକୌଣସି ସମୟରେ ଏହା ଭଙ୍ଗ ହୋଇପାରେ। ହର୍ମୁଜ୍ ପ୍ରଣାଳୀରେ ଇରାନ ଦ୍ୱାରା ବିଛାଯାଇଥିବା ସମୁଦ୍ର ମାଇନ୍‌ଗୁଡ଼ିକୁ ସ୍ୱତନ୍ତ୍ର ସେନ୍ସର ସହିତ ସଜ୍ଜିତ ତିନୋଟି ହାଲୁକା ସଶସ୍ତ୍ର ମାଇନ୍‌ସ୍ୱିପର ଜାହାଜ ଖୋଜୁଛନ୍ତି।

## ଆମେରିକା ହର୍ମୁଜ ଅବରୋଧ କଲେ ଦିନକୁ ୪୩୫ ନିୟୁତ ଡଲାର କ୍ଷତି ସହିବ ଇରାନ

ତେହେରାନ/ୱାସିଂଟନ, ୧୪/୪: ତେହେରାନ ଏବଂ ୱାସିଂଟନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବାରୁ ଆମେରିକା ହର୍ମୁଜପ୍ରଣାଳୀ ଅବରୋଧ କରିବାକୁ ଧମକ ଦେଇଛି। ଏକ ଆକଳନ ଅନୁଯାୟୀ ଏଭଳି ପଦକ୍ଷେପ ଦ୍ୱାରା ଇରାନକୁ ପ୍ରତିଦିନ ୪୩୫ ନିୟୁତ ଡଲାର କ୍ଷତି ସହିବାକୁ ପଡ଼ିପାରେ। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ରିପୋର୍ଟ ଅନୁଯାୟୀ, ଆନୁମାନିକ କ୍ଷତିରେ ପ୍ରାୟ ୨୭୬ ନିୟୁତ ଡଲାରର ଅଶୋଧିତ ତୈଳ ଏବଂ ପେଟ୍ରୋକେମିକାଲ୍ସ ରପ୍ତାନି ମଧ୍ୟ ସାମିଲ ରହିଛି। ଫାଉଣ୍ଡେସନ ଫର୍ ଡିଫେନ୍ସ ଅଫ୍ ଡେମୋକ୍ରାସିଜର ମିୟାଦ ମାଲେକିଙ୍କ ଆକଳନ ଅନୁଯାୟୀ, ଇରାନ ପ୍ରତିଦିନ ପ୍ରାୟ ୮୭ ଡଲାର ପ୍ରତି ବ୍ୟାରେଲ ଦରରେ ପ୍ରାୟ ୧.୫ ନିୟୁତ ବ୍ୟାରେଲ ତେଲ ରପ୍ତାନି କରିଥାଏ। ଏହି ରପ୍ତାନିର ୯୦% ରୁ ଅଧିକ ସାଧାରଣତଃ ପାରସ୍ୟ ଉପସାଗରର ଖାର୍ଗ ଦ୍ୱୀପ ଦେଇ ପରିବହନ ହୋଇଥାଏ। ବିଶ୍ଳେଷକମାନଙ୍କ ଅନୁସାରେ ଇରାନ ଉପରେ ଅର୍ଥନୈତିକ ପ୍ରଭାବ କେତେକ କାରଣ ଉପରେ ନିର୍ଭର କରିବ। ଅବରୋଧକୁ କେତେ କଠୋର ଭାବରେ ଲାଗୁ କରାଯାଉଛି ଏବଂ ତେହେରାନ ପ୍ରଣାଳୀ ବାହାରେ ଜାସ୍କ ଟର୍ମିନାଲ ଭଳି ବିକଳ୍ପ ରାସ୍ତା ଦେଇ ରପ୍ତାନି ଜାରି କରାଯାଇପାରିବ କି ନାହିଁ ତାହା ମଧ୍ୟ ବିଚାର ଯୋଗ୍ୟ ହେବ। ସମୁଦ୍ରରେ ପୂର୍ବରୁ ଗଚ୍ଛିତ ତେଲ ଦ୍ୱାରା ସାମୟିକ କ୍ଷତି ଭରଣା ହୋଇପାରେ। ମିଳିଥିବା ତଥ୍ୟ ଅନୁଯାୟୀ, ମାର୍ଚ୍ଚ ଶେଷ ସୁଦ୍ଧା ଇରାନ ଉପସାଗର ବାହାରେ ପ୍ରାୟ ୧୫୪ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଟ୍ୟାଙ୍କରରେ ଭାସମାନ ଥିଲା। ଏହାର ପରିବହନ ଦ୍ୱାରା କ୍ଷତି କିଛି ମାତ୍ରାରେ କମ୍ କରାଯାଇ ପାରିବ।

## ନାରୀ ଶକ୍ତିକୁ ଚିଠି ଲେଖିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୪/୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦେଶର 'ନାରୀ ଶକ୍ତି'ଙ୍କୁ ଏକ ବିଶେଷ ପତ୍ର ଲେଖି ମହିଳା ସଂରକ୍ଷଣ କ୍ଷେତ୍ରରେ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ଛନ୍ତି। ଦଶନ୍ଧି ଦଶନ୍ଧି ଧରି ପଡ଼ି ରହିଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ କାର୍ଯ୍ୟକାରୀ କରିବା ପାଇଁ ଆସନ୍ତା ଏପ୍ରିଲ ୧୬ ତାରିଖରେ ସଂସଦର ଅଧିବେଶନରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଆଲୋଚନା ହେବାକୁ ଯାଉଛି। ଏହି ପଦକ୍ଷେପ ମାଧ୍ୟମରେ ବିଧାନସଭା ଓ ସଂସଦରେ ମହିଳାମାନଙ୍କ ଭାଗିଦାରୀ ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମର୍ଥନ ଲୋଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ନିଜ ପତ୍ରରେ ଡକ୍ଟର ବି.ଆର. ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି ଯେ, ସ୍ୱାଧୀନତା ପରଠାରୁ ଭାରତ ମହିଳାମାନଙ୍କୁ ସମାନ ଭୋଟ୍ ଅଧିକାର ଦେଇଥିଲେ ହେଁ ବିଧାନପାଳିକାରେ ସେମାନଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ପାଇଁ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିବା ଆବଶ୍ୟକ। ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ସ୍ୱପ୍ନ ସାକାର କରିବା ପାଇଁ ମହିଳାମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଖେଳପଡ଼ିଆ ଠାରୁ ଆରମ୍ଭ କରି ଷ୍ଟାର୍ଟଅପ୍, ବିଜ୍ଞାନ ଓ ପ୍ରଶାସନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନାରୀମାନଙ୍କ ସଫଳତା ସେମାନଙ୍କ ରାଜନୈତିକ ସଂରକ୍ଷଣ ପାଇଁ ଦୃଢ଼ ଯୁକ୍ତି ଉପସ୍ଥାପନ କରୁଛି। ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଏହି ବ୍ୟବସ୍ଥାକୁ ପୂର୍ଣ୍ଣରୂପେ ଲାଗୁ କରିବାକୁ ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଐତିହାସିକ ବିଲକୁ ସମର୍ଥନ କରିବା ପାଇଁ ସେ ମହିଳାମାନଙ୍କୁ ନିଜ ନିଜ ଅଞ୍ଚଳର ସାଂସଦମାନଙ୍କୁ ପତ୍ର ଲେଖିବାକୁ ଅନୁରୋଧ କରିଛନ୍ତି।

## ପାକିସ୍ତାନରେ ୩୩୧ ଶିଶୁ ଏଚ୍‌ଆଇଭିରେ ଆକ୍ରାନ୍ତ

ଇସଲାମାବାଦ, ୧୪/୪: ପାକିସ୍ତାନର ସରକାରୀ ହସ୍ପିଟାଲରୁ ଏକ ଆଶ୍ଚର୍ଯ୍ୟଜନକ ରିପୋର୍ଟ ସାମ୍ନାକୁ ଆସିଛି। ପଞ୍ଜାବ ପ୍ରଦେଶର ଟାଉନ୍ସାରେ ଥିବା ଟିଏଚ୍‌କ୍ୟୁ ହସ୍ପିଟାଲର ଡାକ୍ତରଙ୍କ ଅବହେଳା ଯୋଗୁଁ, ୩୩୧ ରୁ ଅଧିକ ନିଷ୍ପାପ ଶିଶୁ ଦୁରାରୋଗ୍ୟ ରୋଗ ଏଚ୍‌ଆଇଭିରେ ଆକ୍ରାନ୍ତ ହୋଇଛନ୍ତି। ଗୋଟିଏ ସିରିଞ୍ଜର ପୁନଃବ୍ୟବହାର ଏବଂ ମୌଳିକ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଅବହେଳା ଯୋଗୁ ପିଲାମାନଙ୍କ ଜୀବନ ଏବେ ବିପଦରେ ପଡ଼ିଛି। ବିବିସି ରିପୋର୍ଟ ଏହା ପ୍ରକାଶ କରିଛି। ଏହି ଭୟଙ୍କର କାହାଣୀର ସବୁଠାରୁ ଦୁଃଖଦ ଘଟଣା ହେଉଛି ଆଠ ବର୍ଷୀୟ ମହମ୍ମଦ ଅମିନଙ୍କର ମୃତ୍ୟୁ। ଏଚ୍‌ଆଇଭିରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହେବାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଅମିନଙ୍କ ମାଆ କହିଛନ୍ତି ଜୀବନରଶେଷ ଦିନଗୁଡ଼ିକରେ ତାଙ୍କୁ ପ୍ରବଳ ଜ୍ୱର ଏବଂ ଯନ୍ତ୍ରଣା ହୋଇଥିଲା। ଅମିନଙ୍କ ମୃତ୍ୟୁ ପରେ, ତାଙ୍କ ଭଉଣୀ ଆସମା ମଧ୍ୟ ଏଚ୍‌ଆଇଭି ପଜିଟିଭ୍ ପରୀକ୍ଷା କରିଥିଲେ। ପରିବାର ଅଭିଯୋଗ କରିଛନ୍ତି, ସରକାରୀ ହସ୍ପିଟାଲରେ ଚିକିତ୍ସା ସମୟରେ ଦିଆଯାଇଥିବା ଦୂଷିତ ଇଞ୍ଜେକ୍ସନ ଯୋଗୁଁ ସେମାନଙ୍କର ପିଲାମାନେ ଏହି ଘାତକ ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଥିଲେ।

# ବିଜେପିର ପ୍ରତିଶ୍ରୁତି: ମହିଳାଙ୍କୁ ମାସକୁ ୨ ହଜାର ଟଙ୍କା, ୩ ମାଗଣା ସିଲିଣ୍ଡର



ଚେନ୍ନାଇ, ୧୪/୪: ମଙ୍ଗଳବାର ତାମିଲନାଡୁ ନିର୍ବାଚନ ପାଇଁ ବିଜେପି ନିଜର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛି। ପୂର୍ବତନ ବିଜେପି ଅଧକ୍ଷ ଜେପି ନଡ୍ଡା ଇସ୍ତାହାର ପ୍ରକାଶ କରିଛନ୍ତି। ଦଳ ପକ୍ଷରୁ ମହିଳା, ଯୁବପିଢ଼ି ଏବଂ ସମାଜର ଅନ୍ୟାନ୍ୟ ବର୍ଗଙ୍କ ପାଇଁ ଅନେକ ଲୋକପ୍ରିୟ ପ୍ରତିଶ୍ରୁତି ଦିଆଯାଇଛି। ଏଥିରେ ମହିଳାମାନଙ୍କୁ ପ୍ରତି ମାସରେ ୨ ହଜାର ଟଙ୍କା ଏବଂ ପ୍ରତିବର୍ଷ ତିନୋଟି ମାଗଣା ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

ବର୍ଦ୍ଧିତ ମୁଦ୍ରାସ୍ଫୀତିର ମୁକାବିଲା ପାଇଁ ପ୍ରତ୍ୟେକ ପରିବାରକୁ ୧୦ ହଜାରର ଏକକାଳୀନ ଅନୁଦାନ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛି। ମହିଳାମାନଙ୍କୁ ଇ-ସ୍କୁଟର କିଣିବା ପାଇଁ ୨୫ ହଜାର ଟଙ୍କାର ସବସିଡି ଘୋଷଣା କରାଯାଇଛି। ଜଲିକଟ୍ଟୁ ଷଣ୍ଢ ପାଳନକାରୀଙ୍କ ପାଇଁ ୨ ହଜାର ମାସିକ ସହାୟତା ଏବଂ ଅଂଶଗ୍ରହଣକାରୀଙ୍କ ମୃତ୍ୟୁ ପାଇଁ ୧୦ ଲକ୍ଷ କ୍ଷତିପୂରଣ ପ୍ରଦାନ କରିବାର ପ୍ରସ୍ତାବ ମଧ୍ୟ ଦିଆଯାଇଛି। ଯଦି ବିଜେପି କ୍ଷମତାକୁ ଆସିବ ତେବେ ତାମିଲନାଡୁରେ ପ୍ରଥମ ଥର ପାଇଁ ଘର କିଣିଥିବା ମହିଳାମାନଙ୍କ ପାଇଁ ୩% ଷ୍ଟାମ୍ପ ଡ୍ୟୁଟି ରିହାତି ପ୍ରତିଶ୍ରୁତି ଦଳ ଦେଇଛି। ଏହା ସହିତ ଘରୋଇ ସାମଗ୍ରୀ ଉପରେ ୮ ହଜାର ଟଙ୍କା ମୂଲ୍ୟର କୁପନ୍ ଭଳି ଉପହାର ମଧ୍ୟ ଘୋଷଣା କରାଯାଇଛି। ପ୍ରମୁଖ ମନ୍ଦିରରେ ସ୍ଥାନୀୟ ଲୋକଙ୍କ ପାଇଁ ଦୈନିକ ଦୁଇ ଘଣ୍ଟା ଦର୍ଶନ ଅବଧି ଘୋଷଣା କରାଯାଇଛି। ଏହା ସହିତ ତିରୁପ୍ପରଙ୍କୁଣ୍ଡ୍ରମ ପାହାଡ଼ରେ ଦୀପ ଜଳାଇବା ସହିତ କାର୍ତ୍ତିକାଇ ଦୀପମ ରୀତି ଜାରି ରଖିବାକୁ ପ୍ରତିଶ୍ରୁତି ଇସ୍ତାହାରରେ ଦିଆଯାଇଛି। ନଡ୍ଡା ଅଭିଯୋଗ କରିଛନ୍ତି, ତାମିଲନାଡୁରେ ନିଶା ସମ୍ବନ୍ଧୀୟ ଅପରାଧ ୫୧% ବୃଦ୍ଧି ପାଇଛି। ଡିଏମ୍‌କେ ବିରୋଧରେ ସେ ଦୁର୍ନୀତି ଏବଂ ବଂଶବାଦର ଅଭିଯୋଗ ଆଣିଛନ୍ତି। ପୁଲିସ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଘୋଷଣା କରାଯାଇଛି। ଏହା ସହିତ ଶୂନ ଏଫ୍‌ଆଇଆର, ଗୁରୁତର ଅପରାଧ ପାଇଁ କୋର୍ଟ କାର୍ଯ୍ୟ ତ୍ୱରିତ କରିବା ଏବଂ ସୁରକ୍ଷା ପାଇଁ ବସ୍, ସ୍କୁଲ ଓ ବିଶ୍ୱବିଦ୍ୟାଳୟରେ ୧୦୦ ସିସି ଟିଭି କ୍ୟାମେରା ସ୍ଥାପନ କରାଯିବା ପାଇଁ ଇସ୍ତାହାରରେ କୁହାଯାଇଛି।

# ନୋଏଡା ହିଂସାରେ ଚାଞ୍ଚଲ୍ୟକର ଖୁଲାସା
## ପାକିସ୍ତାନ ସମ୍ବନ୍ଧ ନେଇ ତନାଘନା, ୩୦୦ ଗିରଫ

ନୂଆଦିଲ୍ଲୀ,୧୪/୦୪; ଉତ୍ତରପ୍ରଦେଶର ଗ୍ରେଟର ନୋଏଡ଼ା ହିଂସା ବଢିବାରେ ଲାଗିଛି । ଶ୍ରମିକ ଆନ୍ଦୋଳନକୁ ନେଇ ଚାଞ୍ଚଲ୍ୟକର ଖୁଲାସା ହୋଇଛି । ହିଂସାକାଣ୍ଡ ପଛରେ ପାକିସ୍ତାନ ଲିଙ୍କ୍ ଥିବା ସନ୍ଦେହ କରୁଛି ୟୁପି ପୁଲିସ୍। ଏନେଇ ତଦନ୍ତ ବି ଆରମ୍ଭ ହୋଇଛି । ଶ୍ରମିକଙ୍କ ଦରମା ବଢିଲା ତଥାପି ଉତ୍ତେଜନା ଥମୁନାହିଁ । ଜଳୁଛି ନୋଏଡା । ଆଜି ବି ଭଙ୍ଗାରୁଜ ସହ ପୁଲିସ ଉପରକୁ ପଥରମାଡ ହୋଇଛି । ପାକିସ୍ତାନ ହାତ ଥିବା ସନ୍ଦେହ ବଢିଛି । ହିଂସାକାଣ୍ଡରେ ୩୦୦ ଦଙ୍ଗାକାରୀଙ୍କୁ ଗିରଫ କରାଯାଇଛି । ବଢିଲା ଦରମା, ଥମୁନି ହିଂସା- ରାଜ୍ୟ ସରକାର ସମସ୍ତ ବର୍ଗର ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ବଢାଇଛନ୍ତି । ସଂଶୋଧିତ ହାର ଏପ୍ରିଲ ୧ରୁ କାର୍ଯ୍ୟକାରୀ ହେବ । ଗୌତମ ବୁଦ୍ଧ ନଗର ଜିଲ୍ଲା ମାଜିଷ୍ଟ୍ରେଟ୍ ମେଧା ରୂପମ୍ କହିଛନ୍ତି, ଏକ ଉଚ୍ଚ କ୍ଷମତାସମ୍ପର୍ଣ୍ଣ କମିଟି ଦ୍ୱାରା ମଜୁରୀ ବୃଦ୍ଧି କରାଯାଇଛି । ଗତକାଲି ବିଳମ୍ବିତ ରାତିରେ ୟୁପ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତିକୁ ଅନୁମୋଦନ କରିଛନ୍ତି । ସରକାରୀ ବିବୃତ୍ତି ଅନୁଯାୟୀ



ଅଣକୁଶଳୀ ଶ୍ରମିକମାନେ ଏବେ ମାସିକ ୧୧,୩୧୩ ଟଙ୍କା ପରିବର୍ତ୍ତେ ୧୩,୬୯୦ ଟଙ୍କା ପାଇବେ । ଅର୍ଦ୍ଧକୁଶଳୀ ଶ୍ରମିକ ୧୫, ୦୫୯ ଟଙ୍କା ଏବଂ କୁଶଳୀ ଶ୍ରମିକମାନେ ୧୬, ୮୬୮ ଟଙ୍କା ସର୍ବନମ୍ନ ମଜୁରୀ ପାଇବେ । ସରକାର ଶ୍ରମିକଙ୍କ ଦାବି ପୂରଣ କଲେ ତଥାପି ହିଂସା ଥମୁନାହିଁ । ବ୍ୟାପକ ଭଙ୍ଗାରୁଜା ସହ ପୋଡାଜଳା ଜାରି ରହିଛି । ପୁଲିସ୍ ଉପରକୁ ପଥରମାଡ ହୋଇଛି । ଯାହା ଫଳରେ ପାକିସ୍ତାନ ଲିଙ୍କ୍ ଥିବା ସନ୍ଦେହରେ ତନାଘନା ଜାରି ରହିଛି । ୩୦୦ ଦଙ୍ଗାକାରୀ ଗିରଫ- ଉତ୍ତରପ୍ରଦେଶର ନୋଏଡାରେ ଶ୍ରମିକମାନଙ୍କ ଦ୍ୱାରା କରାଯାଉଥିବା ଏକ ବିଶାଳ ବିକ୍ଷୋଭ ହିଂସାତ୍ମକ ରୂପ ଧାରଣ କରିଛି । ଦରମା ବୃଦ୍ଧ ଓ ବିଭିନ୍ନ ସୁବିଧା ସୁଯୋଗ ଦାବିରେ ରାସ୍ତାକୁ ଓହ୍ଲାଇଥିବା ପ୍ରାୟ ୪୦ ହଜାରରୁ ଅଧିକ ଶ୍ରମିକ ପୁଲିସ ଗାଡି ସମେତ ଅନେକ ବାହାନ ଭଙ୍ଗାରୁଜା କରିଛନ୍ତି । ନୋଏଡାର ଫେଜ୍ -୨ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି । ବିକ୍ଷୋଭକାରୀ ପୁଲିସ୍ ଭ୍ୟାନ୍ ଏବଂ ଅନ୍ୟାନ ଗାଡିକୁ କ୍ଷତିଗ୍ରସ୍ତ କରିଛନ୍ତି । ପଡୋଶୀ ହରିୟାଣା ସରକାର ଅଣକୁଶଳୀ ଶ୍ରମିକଙ୍କ ମଜୁରୀ ୩୫ ପ୍ରତିଶତ ବଢାଇଥିବାରୁ ନୋଏଡା ଶ୍ରମିକମାନେ ମଧ୍ୟ ସମାନ ପାରିଶ୍ରମିକ ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିଲେ । ଫେଜ ୨ ଏବଂ ସେକ୍ଟର ୨ ଭଳି ଅଞ୍ଚଳରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା । ନିୟନ୍ତ୍ରଣ ପାଇଁ ପୁଲିସ୍ ଲୁହା ବୁହା ଗ୍ୟାସ ବ୍ୟବହାର କରିଥିଲା ।

# ଯୁଦ୍ଧ ଉତ୍ତେଜନା ଭିତରେ ଭାରତ-ଚୀନ୍ ମୁହାଁମୁହିଁ

ନୂଆଦିଲ୍ଲୀ,୧୪।୪: ଅରୁଣାଚଳ ପ୍ରଦେଶର ସ୍ଥାନଗୁଡ଼ିକୁ କାଳ୍ପନିକ ନାମ ଦେବା ବିରୋଧରେ ଭାରତର ପ୍ରତିବାଦ ପରେ, ଚାଇନା ମଙ୍ଗଳବାର (୧୪ ଏପ୍ରିଲ, ୨୦୨୬) ଆଉ ଏକ ଆପତ୍ତିଜନକ ବିବୃତି ଜାରି କରିଛି। ଅରୁଣାଚଳକୁ "ଜାଙ୍ଗନାନ" ବୋଲି ଉଲ୍ଲେଖ କରି, ଚୀନ ବୈଦେଶିକ ମନ୍ତ୍ରଣାଳୟ ଦୃଢ଼ ଭାବରେ କହିଛି ଯେ ଏହାର ସାର୍ବଭୌମତ୍ୱ ଦୃଷ୍ଟିରୁ ନାମ ପରିବର୍ତ୍ତନ କରିବାର ଅଧିକାର ଏହାର ଅଛି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅରୁଣାଚଳର ବିଭିନ୍ନ ଅଂଶର ନାମ ପରିବର୍ତ୍ତନ କରିବା ନେଇ ଚୀନକୁ କଡ଼ା ସମାଲୋଚନା କରି କହିଛି ଯେ ଏପରି ଭିତ୍ତିହୀନ ଦାବି ଭୂମିର ବାସ୍ତବତାକୁ ପରିବର୍ତ୍ତନ କରିପାରିବ ନାହିଁ। ଅରୁଣାଚଳ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଏବଂ ଅବିଚ୍ଛେଦ୍ୟ ଅଂଶ ଥିଲା, ଅଛି ଏବଂ ରହିବ। ଚୀନ ନିକଟରେ ଅରୁଣାଚଳ ପ୍ରଦେଶର ୨୩ଟି ସ୍ଥାନର ନାମ ପରିବର୍ତ୍ତନ କରି ଏକ ତାଲିକା ପ୍ରକାଶ କରିଛି; ଏହା ଗତ ଦଶ ବର୍ଷ ମଧ୍ୟରେ ଚୀନ ଦ୍ୱାରା ଏପରି କାର୍ଯ୍ୟର ଷଷ୍ଠ ଉଦାହରଣ। ଚୀନ ଅରୁଣାଚଳକୁ "ଜାଙ୍ଗନାନ" ବୋଲି ଉଲ୍ଲେଖ କରିଛି। ଚୀନର ବେସାମରିକ ବ୍ୟାପାର ମନ୍ତ୍ରଣାଳୟ ୨୦୧୭ରେ ଅରୁଣାଚଳର ଛଅଟି ସ୍ଥାନ ପାଇଁ କାଳ୍ପନିକ ନାମର ପ୍ରଥମ ତାଲିକା ପ୍ରକାଶ କରିଥିଲା, ଏହା ପରେ ୨୦୨୧ରେ ୧୫ଟି ସ୍ଥାନକୁ ନେଇ ଦ୍ୱିତୀୟ ତାଲିକା ପ୍ରକାଶ କରିଥିଲା



ଏବଂ ପରବର୍ତ୍ତୀ ସମୟରେ, ୨୦୨୩ରେ ୧୧ଟି ସ୍ଥାନ ପାଇଁ ନାମ ଅନ୍ତର୍ଭୁକ୍ତ କରିଥିଲା। ଚୀନ ଅରୁଣାଚଳ ପ୍ରଦେଶକୁ "ଦକ୍ଷିଣ ତିବ୍ବତ"ର ଏକ ଅଂଶ ବୋଲି ଦାବି କରିଥାଏ। ଭାରତ କହିଛି ଯେ ଭାରତୀୟ କ୍ଷେତ୍ରକୁ ଉଦ୍ଭାବିତ ନାମ ଦେବା ଦ୍ୱାରା ବାସ୍ତବତା ପରିବର୍ତ୍ତନ ହୋଇପାରିବ ନାହିଁ, ଯଦିଓ ଏହା ନିଶ୍ଚିତ ଭାବରେ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବା ପ୍ରୟାସକୁ ପ୍ରଭାବିତ କରିପାରିବ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଦୃଢ଼ କରିଛନ୍ତି ଯେ ନୂଆଦିଲ୍ଲୀ ଭାରତୀୟ କ୍ଷେତ୍ର ମଧ୍ୟରେ ସ୍ଥାନଗୁଡ଼ିକୁ ଏପରି ନାମ ଦେବା ପାଇଁ ଚୀନ ପକ୍ଷରୁ ଯେକୌଣସି ଦୁଷ୍ଟ ପ୍ରୟାସକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରୁଛି। ଭାରତ ଗତ ବର୍ଷ ମେ ମାସରେ ଏବଂ ପୁଣି ଏପ୍ରିଲ ୨୦୨୪ରେ ଅରୁଣାଚଳ ପ୍ରଦେଶର କିଛି ସ୍ଥାନର ନାମକରଣ ସମ୍ପର୍କରେ ଦୃଢ଼ ମତ ଗ୍ରହଣ କରିଥିଲା। ରଣଧୀର ଜୟସୱାଲ କହିଛନ୍ତି, "ଭାରତୀୟ କ୍ଷେତ୍ର ମଧ୍ୟରେ ଆସୁଥିବା ସ୍ଥାନଗୁଡ଼ିକୁ ଉଦ୍ଭାବିତ ନାମ ଦେବା ପାଇଁ ଚୀନ ଦ୍ୱାରା ଯେକୌଣସି ଦୁଷ୍ଟ ପ୍ରୟାସକୁ ଭାରତ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରୁଛି।" ସେ କହିଛନ୍ତି, "ଚୀନର ପ୍ରୟାସ ଏବଂ ଭିତ୍ତିହୀନ ଦାବି ଏହି ନିର୍ବିବାଦୀୟ ବାସ୍ତବତାକୁ ପରିବର୍ତ୍ତନ କରିପାରିବ ନାହିଁ ଯେ ଏହି ସ୍ଥାନ ଏବଂ ଅଞ୍ଚଳଗୁଡ଼ିକ – ଅରୁଣାଚଳ ପ୍ରଦେଶ ସମେତ ଭାରତର ଏକ ଅବିଚ୍ଛେଦ୍ୟ ଏବଂ ଅବିଚ୍ଛେଦ୍ୟ ଅଂଶ ଥିଲା, ଅଛି ଏବଂ ସର୍ବଦା ରହିବ।" ରଣଧୀର ଜୟସୱାଲ ମନ୍ତବ୍ୟ ଦେଇଥିଲେ ଯେ ଚୀନର ଏପରି ପ୍ରୟାସ ଭାରତ-ଚୀନ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ଥିର ଏବଂ ସ୍ୱାଭାବିକ କରିବା ପାଇଁ ଚାଲିଥିବା ପ୍ରୟାସରୁ ଧ୍ୟାନ ହଟାଇବା ପାଇଁ କାମ କରେ। ସେ ଆହୁରି ମଧ୍ୟ କହିଛନ୍ତି, "ଚୀନ ଏପରି କାର୍ଯ୍ୟରୁ ବିରତ ରହିବା ଉଚିତ ଯାହା ସମ୍ପର୍କରେ ନକାରାତ୍ମକତା ଆଣିଥାଏ ଏବଂ ଉତ୍ତମ ପାରସ୍ପରିକ ବୁଝାମଣାକୁ ବୃଦ୍ଧି କରିବା ପାଇଁ ପ୍ରୟାସକୁ ଦୁର୍ବଳ କରିଥାଏ।" ପୂର୍ବ ଲଦାଖରେ ସୀମା ବିବାଦ ପରେ ୨୦୨୦ ରେ ଭାରତ ଏବଂ ଚୀନ ମଧ୍ୟରେ ଉତ୍ତେଜନା ଯଥେଷ୍ଟ ବୃଦ୍ଧି ପାଇଥିଲା। ଗତ ଦେଢ଼ ବର୍ଷ ମଧ୍ୟରେ, ଉଭୟ ପକ୍ଷ ପୁଣି ଥରେ ସେମାନଙ୍କ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି।

# ହତ୍ୟା ଉଦ୍ୟମ ଘଟଣାର ପର୍ଦ୍ଦାଫାସ: ୪ ଗିରଫ

## କାର୍, ବାଇକ, ଖଣ୍ଡା, ମୋବାଇଲ ଫୋନ ଓ ନଗଦ ୧୧ହଜାର ଟଙ୍କା ଜବତ




କଟକ(ନିପ୍ର): ଏକ ହତ୍ୟା ଉଦ୍ୟମ ଷଡଯନ୍ତ୍ର ଘଟଣାର ପର୍ଦ୍ଦାଫାସ କରିବାରେ କଟକ କମିଶନରେଟ ପୋଲିସ ସକ୍ଷମ ହୋଇଛି । ଏହି ଘଟଣାରେ କମିଶନରେଟ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ ଅସିଆ ଗ୍ରାମର ଚନ୍ଦନ ଭୋଳ (୩୪), ଖୋର୍ଦ୍ଧା ଜିଲ୍ଲା ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଓଲ୍ଡ ଟାଉନ ଅଂଚଳର ରାକେଶ ବେହେରା ଓରଫ ରାକା ଓରଫ ଚିକୁ (୨୨), ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ କଣ୍ଟିଲୋ ଗ୍ରାମର ଶିଶିର ଜେନା (୩୩), ଭୁବେନଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁଭବନ ଛକ ଅଂଚଳର ରାଜେଶ ନାୟକ ଓରଫ ଦିନୁ(୨୫) । ଅଭିଯୁକ୍ତମାନଙ୍କ ନିକଟରୁ ପୋଲିସ ଗୋଟିଏ ସୁଜୁକି ଫ୍ରୋନେକ୍ସ କାର (ଓଡ଼ି୦୨ଡିଏଲ ୧୧୫୫), ଗୋଟିଏ ବାଜାଜ ପଲସର ବାଇକ (ଓଡ଼ି୦୨ସିଏଏଲ ୬୦୮୫), ଗୋଟିଏ ଖଣ୍ଡା, ୫ଟି ମୋବାଇଲ ଓ ନଗଦ ୧୧ହଜାର ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି । ପୋଲିସ ସୂଚନା ମୁତାବକ, ମୁଖ୍ୟ ଅଭିଯୁକ୍ତ ଚନ୍ଦନ ଭୋଳ ବାଦାମବାଡ଼ି ଅଂଚଳରେ ପୁସ୍ତକ ବ୍ୟବସାୟରେ ନିୟୋଜିତ ରହିଛି । ଚନ୍ଦନର ସିଡ଼ିଏ ଅଂଚଳରେ କାର୍ଯ୍ୟରତ ଜଣେ ବ୍ୟବସାୟୀଙ୍କ ସହିତ ଦୀର୍ଘକାଳୀନ ଆର୍ଥିକ ବିବାଦ ଥିଲା । ଟଙ୍କା ଫେରସ୍ତ ନ ପାଇବାରୁ ସଂପୃକ୍ତ ବ୍ୟବସାୟୀଙ୍କୁ ଜୀବନରୁ ମାରିଦେବା ପାଇଁ ଚନ୍ଦନ ଯୋଜନା ପ୍ରସ୍ତୁତି କରିଥିଲା । ଏହା ପରେ ସେ ଅଭିଯୁକ୍ତ ଶିଶିର ଜେନା, ରାଜେଶ ନାୟକ ଓ ରାକେଶ ବେହେରାଙ୍କୁ ଷଡଯନ୍ତ୍ରରେ ସାମିଲ କରିଥିଲା । ଏହାପରେ ୩ଜଣ ଅଭିଯୁକ୍ତ ଗତ ଏପ୍ରିଲ ୫ ତାରିଖ ସକାଳ ସମୟରେ ସ୍ଥାନୀୟ ସିଡ଼ିଏ ସେକ୍ଟର ୬ ସ୍ଥିତ ଜେପି ନାରାୟଣ ପାର୍କ ଠାରେ ଜଣେ ବୃଦ୍ଧଙ୍କୁ ଆକ୍ରମଣ କରିଥିଲେ । ତେବେ ଭୁଲ ପରିଚୟ ଯୋଗୁ ଆକ୍ରମଣକାରୀମାନେ ଭୁଲ ଭାବରେ ଅନ୍ୟଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ । ବୃଦ୍ଧ ବ୍ୟକ୍ତିଙ୍କ ମୁଣ୍ଡରେ ଆକ୍ରମଣ ଯୋଗୁ ଗଭୀର କ୍ଷତ ହୋଇଥିଲା । ତେବେ ଆକ୍ରମଣରୁ ବୃଦ୍ଧ ଜଣକ ବଂଚି ଯାଇଥିଲେ ଏବଂ ମର୍କତନଗର ଥାନାରେ ଏକ ଏତଲା ଦାୟର କରିଥିଲେ । ଏହି ଏତଲାକୁ ଆଧାର କରି କମିଶନରେଟ ପୋଲିସ ଏକ ମାମଲା ରୁଜୁ କରି ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ସିସିଟିଭି ଯାଂଚ କରି ତଦନ୍ତକୁ ଆଗକୁ ବଢ଼ାଇଥିଲା । ଏହାପରେ ପୋଲିସ ବ୍ରହ୍ମପୁର, ଗଂଜାମ, ଅନୁଗୁଳ, କେନ୍ଦୁଝର, କନ୍ଧମାଳ ଆଦି ଜିଲ୍ଲାରେ ଅଭିଯୁକ୍ତମାନଙ୍କୁ ଖୋଜିଥିଲା । ଶେଷରେ ପୋଲିସ ଅନୁଗୁଳ ଜିଲ୍ଲାରୁ ଅଭିଯୁକ୍ତ ଶିଶିର ଜେନା ଏବଂ ରାଜେଶ ନାୟକକୁ ଗିରଫ କରିବାରେ ସକ୍ଷମ ହୋଇଥିଲା । ସେମାନଙ୍କୁ ପଚରା ଉଚରା ପରେ ମୁଖ୍ୟ ଅଭିଯୁକ୍ତ ଚନ୍ଦନ ଭୋଳକୁ ଗିରଫ କରିଥିଲା । ଆକ୍ରମଣ ଘଟଣାରେ ସଂଶ୍ଳିଷ୍ଟ ଅନ୍ୟତମ ଅଭିଯୁକ୍ତ ରାଜେଶ ବେହେରାଙ୍କୁ ପୂର୍ବରୁ ପୋଲିସ ଗିରଫ କରିଥିଲା । ଅଭିଯୁକ୍ତ ରାଜେଶ ନାଁରେ ଭୁବନେଶ୍ୱର ବରଗଡ଼, ଚନ୍ଦ୍ରଶେଖରପୁର ଓ ବିମାନବନ୍ଦର ଥାନାରେ ଏକାଧିକ ଅପରାଧିକ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ପୋଲିସ ତଦନ୍ତ ଜାରି ରଖିଛି ।

## ଆଳୁ ଗଦିରୁ ଅଢ଼େଇ ଲକ୍ଷ ଲୁଟ୍; ଲୁଟେରା ଧରାପଡିଲା

ଭୁବନେଶ୍ୱର(ନିପ୍ର): ଭରତପୁର ଥାନା ଅଞ୍ଚଳରେ ଥିବା ଆଇଗିଣିଆ ଆଳୁ ଗୋଦାମ (ଗଦି)ରୁ ୨ ଲକ୍ଷ ପଚ଼ାଶ ହଜାର ଟଙ୍କା ଲୁଟ୍ ମାମଲାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ମନୋଜ କୁମାର ବେହେରା (୨୫) ଓ ତାଙ୍କ ଘର ଚ଼ାଉଳିଆଗଞ୍ଜରେ ବୋଲି ଜଣାପଡିଛି । ଏନେଇ ଆଳୁଗଦି ମାଲିକ ଭଜମନ ରାଉତ ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ । ଲୁଟେରା ଲୁଟ୍ କରିବା ପରେ ଲୁଟେରା ସେଠାରେ ଲାଗିଥିବା ସିସିଟିଭି ଡିଭିଆର୍ ମଧ୍ୟ ନେଇ ଯାଇଥିଲା । କିନ୍ତୁ ଭରତପୁର ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନରେ ଲୁଟିତ ଟଙ୍କା ଜବତ ହୋଇଛି ଏବଂ ଲୁଟେରାକୁ ଗିରଫ କରାଯାଇଛି । ପ୍ରାପ୍ତ ସୂଚ଼ନା ଅନୁଯାୟୀ, ଘଟଣାସ୍ଥଳରେ ଥିବା ଆଳୁ ଗଦିରେ ରକ୍ଷିତ ଥିବା ଟଙ୍କା ଲୁଟ୍ କରିବା ପାଇଁ ଲୁଟେରା ରାତିରେ ପ୍ରବେଶ କରିଥିଲା । ଲୁଟ୍ ପରେ ସେ ପ୍ରମାଣ ଲୁପ୍ତ କରିବା ପାଇଁ ସିସିଟିଭି ଡିଭିଆର୍ ମଧ୍ୟ ସଙ୍ଗରେ ନେଇ ଯାଇଥିଲା । କିନ୍ତୁ ପୋଲିସ ତଦନ୍ତ ଆରମ୍ଭ କରି ଶୀଘ୍ର ଲୁଟେରାର ସନ୍ଧାନ ପାଇଥିଲା । ଅଭିଯୁକ୍ତକୁ ଗିରଫ କରିବା ସହ ଲୁଟିତ ପ୍ରାୟ ଏକ ଲକ୍ଷ ପଚ଼ାଶ ହଜାର ଟଙ୍କା ଜବତ କରାଯାଇଛି । ଭରତପୁର ପୋଲିସ ପକ୍ଷରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଘଟଣାରେ ଜଡ଼ିତ ଥିବା ସମସ୍ତ ତଥ୍ୟ ସଂଗ୍ରହ କରାଯାଉଛି । ଡିଭିଆର୍ ଜବତ ହୋଇଥିବାରୁ ପୋଲିସ ତଦନ୍ତରେ ଅଧିକ ସହାୟତା ମିଳିଛି । ପୋଲିସ କହିଛି ଯେ, ଏହି ପ୍ରକାରର ଲୁଟ୍ ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ କରି ଅପରାଧୀକୁ ଧରିବା ଏବଂ ଲୁଟିତ ସାମଗ୍ରୀ ଉଦ୍ଧାର କରିବା ପାଇଁ ସେମାନେ ପ୍ରତିବଦ୍ଧ । ଏହି ଘଟଣା ସ୍ଥାନୀୟ ବ୍ୟବସାୟୀ ଓ ଆଳୁ ଗଦି ମାଲିକଙ୍କ ମଧ୍ୟରେ ଚ଼ର୍ଚ୍ଚାର ବିଷୟ ହୋଇଛି । ସେମାନେ କହିଛନ୍ତି ଯେ, ଆଳୁ ଗଦି ଏବଂ ବ୍ୟବସାୟିକ ସ୍ଥାନରେ ଉନ୍ନତ ସୁରକ୍ଷା ବ୍ୟବସ୍ଥା ଆବଶ୍ୟକ । ପୋଲିସ ମଧ୍ୟ ଆବାସିକ ଓ ବ୍ୟବସାୟିକ ଏଲାକାରେ ସିସିଟିଭି କ୍ୟାମେରା ଲଗାଇବା ସହ ନିୟମିତ ପେଟ୍ରୋଲିଙ୍ଗ୍ ବଢ଼ାଇବାକୁ ପରାମର୍ଶ ଦେଇଛି । ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ, ରାତିରେ ଗଦିରେ କୌଣସି ସୁରକ୍ଷା ଗାର୍ଡ୍ ନଥିବାରୁ ଲୁଟେରା ସହଜରେ ପ୍ରବେଶ କରିପାରିଥିଲା । ପୋଲିସ ଏହି ଘଟଣାରେ ଆହୁରି ତଦନ୍ତ ଚ଼ଳାଇ ଅନ୍ୟ କୌଣସି ସହଯୋଗୀ ଥିଲେ ସେମାନଙ୍କୁ ମଧ୍ୟ ଧରିବାକୁ ଚେଷ୍ଟା କରୁଛି ।

## କୁଚିଣ୍ଡାରେ ଆମ୍ବେଦକର ଜୟନ୍ତୀ



କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ମଙ୍ଗଳବାର ଦଳିତ, ଆଦିବାସୀ ଏକତା ମଞ୍ଚ ପକ୍ଷରୁ ସମ୍ବିଧାନ ପ୍ରଣେତା ତଥା ଭାରତରତ୍ନ ବାବା ସାହେବ ଡ଼.ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ମଞ୍ଚର ସଭାପତି ଗଜେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପୂର୍ତ୍ତବିଭାଗ ଡାକ ବଙ୍ଗଳାରେ ହୋଇଥିବା ଜୟନ୍ତୀ କାର୍ଯ୍ୟକ୍ରମରେ ଲିଙ୍ଗରାଜ ବାଘ, ପ୍ରସନ୍ନ ପ୍ରଧାନ, ଯୁଧିଷ୍ଠିର ରୋହିଦାସ, ନରେଶ ବଲୁଆ,ପ୍ରମୋଦ ରୋହିଦାସ, ଅଧ୍ୟାପକ ଡିଲେଶ୍ୱର ବେହେରା, ଗୋକୁଳ ଚନ୍ଦ୍ର ଦେହୁରୀ, ଗୌତମ ମାଝି, ପର୍ଶୁରାମ ମାଝି, ଅଶ୍ୱିନୀ ମହାନନ୍ଦଙ୍କ ସମେତ ବହୁ ସଂଖ୍ୟକ ଆମ୍ବେଦକର ପ୍ରେମୀ ଯୋଗ ଦେଇଥିଲେ । ଆମ୍ବେଦକରଙ୍କ ସ୍ୱପ୍ନକୁ ପୂରଣ କରି ତାଙ୍କ ନୀତି ଆଦର୍ଶର ଅନୁପ୍ରାଣିତ ପୂର୍ବକ ଦଳିତ ଓ ଆଦିବାସୀ ସଂଗଠିତ ହେଲେ ଯାଇ ହକ ହାସଲ ହୋଇ ବାବା ସାହେବଙ୍କ ପ୍ରତି ଅସଲ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ବକ୍ତାମାନେ କହିଥିଲେ । ପୂର୍ବାହ୍ନରେ ୱାର୍ଡ଼ ନଂ.୯ ରାମଜୀପଡାସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଶେଷରେ ଅଶ୍ୱିନୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଣା, ଛତୁଆ ମହକରେ ମହକିଲା ସହରଠାରୁ ମଫସଲ

ପୁରୀ(ନିପ୍ର): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନୂଆବର୍ଷ ଆନନ୍ଦ ଉଲ୍ଲାସ ମଧ୍ୟରେ ଘରେ ଘରେ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରତ୍ୟୁଷରୁ ଘରେ ଘରେ ଚଉରା ଉପରେ ଚାଞ୍ଚ ପକାଇ ବସୁନ୍ଧରା ତଙ୍ଗାଜାଇ ମା ବୃନ୍ଦାବତୀଙ୍କୁ ପଣା ଓ ଛତୁଆ ଭୋଗ କରାଯାଇଥାଏ । ସେହିପରି ମହାବୀରଙ୍କର ଜନ୍ମ ଜୟନ୍ତୀ ଅବସରରେ ବିଭିନ୍ନ ଜାଗା ଆଖଡ଼ା ଓ ମହାବୀରଙ୍କ ମନ୍ଦିରଗୁଡିକରେ ମହାସମାରୋହରେ ପୂଜାର୍ଚ୍ଚନା କରାଯାଇଥିଲା । ମଲବୀରମାନେ ସକାଳୁ ସକାଳୁ ଜାଗା ଆଖଡ଼ାକୁ ଯାଇ ମହାବୀରଙ୍କ ନିକଟରେ ନିଜର କ୍ରୀଡା କୌଶଳ ଅଭ୍ୟାସ କରିବା ସହ ବିଭିନ୍ନ କ୍ରୀଡା ପ୍ରଦର୍ଶନ କରିଥିଲେ । ସିରୁଳି ମହାବୀରଙ୍କ ମନ୍ଦିରରେ ସକାଳୁ ସକାଳୁ ମହାବୀରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କର ପ୍ରବଳ ଭିଡ଼ ଲାଗି ରହିଥିଲା । ମନ୍ଦିର ପରିସରରେ ଭୋଗ, ଫୁଲ ଓ ପସରାମାନ ଖୋଲା ଯାଇଥିଲା । ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସେହିପରି ଶ୍ରୀମନ୍ଦିରରେ ମଧ୍ୟ ପଣା ସଂକ୍ରାନ୍ତି ପାଇଁ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବା ସହ ଆଜିଠାରୁ ନୂତନ ପଞ୍ଜିକାର ପ୍ରଚଳନ କରାଯାଇଛି ।

## କାକଟପୁରରେ ଆମ୍ବେଦକର ଜୟନ୍ତୀ

କାକଟପୁର(ନିପ୍ର): କାକଟପୁର ଥାନା ଛକ ନିକଟରେ ଥିବା ଠକର ବାପା ଆଶ୍ରମ ପରିସରରେ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅଭୟ ସେଠୀ ଯୋଗଦେଇ ବାବା ସାହେବଙ୍କ ୧୩୫ତମ ଜନ୍ମଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏଥିସହିତ ଦେଶ ଭକ୍ତ ଆମ୍ବେଦକରଙ୍କ ଗୁଣାବଳୀ ଓ ସମ୍ବିଧାନ ତିଆରି ଭଳି ଅମ୍ଳାନ ଦାନ ପାଇଁ ସେ ଦେଶରେ ସର୍ବଦା ପୂଜ୍ୟ ପୂଜାର ସ୍ଥାନରେ ରହିପାରିବେ ବୋଲି ମତବ୍ୟକ୍ତ କରିଥିଲେ ।

## ଛଣଗିରି ଛକରେ ପଣା ବଣ୍ଟନ କଲେ ଯୁବଗୋଷ୍ଠୀ

ନିରାକାରପୁର(ନିପ୍ର): ପବିତ୍ର ମହାବିଷୁବ ସଂକ୍ରାନ୍ତ ତଥା ଓଡ଼ିଆ ନବବର୍ଷ ଅବସରରେ ଖୋର୍ଦ୍ଧା ଜିଲ୍ଲା ଛଣଗିରି ଗ୍ରାମରେ ଏକ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ସୁଶାନ୍ତ କୁମାର ପରିଡାଙ୍କ ପ୍ରତ୍ୟକ୍ଷ ସହଯୋଗରେ ପଥଚାରୀ ଓ ଯାତ୍ରୀମାନଙ୍କୁ ଶୀତଳ ପଣା ପ୍ରଦାନ କରାଯାଇଛି । ନୟାଗଡ଼-ପୁରୀ ନୂଆ ଜଗନ୍ନାଥ ସଡ଼କର ଛଣଗିରି ଛକ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ




ଉତ୍ସାହୀ ଯୁବକ ସାମିଲ ହୋଇଥିଲେ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କୁ ତୃଷା ମେଣ୍ଟାଇବା ପାଇଁ ସେମାନେ ନିଜ ହାତରେ ସୁସ୍ୱାଦୁ ପଣା ପ୍ରସ୍ତୁତ କରି ବଣ୍ଟନ କରିଥିଲେ । ଖରା ସମୟରେ ଏଭଳି ଏକ ମହତ କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ଏବଂ ଯାତ୍ରୀମାନେ ବେଶ୍ ପ୍ରଶଂସା କରିଛନ୍ତି ।ଏହି ସେବା କାର୍ଯ୍ୟରେ ଶ୍ରୀ ପରିଡାଙ୍କ ସମେତ ଅଞ୍ଚଳର ବହୁ ଯୁବ ସହଯୋଗୀ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## ବ୍ରାଉନସୁଗର ସହ ୩ ନିଶା ବେପାରୀ ଧରାପଡ଼ିଲେ

ଭୁବନେଶ୍ୱର(ନିପ୍ର): ମଞ୍ଚେଶ୍ୱର ଥାନା ପୋଲିସ ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ୩ ଜଣ ନିଶା ବେପାରୀଙ୍କୁ ମଙ୍ଗଳବାର ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି, ପ୍ରଦୀପ୍ତ ନାୟକ ଓରଫ ବାବୁ (୩୪), କୃଷ୍ଣ ଚ଼ନ୍ଦ୍ର ନାଥ ଓରଫ କୁଶିଆ (୩୦) ଓ ବାଦଲ କୁମାର ଦାସ (୩୮) । ଗିରଫ ୩ ଅଭିଯୁକ୍ତଙ୍କ ଘର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟପଡା ଓ କଳାରାହଙ୍ଗ ଅଞ୍ଚଳରେ ବୋଲି ଜଣାପଡିଛି । ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟାପଡା ଅଞ୍ଚଳରେ ବ୍ରାଉନସୁଗର ବିକ୍ରୟ ସମ୍ପର୍କରେ ମିଳିଥିବା ବିଶ୍ୱସ୍ତ ସୂଚ଼ନା ଆଧାରରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ତଦନ୍ତ ସମୟରେ ପୋଲିସ ଦଳ ଭୋଟାପଡାର ସିମେଣ୍ଟ ଡମ୍ପିଂ ୟାର୍ଡରେ ଚ଼ଢଉ କରିଥିଲେ, ଯେଉଁଠାରେ ଅଭିଯୁକ୍ତ ବାବୁ ଓରଫ ପ୍ରଦୀପ୍ତ ନାୟକ, କୁସିଆ ଓରଫ କୃଷ୍ଣ ଚ଼ନ୍ଦ୍ର ନାଥ ଏବଂ ବାଦଲ କୁମାର ଦାସ ଦୁଇଟି ଗାଡ଼ିରେ ବସି ଗ୍ରାହକମାନଙ୍କୁ ବ୍ରାଉନସୁଗର ବିକ୍ରୟ କରିବାକୁ ଚେଷ୍ଟା କରୁଥିବାବେଳେ ଧରାପଡ଼ିଥିଲେ । ତଲାସୀ ସମୟରେ ସେମାନଙ୍କ ହେପାଜତରୁ ବ୍ରାଉନସୁଗାର ଜବତ କରାଯାଇଥିଲା । ଓଜନ କରିବା ପରେ ମୋଟ ୨୧ ଗ୍ରାମ ବ୍ରାଉନସୁଗର ଜବତ ହୋଇଥିବା ପ୍ରମାଣିତ ହୋଇଥିଲା । ଏହା ସହିତ ବିକ୍ରୟ ଆୟ, ମୋବାଇଲ୍ ଫୋନ୍ ଓ ଅପରାଧରେ ବ୍ୟବହୃତ ଗାଡ଼ିକୁ ମଧ୍ୟ ଜବତ କରାଯାଇଥିଲା । ତଦନ୍ତରୁ ପ୍ରକାଶ ପାଇଛି ଯେ ଅଭିଯୁକ୍ତମାନେ ବେଆଇନ ଭାବରେ ବ୍ରାଉନସୁଗର ସଂଗ୍ରହ କରି ରଖିବା ଓ ବିକ୍ରୟ କରୁଥିଲେ ଏବଂ ସ୍ଥାନୀୟ ଯୁବକ, କଲେଜ ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ଆର୍ଥିକ ଲାଭ ପାଇଁ ଟାର୍ଗେଟ କରୁଥିଲେ । ପଚ଼ରାଉଚ଼ରା ସମୟରେ ସେମାନେ ନିଜ ଅପରାଧ ସ୍ୱୀକାର କରିଥିଲେ ଏବଂ ଜଳେଶ୍ୱର ପାର୍ଶ୍ୱରୁ ବେଆଇନ ବିକ୍ରୟ ପାଇଁ ବ୍ରାଉନସୁଗାର ସଂଗ୍ରହ କରୁଥିବା କଥା କହିଥିଲେ । ଅଭିଯୁକ୍ତ ବାବୁ ଉର୍ଫ ପ୍ରଦୀପ୍ତ ନାୟକ ଏବଂ କୁସିଆ ଉର୍ଫ କୃଷ୍ଣ ଚ଼ନ୍ଦ୍ର ନାଥ ଏନଡିପିଏସ୍ ସହ ଅନ୍ୟାନ୍ୟ ମାମଲାରେ ପୂର୍ବରୁ ଜଡିତ ଥିବାବେଳେ, ଅଭିଯୁକ୍ତ ବାଦଲ କୁମାର ଦାସ ମଧ୍ୟ କିଛି ପୂର୍ବ ଅପରାଧିକ ମାମଲାରେ ଜଡିତ ଅଛନ୍ତି । ସମସ୍ତ ଅଭିଯୁକ୍ତଙ୍କର ଅପରାଧିକ ପୂର୍ବାବଲୋକନ ସମ୍ପର୍କରେ ଯାଞ୍ଚ ଜାରି ରହିଛି ।

## ଚାନ୍ଦା ମାଗିବା ନେଇ ଭିଡ଼ିଓ ଭାଇରାଲ

ରେଢାଖୋଲ(ନିପ୍ର): ଚାନ୍ଦା ମାଗିବା ନେଇ ଭାଇରାଲ୍ ହେଉଛି ଏକ ରାଜନୈତିକ ଦଳର ଚାନ୍ଦା ମାଗିବା ଭଏସ୍ । ଗତ ଦୁଇଦିନ ହେଲା ସୋସିଆଲ ମିଡିଆରେ ଚାନ୍ଦା ମାଗିବା ଘଟଣା ଚାରିଆଡେ ପ୍ରଚାର ହେଉଛି । ଏଭଳି କର୍ମୀଙ୍କୁ ବହିଷ୍କୃତ କରାଗଲେ ଦଳ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବ ବୋଲି କୁହାଯାଇଛି । ଖବରଟି ରେଢ଼ାଖୋଲ ଅଞ୍ଚଳରେ ଭାଇରାଲ୍ ହେବା ସହ ଚାରିଆଡ଼େ ଏହି ଘଟଣାକୁ ନେଇ ଚର୍ଚ୍ଚା ଚାଲିଛି ।

## କପିଳପ୍ରସାଦରେ ଶୋକ ସଭା

ଭୁବନେଶ୍ୱର: ଡାକ୍ତର ଶଶାଙ୍କ ଶେଖର ବେହେରା(୭୪)ଙ୍କ ବିୟୋଗରେ ସତ୍ୟ ନାରାୟଣ ପୀଠ କପିଳପ୍ରସାଦ ନିକଟରେ ଶୋକ ସଭା ଅନୁଷ୍ଠିତ ହୋଇଛି । ଡାକ୍ତର ବେହେରା ସୁନ୍ଦରପଦା ଗ୍ରାମରେ ପ୍ରାୟ ୩ ଦଶନ୍ଧି ପୂର୍ବେ ଇନ୍ଦିରା ମେମୋରିଆଲ ହସ୍ପିଟାଲରେ ଖୋଲିବା ସମୟରେ ସରକାରୀ ଚାକିରି ଛାଡ଼ି ମାତ୍ର ୨୦୦ଟଙ୍କା ବେତନରେ ସୁନ୍ଦରପଦା କପିଳପ୍ରସାଦ ଅଞ୍ଚଳର ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଥିଲେ । ତାଙ୍କ ବିୟୋଗ ଖବର ଅଞ୍ଚଳବାସୀ ଶୁଣି ସ୍ତବ୍ଧ ହୋଇଛନ୍ତି । ଜଣେ ମେଳାପୀ, ପରୋପକାରୀ ତଥା ଲୋକପ୍ରିୟ ଡାକ୍ତର ଭାବରେ ଏଠାରେ ପରିଚିତ ଥିଲେ । ଆୟୋଜିତ ଶୋକସଭାରେ ଛତିଶା କମିଟି ସଭାପତି ଗଙ୍ଗାଧର ପ୍ରଧାନ,ସଂପାଦକ ଶେଖ୍ ତାହାର,ମେମୋରିଆଲ ହସପିଟାଲ ଗଢ଼ିଥିବା ନରେନ୍ଦ୍ର ସେଠୀ,ସମାଜ ସେବକ ନୀଳମଣି ମିଶ୍ର ,ବାଉରୀ ବନ୍ଧୁ ପ୍ରଧାନ, ବିଶ୍ୱଜିତ୍ ନନ୍ଦ,ଅଶୋକ କୁମାର ମହାରଣା,ବିଜୟ କୁମାର ପ୍ରଧାନ,ବିଜୟ କୁମାର ସ୍ୱାଇଁ,ସୁରେନ୍ଦ୍ର ମାହାରୀ,ସଚି ବସନ୍ତରା ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ କର୍ପୋରେଟର ଦେବୀ ପ୍ରସାଦ ନନ୍ଦ, ସତ୍ୟ ନାରାୟଣ ପାଲା କମିଟିର ସଂପାଦକ ପ୍ରମୋଦ କୁମାର ପ୍ରଧାନଙ୍କ ସହିତ ବିଶ୍ୱଜିତ୍ ଦାସ ଆୟୋଜିତ ସଭାର ଆୟୋଜକ ଥିଲେ ।

## ଆପାର୍ଟମେଣ୍ଟ ସୁରକ୍ଷା ଚିନ୍ତା: ଆଇପି ଲେବଲ କ୍ୟାମେରା ବାଧ୍ୟତାମୂଳକ

ଭୁବନେଶ୍ୱର(ନିପ୍ର): ସହରରେ ବିଭିନ୍ନ ପ୍ରକାରର ଅପରାଧ ବଢୁଥିବାରୁ କମିଶନରେଟ ପୋଲିସ ଆପାର୍ଟମେଣ୍ଟ ସୁରକ୍ଷାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ସହରର ପ୍ରମୁଖ ଆପାର୍ଟମେଣ୍ଟଗୁଡ଼ିକରେ ଆଇପି ଲେବଲ କ୍ୟାମେରା ଲଗାଇବାକୁ ବାଧ୍ୟତାମୂଳକ ନୋଟିସ ଜାରି କରାଯାଇଛି । ଏହା ସହ ସିସିଟିଭି ଫୁଟେଜ ଏବଂ ତଥ୍ୟ ପୋଲିସକୁ ତୁରନ୍ତ ପ୍ରଦାନ କରିବାକୁ ମଧ୍ୟ ନୋଟିସରେ ଉଲ୍ଲେଖ କରାଯାଇଛି । କମିଶନରେଟ ପୋଲିସ ପକ୍ଷରୁ ଜଣାପଡ଼ିଛି ଯେ, ସହରରେ ଭିନ୍ନ ଭିନ୍ନ ଧରଣର ଅପରାଧୀ ସକ୍ରିୟ ରହିଛନ୍ତି । ଏହି ଅପରାଧଗୁଡ଼ିକୁ ରୋକିବା ଏବଂ ଅପରାଧୀମାନଙ୍କୁ ଶୀଘ୍ର କାବୁ କରିବା ପାଇଁ ପୋଲିସ ଏକ ସମନ୍ୱିତ ପ୍ରକ୍ରିୟା ଆରମ୍ଭ କରିଛି । ଏହି ପ୍ରକ୍ରିୟାର ଏକ ଅଂଶ ହେଉଛି ଆପାର୍ଟମେଣ୍ଟ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା । ଏନେଇ ଆପାର୍ଟମେଣ୍ଟ ୱେଲଫେୟାର ସୋସାଇଟି ସହ କମିଶନରେଟ ପୋଲିସ ବିସ୍ତୃତ ଆଲୋଚ଼ନା କରିଛି । ଉଭୟ ପକ୍ଷର ସହମତି ପରେ ଏହି ନୋଟିସ ଜାରି କରାଯାଇଛି । ନୋଟିସରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ, ପ୍ରତ୍ୟେକ ଆପାର୍ଟମେଣ୍ଟରେ ଉଚ୍ଚ଼ ଗୁଣବତ୍ତାର ଆଇପି ଲେବଲ କ୍ୟାମେରା ଲଗାଇବା ଆବଶ୍ୟକ । ଏହି କ୍ୟାମେରାଗୁଡ଼ିକ ରାତ୍ରି ଦର୍ଶନ ସମେତ ଉନ୍ନତ ଫିଚ଼ର ଯୁକ୍ତ ହେବା ଉଚ଼ିତ୍ । ଏହା ଦ୍ୱାରା ଆପାର୍ଟମେଣ୍ଟ ଭିତରେ ଓ ବାହାରେ ହେଉଥିବା ଯେ କୌଣସି ଅସ୍ୱାଭାବିକ କାର୍ଯ୍ୟକଳାପ ରେକର୍ଡ ହୋଇପାରିବ ଏବଂ ଆବଶ୍ୟକ ସମୟରେ ପୋଲିସକୁ ସହଜରେ ପ୍ରଦାନ କରାଯାଇପାରିବ । ନୋଟିସରେ ଆହୁରି କୁହାଯାଇଛି ଯେ, କୌଣସି ଅପରାଧ ଘଟଣା ଘଟିଲେ ସିସିଟିଭି ଫୁଟେଜ ତୁରନ୍ତ ପୋଲିସକୁ ହସ୍ତାନ୍ତର କରିବା ଆବଶ୍ୟକ । ଏହି ତଥ୍ୟ ପ୍ରଦାନ ନକରିବା କ୍ଷେତ୍ରରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି । ଆପାର୍ଟମେଣ୍ଟ ୱେଲଫେୟାର ସୋସାଇଟି ପ୍ରତିନିଧିମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି । ସେମାନେ କହିଛନ୍ତି ଯେ, ସହରର ଆପାର୍ଟମେଣ୍ଟଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ମଜବୁତ କରିବା ଆମର ମୁଖ୍ୟ ଲକ୍ଷ୍ୟ । ପୋଲିସ ସହ ଏହି ସହଯୋଗିତା ଦ୍ୱାରା ବାସିନ୍ଦାମାନଙ୍କ ମଧ୍ୟରେ ନିରାପତ୍ତାର ଭାବ ବଢ଼ିବ । ପୋଲିସ ଅଧିକାରୀମାନେ ମଧ୍ୟ କହିଛନ୍ତି ଯେ, ଆଧୁନିକ ପ୍ରଯୁକ୍ତି ବ୍ୟବହାର କରି ଅପରାଧ ନିୟନ୍ତ୍ରଣ କରିବା ଏବଂ ନାଗରିକଙ୍କ ସୁରକ୍ଷା ନିଶ୍ଚିତ କରିବା ହେଉଛି ସରକାରର ପ୍ରାଥମିକତା । ସହରର ବିଭିନ୍ନ ପ୍ରମୁଖ ଆପାର୍ଟମେଣ୍ଟ, ରେସିଡେନ୍ସିଆଲ କମ୍ପ୍ଲେକ୍ସ ଏବଂ ଅନ୍ୟାନ୍ୟ ବଡ଼ ଆବାସିକ କୋଠାରେ ଏହି ନୋଟିସ ଲଗାଯାଇଛି । ପୋଲିସ ପକ୍ଷରୁ କୁହାଯାଇଛି ଯେ, ନୋଟିସ ପ୍ରାପ୍ତ ପରେ ଆପାର୍ଟମେଣ୍ଟ ସୋସାଇଟିଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆଇପି କ୍ୟାମେରା ଲଗାଇବା ଏବଂ ସେହି କ୍ୟାମେରାକୁ ପୋଲିସ ସିଷ୍ଟମ ସହ ଲିଙ୍କ କରିବାକୁ ପଡ଼ିବ । ଏହା ଦ୍ୱାରା ଅପରାଧ ତଦନ୍ତ କାର୍ଯ୍ୟ ଆହୁରି ସହଜ ହେବ ବୋଲି ଆଶା କରାଯାଉଛି ।ଏହି ପଦକ୍ଷେପ କେବଳ ଆପାର୍ଟମେଣ୍ଟ ସୀମିତ ନୁହେଁ, ଏହା ସହରର ସମଗ୍ର ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାର ଏକ ବୃହତ୍ତର ଯୋଜନାର ଅଂଶ । ଆଗାମୀ ଦିନରେ ଅନ୍ୟାନ୍ୟ ଆବାସିକ ଏଲାକାରେ ମଧ୍ୟ ଏହି ପ୍ରକାରର ନୋଟିସ ଜାରି କରାଯିବ ବୋଲି ସୂଚ଼ନା ମିଳିଛି ।

## ରେଳ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟରେ ଆମ୍ବେଦକର ଜୟନ୍ତୀ




ଜଟଣୀ(ନିପ୍ର): ଖୋର୍ଦ୍ଧାରୋଡ ରେଳମଣ୍ଡଳଠାରେ ଅବସ୍ଥିତ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟଠାରେ ଜେନେରାଲ ସେକ୍ରେଟାରୀ ରମେଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଧୂମଧାମରେ ପାଳନ କରାଯାଇଛି । ଶାଖା ସମ୍ପାଦକ ତଥା ଏନଏଫଆଇଆର କାର୍ଯ୍ୟକାରୀ ସଭ୍ୟ ଏଲଡ଼ି ମହାନ୍ତିଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମନ୍ମଥ ରାଉତରାୟ, କଳିଙ୍ଗ ସାହୁ, ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ ସାହାଣୀ, ଆଶୁତୋଷ ବ୍ରହ୍ମା, ସମ୍ପାଦକ ଜୟନ୍ତ ସାମଲ, ମନୋରଞ୍ଜନ ମହାପାତ୍ର, ସୁନୀଲ ପରିଡାଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

### ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷରେ ସହର ଉତ୍ସବମୁଖର

## ଭକ୍ତିଭାବ ଓ ପଣାରେ ଭିଜିଲା ସହର





କଟକ(ନିପ୍ର): କଟକ ସହରରେ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ମଂଗଳବାର ମହାସମାରୋହରେ ପାଳିତ ହୋଇଯାଇଛି । ପବିତ୍ର ମହାବିଷୁବ ସଂକ୍ରାନ୍ତି ଦିନ ସହରର ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କର ସମାଗମ ହୋଇ ପରସ୍ପର ମଧ୍ୟରେ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ହନୁମାନ ଜୟନ୍ତୀ ପାଳନ ଅବସରରେ ସହରରେ ଥିବା ହନୁମାନ ମନ୍ଦିରଗୁଡ଼ିକ ଚଳଚଞ୍ଚଳ ହୋଇଉଠିଥିଲା । ସହରରେ ଥିବା ପ୍ରମୁଖ ହନୁମାନ ମନ୍ଦିର ଯଥା ଖପୁରିଆ ସ୍ଥିତ ପଂଚମୁଖୀ ହନୁମାନ ମନ୍ଦିର, ଯୋବ୍ରା ସ୍ଥିତ ପାତାଳଫୁଟି ହନୁମାନ ମନ୍ଦିର, ବକ୍ସିବଜାର, ପୁରୀଘାଟ, ନୂଆବଜାର, ତୁଳସୀପୁର, ଡଗରପଡ଼ା ଓ ମହାନଦୀବିହାର ସ୍ଥିତ ହନୁମାନ ମନ୍ଦିରରେ ସକାଳୁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ପ୍ରାତଃ ସମୟରୁ ମନ୍ଦିରରେ ମଂଗଳ ଆରତୀ, ବାଲଭୋଗ ଓ ପ୍ରଭୁଙ୍କ ସ୍ନାନ ସହିତ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମନ୍ଦିରଗୁଡ଼ିକରେ ୧୦୮ଥର ହନୁମାନ ଚାଳିଶା ପାଠ କରାଯାଇଥିଲା । ବିଷୁବ ସଂକ୍ରାନ୍ତି ଅବସରରେ ହିନ୍ଦୁସେନା ଓ ହିନ୍ଦୁ ଜାଗରଣ ମଂଚ ପକ୍ଷରୁ ଗେରୁଆ ରଂଗର ପତାକା ଧରି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଶୋଭାଯାତ୍ରାରେ ଶହଶହ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । “ଜୟ ଶ୍ରୀ ରାମ” ଓ “ଜୟ ବଜରଙ୍ଗ ବାଲି” ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା । ଏଥିରେ ହଜାର ହଜାର ସଂଖ୍ୟକ ଯୁବକ ଓ ମହିଳା ଯୋଗ ଦେଇଥିଲେ । ଶୋଭାଯାତ୍ରାରେ ଶିବ, ହନୁମାନ, ଗୋମାତା ଓ ଜଗନ୍ନାଥଙ୍କ ପ୍ରତିକୃତି ବେଶଧାରୀ ଜନସାଧାରଣଙ୍କ ଦୃଷ୍ଟିକୁ ଆକର୍ଷଣ କରିଥିଲା । ମହା ବିଷୁବ ସଂକ୍ରାନ୍ତିରୁ ଓଡ଼ିଆ ନବବର୍ଷର ଆରମ୍ଭ । ମଂଗଳବାର ଠାରୁ ନୂତନ ପାଞ୍ଜି ଚାଲିବା ଆରମ୍ଭ ହୋଇଥିଲା । ଏହି ସଂକ୍ରାନ୍ତି ପରଠୁ ସୂର୍ଯ୍ୟଙ୍କ ଉତ୍ତାପ ବଢୁଥିବାରୁ ଲୋକମାନେ ଚଉଁରାରେ ମାଟି ଠେକି ଟାଙ୍ଗିଥିଲେ । ଏହି ପୁଣ୍ୟ ତିଥି ଅବସରରେ ବିଭିନ୍ନ ମନ୍ଦିରରେ ସ୍ୱତନ୍ତ୍ର ପୂଜା, ଭୋଗ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ସେହିଭଳି ସହରରେ ତୁଳସୀପୁର, ଖାନନଗର, ଡଗରପଡ଼ା, ରାଣୀହାଟ, ଶଗଡ଼ିଆସାହି, ଦୋଳମୁଣ୍ଡାଇ ଓ ପୁରୀଘାଟ ଆଦି ବିଭିନ୍ନ ଅଂଚଳରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା । ମାନସିକଧାରୀ ଶ୍ରଦ୍ଧାଳୁମାନେ ନିଆଁରେ ଚାଲୁଥିବାର ନିଆରା ଦୃଶ୍ୟ ଦେଖିବା ପାଇଁ ହଜାର ହଜାର ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଏହାଛଡ଼ା ସହରର ବହୁ ସ୍ଥାନରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଦିଷ୍ଟ ପଣା ବଂଟନ କରାଯାଇଥିଲା । ଭିଡ଼ ଟ୍ରାଫିକ ନିୟନ୍ତ୍ରଣ ପାଇଁ କଟକ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସହରରେ ପାଖାପାଖି ୩୦ ପ୍ଲାଟୁନ ଫୋର୍ସ ସହିତ ବିଏସେଫର ଏକ କଂପାନୀ ଫୋର୍ସ ମୁତୟନ ହୋଇଥିଲା । କଟକ ପୋଲିସର ପ୍ରାୟ ୨୦୦ ଅଧିକାରୀ ସୁରକ୍ଷା ଦାୟିତ୍ୱ ତଦାରଖରେ ନିୟୋଜିତ ହୋଇଥିଲେ ।

### ନିରାକାରପୁର ରେଳ ଫାଟକ ନିକଟରେ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

ନିରାକାରପୁର(ନିପ୍ର): ନିରାକାରପୁର ରେଳ ଷ୍ଟେସନ ନିକଟସ୍ଥ ଏଲସି-୨୧୯ ରେଳ ଫାଟକଠାରେ ଦୀର୍ଘଦିନରୁ ପ୍ରସ୍ତାବିତ ଓଭରବ୍ରିଜ୍ (ଉଡ଼ନ୍ତା ପୋଲ) ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାରେ ଅହେତୁକ ବିଳମ୍ବ ହେଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ସମସ୍ୟାର ସମାଧାନ ପାଇଁ ଅଞ୍ଚଳର କିଛି ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଜନତା ରାମେଶ୍ୱରଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ଅନୁଯାୟୀ, ନୟାଗଡରୁ ପୁରୀ ନୂଆ ଜଗନ୍ନାଥ ସଡ଼କ ନିରାକାରପୁର ମଧ୍ୟ ଦେଇ ଯାଇଛି । ମାତ୍ର ଏହି ମାର୍ଗରେ ଥିବା ରେଳ ଫାଟକ ବାରମ୍ବାର ପଡ଼ିବା ଫଳରେ ଟ୍ରାଫିକ ସମସ୍ୟା ଜଟିଳ ହେଉଛି । ଗୁରୁତର ରୋଗୀଙ୍କୁ ଧରି



ଯାଉଥିବା ଆମ୍ବୁଲାନ୍ସ ଘଣ୍ଟା ଘଣ୍ଟା ଧରି ଫାଟକ ନିକଟରେ ଅଟକି ରହୁଛି । ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ବ୍ୟବସାୟୀମାନେ ନିୟମିତ ଭାବେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପ୍ରକଳ୍ପ ପାଇଁ ସରକାରଙ୍କ ତରଫରୁ ଆର୍ଥିକ ଅନୁଦାନ ମଞ୍ଜୁର ହୋଇଥିଲେ ସୁଦ୍ଧା ସରକାରୀ ସ୍ତରରେ ସମନ୍ୱୟର ଅଭାବ ଓ ଅବହେଳା ଯୋଗୁଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ । ଏହି ବିଷୟକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ସମେତ ବହୁ ଜନସାଧାରଣ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ଯେ, ତୁରନ୍ତ ଏହି ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ । ଯଦି ଆଗାମୀ ଦିନରେ ଏ ଦିଗରେ କୌଣସି ଦୃଢ଼ ପଦକ୍ଷେପ ନିଆନଯାଏ, ତେବେ ଅଞ୍ଚଳବାସୀ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।



ଭାରତରତ୍ନ ବାବା ସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ଫଟୋ-ଦିନଲିପି)

### ରାଜ୍ୟ କାର୍ଯ୍ୟାଳୟରେ ୧୩୬ତମ ଆମ୍ବେଦକର ଜୟନ୍ତୀ

## ବାବାସାହେବଙ୍କ ଆଦର୍ଶକୁ ବାସ୍ତବରେ କାର୍ଯ୍ୟକାରୀ କରିଛି ବିଜେପି ସରକାର: ମୋହନ ମାଝୀ

**ବ୍ୟକ୍ତି ବଡ ନୁହେଁ, ଦେଶ ଓ ସମ୍ବିଧାନ ବଡ଼: ମନମୋହନ ସାମଲ**

**ଆଗାମୀ ଦିନରେ ବିଶ୍ୱଗୁରୁ ହେବା ପାଇଁ ଅଗ୍ରସର ହେଉଛି ଭାରତ**

ଭୁବନେଶ୍ୱର, ୧୪/୪(ନିପ୍ର): ଭାରତୀୟ ସମ୍ବିଧାନର ପ୍ରଣେୟତା ଭାରତରତ୍ନ ବାବାସାହେବ ଡା. ଭୀମରାଓ ଆମ୍ବେଦକରଙ୍କ କେବଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ରାଷ୍ଟ୍ରର ବିଚାରଧାରା । ତାଙ୍କର ବିଚାର ହିଁ ଆମ ସମସ୍ତଙ୍କର ଆଧାର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ କୁହନ୍ତି । ସେହି ଦୂରଦୃଷ୍ଟିକୁ ସଫଳ କରିବା ପାଇଁ "ସବ୍‌କା ସାଥ ସବ୍‌କା ବିକାଶ" ମନ୍ତ୍ରରେ ବିଜେପି ସରକାର ଆଗକୁ ବଢ଼ିଚାଲିଛି । ତାଙ୍କ ସ୍ମୃତି ଆମକୁ ସର୍ବଦା ସାମାଜିକ ନ୍ୟାୟ ପଥରେ ଚାଲିବା ପାଇଁ ପ୍ରେରଣା ଦିଏ । କଂଗ୍ରେସ ସରକାର ସମୟରେ ବାବାସାହେବଙ୍କ ପ୍ରତି ଅନେକ ଅବହେଳା କରାଯାଇଥିଲା । ତାଙ୍କୁ ଭାରତରତ୍ନ ଦେବାରୁ ବଂଚିତ କରାଯାଇଥିଲା । ୧୯୯୦ ମସିହାରେ ଯେତେବେଳେ ଭାରତୀୟ ଜନତପାର୍ଟିର୍ର ସମର୍ଥନରେ କେନ୍ଦ୍ରରେ ସରକାର ଥିଲା, ସେତେବେଳେ ବିଜେପିର ପ୍ରସ୍ତାବ କ୍ରମେ ବାବାସାହେବଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା ବୋଲି ରାଜ୍ୟ କାର୍ଯ୍ୟାଳୟରେ ବାବାସାହେବଙ୍କ ୧୩୬ ତମ ଜନ୍ମଜୟନ୍ତୀ ପାଳନ ଅବସରରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଶ୍ରୀ ମାଝୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦିଜୀ ବାବାସାହେବଙ୍କ ସହ ଜଡ଼ିତ ୫ଟି ମୁଖ୍ୟସ୍ଥାନକୁ ପଂଚତୀର୍ଥ ଭାବେ ବିକଶିତ କରିଛନ୍ତି । ଏହା ବିଜେପି ପାଇଁ ରାଜନୀତି ନୁହେଁ, ଏହା ହେଉଛି ଦଳର ବାବାସାହେବଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ସାମାଜିକ ମୂଲ୍ୟବୋଧର ପ୍ରତୀକ । କେବଳ କେନ୍ଦ୍ରରେ ନୁହେଁ ଓଡ଼ିଶାରେ ମଧ୍ୟ ବାବା ସାହେବଙ୍କ ଆଦର୍ଶରେ ଡବଲଇଞ୍ଜିନ ସରକାର ଗରିବଙ୍କ ସରକାର ଭାବେ କାର୍ଯ୍ୟ କରୁଛି । ଏଠାରେ କରାଯାଇଥିବା ବଜେଟ ଗରିବ, ଦଳିତ ଓ ଆଦିବାସୀମାନଙ୍କ ବିକାଶର ବଜେଟ୍ । ବିଜେପି କେବଳ ଘୋଷଣା କରେ ନାହିଁ ତାହାକୁ ବାସ୍ତବରେ କାର୍ଯ୍ୟକାରୀ ମଧ କରେ । ୨୦୨୬-୨୭ ବଜେଟ୍‌ରେ ଅନୁସୂଚିତ ଜାତି ଓ ଜନଜାତିର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୬୬୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଘୋଷଣା କରାଯାଇଛି । ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପାଖରେ ଯେପରି ବିକାଶ ପହଂଚିପାରିବ ସେନେଇ ବିଜେପି ସରକାର ଗୁରୁତ୍ୱ ଦେଉଛି ।



ଭୁବନେଶ୍ୱର: ମହାବିଷ୍ଣୁବ ସଂକ୍ରାନ୍ତି ଅବସରରେ ପଣାବଣ୍ଟନ (ଫଟୋ- ଦିନଲିପି)

## ପୁରୀ ଷ୍ଟେସନର ବିକାଶମୂଳକ କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର, ୧୪/୪(ପିଆଇବି): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ ମଙ୍ଗଳବାର ଖୋର୍ଦ୍ଧା ରୋଡ୍ - ପୁରୀ ସେକ୍ସନ ନିରୀକ୍ଷଣ କରିବା ସହିତ ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ଷ୍ଟେସନରେ ଚାଲିଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି । ନିରୀକ୍ଷଣ ସମୟରେ ଏହି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନରେ ଟ୍ରାକ୍ ସ୍ଥିତି, ସିଗ୍ନାଲିଂ ପ୍ରଣାଳୀ ଓ ସମଗ୍ର ପରିଚାଳନାଗତ ଦକ୍ଷତାର ମୂଲ୍ୟାଙ୍କନ କରିଛନ୍ତି । ବିଶେଷକରି ପ୍ରମୁଖ ପର୍ବ ପର୍ବାଣି ସମୟରେ ଯାତ୍ରୀଙ୍କ ଯାତାୟତରେ ହେଉଥିବା ଉଲ୍ଲେଖନୀୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ସମୀକ୍ଷା କରାଯାଇଥିଲା । ପୁରୀ ଷ୍ଟେସନରେ ମହାପ୍ରବନ୍ଧକ ତୀର୍ଥଯାତ୍ରା କେନ୍ଦ୍ରିକ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ ଚାଲୁଥିବା ପୁନର୍ବିକାଶ ଏବଂ ଯାତ୍ରୀ ସୁବିଧା ବୃଦ୍ଧି କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଥିଲେ । ରଥ ଯାତ୍ରା ସମୟରେ ଭକ୍ତମାନଙ୍କର ବିପୁଳ ଆଗମନକୁ ଦୃଷ୍ଟିରେ ରଖି, ଯାତ୍ରୀମାନଙ୍କର ସୁଗମ ପରିଚାଳନା ଏବଂ ଉନ୍ନତ ସୁବିଧା ସୁନିଶ୍ଚିତ କରିବା ଉପରେ ବିଶେଷ ଜୋର ଦିଆଯାଇଥିଲା । ସମୀକ୍ଷା ସମୟରେ, ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଯାତ୍ରୀ ସୁବିଧାଗୁଡ଼ିକର ବୃଦ୍ଧି ଏବଂ ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା, ଯେଉଁଥିରେ ପ୍ଲାଟଫର୍ମ, ସର୍କୁଲେଟିଂ ଏରିଆ, ପ୍ରତୀକ୍ଷାଳୟ ଗୁଡ଼ିକର ବିକାଶ ସହିତ ବିଭିନ୍ନ ସୁବିଧା ଓ ଗତିବିଧିକୁ ସୁଗମ କରିବା ପାଇଁ ଯାତ୍ରୀକୈନ୍ଦ୍ରିକ ଭିତ୍ତିଭୂମିରେ ସାମଗ୍ରିକ ଉନ୍ନତି ଅନ୍ତର୍ଭୁକ୍ତ । ଯାତ୍ରୀ ଅନୁକୂଳ ସେବା ସୁନିଶ୍ଚିତ କରିବା ପ୍ରତି ପୂର୍ବ ତଟ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

## ପାଓ୍ୱାର ପ୍ଲାଣ୍ଟରେ ବିସ୍ଫୋରଣ: ୧୦ ମୃତ



ଶକ୍ତି (ଛତିଶଗଡ଼),୧୪।୪: ବେଦାନ୍ତ ପାଓ୍ୱାର ପ୍ଲାଣ୍ଟରେ ବଡ଼ ଅଘଟଣ । ବଏଲର ଫାଟି ୧୦ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଗୁରୁତର ହୋଇଛନ୍ତି । ଛତିଶଗଡ଼ ଶକ୍ତି ଜିଲ୍ଲାରେ ଥିବା ବେଦାନ୍ତ ପାଓ୍ୱାର ପ୍ଲାଣ୍ଟରେ ମଙ୍ଗଳବାର ଅପରାହ୍ନରେ ଏକ ବଡ଼ ଦୁର୍ଘଟଣା ଘଟିଛି । ବଏଲର ବିସ୍ଫୋରଣରେ ୧୦ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଶ୍ରମିକ ଗୁରୁତର ହୋଇଛନ୍ତି । ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଘଟଣାଟି ସିଂହିତରାଇର ବେଦାନ୍ତ ପାଓ୍ୱାର ପ୍ଲାଣ୍ଟର ଡାଭ୍ରା ଅଞ୍ଚଳରେ ଘଟିଛି ।ଶକ୍ତି ଜିଲ୍ଲା ପୋଲିସ ଅଧୀକ୍ଷକ ପ୍ରଫୁଲ୍ଲ ଠାକୁର କହିଛନ୍ତି ଯେ, ଆଜି (ମଙ୍ଗଳବାର) ଅପରାହ୍ନରେ ସିଂହିତରାଇ ଗ୍ରାମରେ ଥିବା ବେଦାନ୍ତ ଲିମିଟେଡ୍ ପାଓ୍ୱାର ପ୍ଲାଣ୍ଟରେ ହଠାତ୍ ଏକ ବଏଲର ଟ୍ୟୁବ୍ ବିସ୍ଫୋରଣ ଘଟିଥିଲା । ଖବର ପାଇବା ମାତ୍ରେ ଅଗ୍ନିଶମ ବାହିନୀ, ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି ।

## 'ଏଥର ପାଞ୍ଜିରେ ଖାଲି ବିପର୍ଯ୍ୟୟ'

ଭୁବନେଶ୍ୱର/ପୁରୀ, ୧୪/୪(ନିପ୍ର): ବିଶ୍ୱରେ ଲାଗିବ ଅଶାନ୍ତି । କିନ୍ତୁ ସ୍ଥିର ରହିବ ଭାରତ ଏବଂ ଓଡ଼ିଶା । ପୂର୍ବବର୍ଷ ଗୁଡ଼ିକ ଭଳି ଏଥର ବି କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବ ଓଡ଼ିଶା । ପଣା ସଂକ୍ରାନ୍ତି ଅବସରରେ ଆଜିଠୁ ପ୍ରଚଳିତ ନୂଆ ପଞ୍ଜିକାରେ ଏସବୁ ଦର୍ଶାଯାଇଥିବା ଜ୍ୟୋତିର୍ବିଦ୍ କହିଛନ୍ତି । ରାଜ୍ୟ କିମ୍ବା ଦେଶରେ ସେଭଳି କୌଣସି ରାଜନୈତିକ ପଟ୍ଟ ପରିବର୍ତ୍ତନ ନଥିଲେ ବି ଉତ୍ତର ପୂର୍ବାଞ୍ଚଳରେ ବିରାଟ ପରିବର୍ତ୍ତନର ସୂଚନା ଦେଇଛନ୍ତି ଜ୍ୟୋତିର୍ବିଦ । ଜ୍ୟୋତିର୍ବିଦ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ନରେଶ ଦାଶଙ୍କ ମତରେ, ଚଳିତ ବର୍ଷ ଓଡ଼ିଶା ପାଇଁ ପ୍ରାକୃତିକ ବିପର୍ଯ୍ୟୟର ବର୍ଷ ହୋଇପାରେ । ରାଜନୈତିକ ସ୍ଥିତି ଯଦି ଦେଖିବା, ତାହେଲେ ରବି ହେଉଛନ୍ତି ରାଜା, ବୁଧ ହେଉଛନ୍ତି ମନ୍ତ୍ରୀ ଓ ଶନି ହେଉଛନ୍ତି ପୁରୋହିତ । ତେଣୁ ଗ୍ରହ ଗୁଡ଼ିକ ଅବସ୍ଥିତି ଅନୁଯାୟୀ ବିଶ୍ୱରେ ଲାଗି ରହିବ ଅଶାନ୍ତି । କିନ୍ତୁ ଭାରତରେ ବଜାୟ ରହିବ ସ୍ଥିରତା ।

## ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ଭୁଜାଲିରେ ହାଣି ହତ୍ୟା

ଆସିକା, ୧୪/୪(ନିପ୍ର): ଆସିକା କୋଟିନଡ଼ା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ଭୁଜାଲିରେ ହାଣି ହତ୍ୟାକାଣ୍ଡ ଘଟିଥିବା ଏଠାରେ ଚର୍ଚ୍ଚା ହୋଇଛି । ମୃତ ଯୁବକ ଜଣଙ୍କ ସେହି ଗ୍ରାମର ୩୫ ବର୍ଷୀୟ ଶିବ ନାହାକ ବୋଲି ଜଣାପଡିଛି । ସୂଚନାନୁସାରେ ଗ୍ରାମରେ ମଙ୍ଗଳବାର ଦଣ୍ଡ ମେରୁ ଯାତ୍ରା ସରିଥିଲା । ଗତକାଲି ଶିବ ନାହାକ ସୁରାଟରୁ ନିଜ ଗାଁକୁ ମେରୁଯାତ୍ରା ଦେଖିବାକୁ ଆସିଥିଲା । ମେରୁ ସରିବା ପରେ ସନ୍ଧ୍ୟା ସମୟରେ ଭେଟନଇ ନିକଟସ୍ଥ ଏକ ମଦ ଦୋକାନକୁ ମଦ ପିଇବାକୁ ଯାଇଥିବା ସମୟରେ ପୂର୍ବ ଶତ୍ରୁତାକୁ ନେଇ ଧନୁ ମହାନ୍ତି ସହ ବଚସା ହୋଇଥିଲା । ପରେ ଉଗ୍ରରୂପ ନେଇ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥଲା । ପରିଶେଷରେ ଧନୁ ହଠାତ୍ ଉତକ୍ଷିପ୍ତ ହୋଇ ସେ ଧରିଥିବା ଏକ ଧାରୁଆ ଭୁଜାଲିରେ ଶିବନାହାକଙ୍କୁ ମୁଣ୍ଡ, ହାତ ଡେଣା, ପେଟ ଛାତିକୁ ଆକ୍ରମଣ କରିଥିଲା ବୋଲି କୁହାଯାଇଛି । ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ସାରା ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତି

ପୁରୀ, ୧୪/୪(ନିପ୍ର): ସାରା ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତି ଖୁବ୍ ଧୁମଧାମରେ ପାଳନ କରାଯାଇଛି । ଏଥି ସହିତ ଆମ ପରମ୍ପରା ଅନୁଯାୟୀ ଆଜିର ଦିନକୁ ମଧ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଇଛି । ଏହି ଅବସରରେ ନୂତନ ପାଞ୍ଜି ମଧ ଆରମ୍ଭ ହୋଇଛି । ତେବେ ଆଗାମୀ ଦିନରେ କିଭଳି ଆମ ଦେଶ ଦୁନିଆ ଏବଂ ଓଡ଼ିଶା ପାଇଁ କଣ ରହିବ ପ୍ରଭାବ ସେ ନେଇ ସମ୍ପୂର୍ଣ୍ଣ ସୂଚନା ନୂତନ ପଞ୍ଜିକାରେ ଦିଆଯାଇଛି । ତେବେ ଆଗାମୀ ଦିନରେ ସାରା ବିଶ୍ୱରେ କିଭଳି ପରିସ୍ଥିତ ରହିବ, ଭାରତର ସ୍ଥିତି କଣ ରହିବ, ଓଡ଼ିଶାର ସ୍ଥିତି କଣ ରହିବ, କୃଷି, ଆର୍ଥିକ ଅଭିବୃଦ୍ଧି, ପ୍ରାକୃତିକ ବିପର୍ଯ୍ୟୟର କଣ ପ୍ରଭାବ ରହିବ ସେ ନେଇ ନୂତନ ପଞ୍ଜିକାରେ ସବିଶେଷ ସୂଚନା ଦିଆଯାଇଛି ।

## ଆମ୍ବେଦକର ଚିର ସ୍ମରଣୀୟ

ପୁରୀ, ୧୪/୪(ନିପ୍ର): ଭାରତ ରତ୍ନ ବାବାସାହେବ ଡଃ ଭୀମ ରାଓ ରାମଜୀ ଆମ୍ବେଦକରଙ୍କ ଜିଲ୍ଲା ସ୍ତରୀୟ ଜୟନ୍ତୀ ମଙ୍ଗଳବାର ସଂସ୍କୃତି ଭବନଠାରେ ପାଳିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ବିଧାନ ପ୍ରଣେତା ଡଃ ଆମ୍ବେଦକର ଚିର ସ୍ମରଣୀୟ ବୋଲି କହିଥିଲେ । ସେତେବେଳର ଅବସ୍ଥା ମଧରେ ଗୋଟିଏ ଦଳିତ, ଗରିବ ପରିବାରରୁ ଆସି ନିଜର ଶିକ୍ଷା ପ୍ରତି ଉତ୍ସର୍ଗିକୃତ ସମର୍ପଣ ଓ ସଂଘର୍ଷ ପାଇଁ ଆମ୍ବେଦକର ସଫଳତା ପାଇଥିଲେ । କେତେକ ରାଷ୍ଟ୍ରର ନିଜସ୍ୱ ସମ୍ବିଧାନ ନ ଥିବା ବେଳେ ଆମ ରାଷ୍ଟ୍ରର ସମ୍ବିଧାନ ବିଶ୍ୱର ସର୍ବ ବୃହତ । ଏହା ଆମକୁ ଆମର କର୍ତ୍ତବ୍ୟ, ଦାୟିତ୍ୱ ଓ ଅଧିକାର ସମ୍ପର୍କରେ ସଚେତନ କରାଇଥାଏ ।

## ପଣା ସଂକ୍ରାନ୍ତିରେ ଚାରିଆଡ଼େ ଜୟ ଶ୍ରୀରାମ ନାରା

**ନିମାପଡ଼ା, ୧୪।୪(ନିପ୍ର):** ବିଷୁବ ପଣା ସଂକ୍ରାନ୍ତି ଏବଂ ଓଡ଼ିଆ ନବ ବର୍ଷ ଉପଲକ୍ଷେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅହରହ ଜଳଛତ୍ର ସେବା କାର୍ଯ୍ୟର ଶୁଭାରମ୍ଭ ହୋଇଥିବା ଜଣାପଡ଼ିଛି । ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦୋଳବେଦୀ ଛକଠାରେ ଅହରହ ଜଳଛତ୍ର ସୁବିଧା ସଭାପତି ପ୍ରମୋଦ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉପ-ନଗରପାଳ ସନ୍ତୋଷ ଦାଶ ଉଦ୍‌ଘାଟନ କରିଥିଲେ ।

**ଡାବୁଗାଁ:** ଡାବୁଗାଁ ଅଂଚଳରେ ଧୁମଧାମ୍‌ରେ ପାଳିତ ହେଲା ହନୁମାନ ଜୟନ୍ତୀ ଓ ଓଡ଼ିଆ ନୂଆ ବର୍ଷ । ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସ୍ଥିତ ହନୁମାନ ଓ ତାରିଣୀ ମନ୍ଦିରରେ ପବିତ୍ର ହନୁମାନ ଜୟନ୍ତୀ, ଓଡ଼ିଆ ନବବର୍ଷ ଓ ମହାବିଷୁବ ପଣା ସଂକ୍ରାନ୍ତି ମହାସମାରୋହରେ ପାଳନ କରାଯାଇଛି । ହନୁମାନ ମନ୍ଦିର ବ୍ୟତୀତ ଏଠାରେ ଥିବା ସମସ୍ତ ଶିବମନ୍ଦିର, ଜଗନ୍ନାଥ ମନ୍ଦିର, ରାମ ମନ୍ଦିର ଓ ତାରିଣୀ ମନ୍ଦିର ଏବଂ ସମସ୍ତ ଦେବୀ ପୀଠରେ ସ୍ୱତନ୍ତ୍ର ଉତ୍ସବ ସାଙ୍ଗକୁ ରୀତିନୀତି ଅନୁସାରେ ପୂଜାପାଠ କରାଯାଇଛି ।

**ଭାପୁର:** ପଣା ସଂକ୍ରାନ୍ତି ବା ଓଡ଼ିଆ ନବବର୍ଷ ଉପଲକ୍ଷେ ଭାପୁର ବ୍ଲକରେ ଅବସ୍ଥିତ ସମସ୍ତ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜାପାଠ କରାଯିବା ସହିତ ଏକ ମାସ ଧରି କାଷ୍ଠା ଓ ନିଷ୍ଠାର ଉପବାସ କରିଥିବା ମାନସିକଧାରୀ ଦଣ୍ଡ ଉପାସ କରିଥିବା ଦଣ୍ଡୁଆମାନେ ନିଆଁରେ ଚାଲି ନିଜର ପବିତ୍ରତା ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ଏହି ଝାମୁଯାତ୍ରା ଭାପୁର ବ୍ଲକର ୨୨ରୁ ଊର୍ଦ୍ଧ୍ୱ ସ୍ଥାନରେ ଅନୁଷ୍ଠିତ ହୋଇଥିଲା ।

**ଭବାନୀପାଟଣା:** ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମହା ବିଷୁବ ମିଳନ ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଅଛି । ହନୁମାନ ଜୟନ୍ତୀ ପାଳନ ଅବସରରେ ହୋମ, ଯଜ୍ଞ, ପୂଜାର୍ଚ୍ଚନା କରାଯାଇ ୧୦୮ଥର ହନୁମାନ ଚାଲିସା ପାଠ କରାଯାଇଥିଲା ।

**କୃଷ୍ଣପ୍ରସାଦ:** ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତର ଦେଉଳପଡା ଠାରେ ୩୫ ମୌଜା ପରିଚାଳନା କମିଟି



ଆନୁକୂଲ୍ୟରେ ଆରମ୍ଭ ହୋଇଛି । ମୁଖ୍ୟ ପିଠାଧୀଶ କମଳେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମରୁ ୧୭ ଠାକୁର ସୁସଜିତ ମେଢ଼ରେ ଆତସବାଜି ପାଟୁଆରରେ ପଣାଯାତ୍ରା ପଡିଆରେ ପହଁଚିଥିଲେ । ନିଜନିଜ ଆସନ ଉପରେ ବିରାଜମାନ ପରେ ଶ୍ରଦ୍ଧାଳୁ ଭକ୍ତମାନେ ଖୋଲା ଦର୍ଶନ କରିଛନ୍ତି ।

**ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଶ୍ରୀରାମ ସେବକ ସଙ୍ଘ ପକ୍ଷରୁ ରାମ ମନ୍ଦିର ପରିସର ମାରୁତି ମଣ୍ଡପରେ ସଙ୍କଟ ମୋଚନ ହନୁମାନଙ୍କ ଜୟନ୍ତୀ ତଥା ଦଶମ ବାର୍ଷିକ ଉତ୍ସବ ସହିତ ଓଡ଼ିଆ ନବବର୍ଷ ମହା ବିଷୁବ ପଣା ସଂକ୍ରାନ୍ତି ଅବସରରେ ସାମୂହିକ ଶ୍ରୀ ୧୦୮ ହନୁମାନ ଚାଳିଶା ପାଠ, ଯଜ୍ଞ ଅନୁଷ୍ଠିତ ହୋଇଛି । ସନ୍ଧ୍ୟାରେ ଭଜନ ସମାରୋହ ସହିତ ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।

**କେନ୍ଦ୍ରାପଡ଼ା:** ପବିତ୍ର ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନୂତନ ନବବର୍ଷ ଉପଲକ୍ଷେ ହିନ୍ଦୁ ସଂଗଠନ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କେନ୍ଦ୍ରାପଡ଼ା ସହରରେ ଅନୁଷ୍ଠିତ ହୋଇଥିଲା । ମୁଣ୍ଡଫଟା ଗ୍ରୀଷ୍ମ ତାତିକୁ ନଜରରେ ରଖି ଏହି ଶୋଭାଯାତ୍ରାକୁ ଅପରାହ୍ନରେ ଆୟୋଜନ କରାଯାଇଥିଲା । ଦଶହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପଟୁଆରରେ ଇଚ୍ଛାପୁର ରଥ ଦାଣ୍ଡରୁ ତିନିମୁହାଣୀ ରାମ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇଥିଲା ।

**ଜଟଣୀ:** ସ୍ଥାନୀୟ କୁଦିଆରି ଗ୍ରାମ ରଙ୍ଗଣୀ ସାହିଠାରେ ଅନୁଷ୍ଠିତ ହୋଇଯାଇଛି ଝାମୁଯାତ୍ରା । ରୀତିନୀତି ମୁତାବକ ପ୍ରାତଃ ସମୟରୁ ମଙ୍ଗଳାଙ୍କର ଦୈନନ୍ଦିନ ପୂଜାବିଧି କରାଯିବା ସହିତ ମଣ୍ଡପକୁ ମା ବିଜେ କରିଥିଲେ । ସେଠାରେ ହୋମ ଅନୁଷ୍ଠିତ ହେବା ସହିତ କାଳିସୀଙ୍କୁ ସ୍ନାନ କରାଯିବା ପରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା ।

**ବୁଗୁଡ଼ା:** ବୁଗୁଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ଦଣ୍ଡଯାତ୍ରା, ପଣା ସଂକ୍ରାନ୍ତି ଓ ଓଡିଆ ନବବର୍ଷ ବହୁ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଏହାସହ ଶେଷ ହୋଇଯାଇଛି ଦୀର୍ଘ ୨୧ଦିନ ଧରି ଚାଲିଥିବା ପ୍ରସିଦ୍ଧ ଦଣ୍ଡଯାତ୍ରା । ଏଥିସହ ମା'ଦଣ୍ଡକାଳୀ ନିଜ ମନ୍ଦିରକୁ ଫେରିବା ସହ ସମସ୍ତ ଦଣ୍ଡୁଆ ନିଜନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ବୁଗୁଡ଼ା ବ୍ଲକର ବୁଗୁଡ଼ା ସମେତ ପଂକଳବାଡି, ତାଳସାକର, ଡାକରାବାଡି, ଗୋଳାବନ୍ଧ, ପାଣିକେଶ୍ୱର, ଚିଲିଖମା, କାନନକୁଟୀର, ଭାମସ୍ୟାଳି ଓ ଗୋଲିଆ ପ୍ରଭୃତି ଗ୍ରାମରେ ମେରୁଯାତ୍ରା ସହ ଦଣ୍ଡଯାତ୍ରା ଉଦଯାପିତ ହୋଇଯାଇଛି ।

**କାକଟପୁର:** ମହାବିଷୁବ ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ଉପଲକ୍ଷେ ମଙ୍ଗଳା ସାହିତ୍ୟ ସଂସଦ, କାକଟପୁର ତରଫରୁ ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସହିତ କବିତା ପାଠ ଚକ୍ର ଓ ସାହିତ୍ୟର ସାରସ୍ୱତ ଆଲୋଚନା କାକଟପୁର ସ୍ଥିତ ଦୀପ୍ତି କଲ୍ୟାଣ ମଣ୍ଡପଠାରେ ୧୦୦ ଜଣ କବି ଓ ସାହିତ୍ୟ ପ୍ରେମୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାକଟପୁର ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, ମୁଖ୍ୟବକ୍ତା ଭାବେ ବ୍ୟଙ୍ଗକବି ସମ୍ପଦ କୁମାର ରଥ, ସମ୍ମାନିତ ଅତିଥି ଭାବେ ମଙ୍ଗଳା ମହାବିଦ୍ୟାଳୟର ଅଧାପକ ସଂଗ୍ରାମ ଛାଟୋଇ ଓ ବରିଷ୍ଠ ପ୍ରଶାସକ ପ୍ରଭାତ କୁମାର ତରାଇ ଯୋଗ ଦେଇଥିଲେ ।

## 'ଭିତ୍ତିଭୂମିର ବିକାଶ ହେଲେ ଜୀବନଶୈଳୀରେ ପରିବର୍ତ୍ତନ ହେବ'

### ୩୭୫ କୋଟି ୩୬ ଲକ୍ଷ ବ୍ୟୟରେ ୭୮ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

**କୁଚିଣ୍ଡା, ୧୪/୪(ନିପ୍ର):** ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ବାମରା, ଜମନକିରା ବ୍ଲକ ଓ କୁଚିଣ୍ଡା ଏନଏସି ପାଇଁ ମଙ୍ଗଳବାର ୩୭୫ କୋଟି ୩୬ ଲକ୍ଷ ଟଙ୍କା ମୂଲ୍ୟର ୭୮ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । କୁଚିଣ୍ଡା ଓ ବାମରା ଠାରେ ଆୟୋଜିତ ପୃଥକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ ୧୦୮ କୋଟି ୩୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିବା ବେଳେ ୨୬୭ କୋଟି ୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । କୁଚିଣ୍ଡାରେ ଏକ ନୂତନ ଉପଖଣ୍ଡ ଚିକିତ୍ସାଳୟ ଭବନର ଭୂମିପୂଜନ କରି ସେ କହିଛନ୍ତି ୫୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଅତ୍ୟାଧୁନିକ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଏବଂ ସ୍ୱତନ୍ତ୍ର ଟ୍ରମା କେୟାର ସେଣ୍ଟର ସ୍ଥାନୀୟ ଅଞ୍ଚଳର ଜରୁରୀକାଳୀନ



ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବ । ଏଥିସହ ୪ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟରେ କୁଚିଣ୍ଡା ଓ୍ୱାର୍ଡ ନଂ.୬ ଓ ଓ୍ୱାର୍ଡ ନଂ.୯ କୁଣ୍ଡାପୋଷିଠାରେ ଦୁଇଟି ବହୁମୁଖୀ କଲ୍ୟାଣ ମଣ୍ଡପର ଉଦଘାଟନ ସହ ୬ କୋଟି ଟଙ୍କା ବ୍ୟୟରେ କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ କାର୍ଯ୍ୟାଳୟ କୋଠା ପାଇଁ ଶିଳାନ୍ୟାସ କରିଛନ୍ତି । ପୂର୍ବାହ୍ନ ୧୧ଟା ସମୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ବାମରା ମକର ମେଳଣ ପଡିଆରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କୁଚିଣ୍ଡା ଉପଖଣ୍ଡର ସର୍ବାଙ୍ଗୀନ ଉନ୍ନତି, କୃଷି, ଜଙ୍ଗଲ ଭିତ୍ତିକ ଶିଳ୍ପ ବୃଦ୍ଧିସହ ଉନ୍ନତ ନାଗରିକ ସେବା ଯୋଗାଇଦେବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର । ଲୋକାର୍ପିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ କୁଚିଣ୍ଡା ଉପଖଣ୍ଡର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ କରିବ । ବିଶେଷ କରି ବାମରା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ନୂତନ ସଫେଇ ଗାଡ଼ିର ଶୁଭାରମ୍ଭ ସହରୀ ଜୀବନକୁ ଆହୁରି ସୁବିଧାଜନକ କରିବ । ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଗମନାଗମନ ସହ ଅନ୍ୟାନ୍ୟ ସାମାଜିକ ଭିତ୍ତିଭୂମିଗୁଡ଼ିକ ସ୍ଥାନୀୟ ଜନସାଧାରଣଙ୍କ ଜୀବନଶୈଳୀରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ । କୁଚିଣ୍ଡା ଉପଖଣ୍ଡର ପ୍ରତ୍ୟେକ ନାଗରିକଙ୍କ ସହଯୋଗରେ ଏକ ସୁନ୍ଦର ଓ ସୁସ୍ଥ ସମାଜ ଗଠନ କରିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବ୍‌କା ସାଥ ସବ୍‌କା ବିକାଶ ମନ୍ତ୍ର ବାବାସାହେବ ଆମ୍ବେଦକରଙ୍କ ସ୍ୱପ୍ନକୁ ସାକାର କରୁଛି । କୁଚିଣ୍ଡା ଭଳି ଜନଜାତି ବହୁଳ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ଭିତ୍ତିଭୂମିର ଉନ୍ନତି କରିବା ଆମ ଡବଲ ଇଞ୍ଜିନ ସରକାରଙ୍କ ପ୍ରାଥମିକତା ହୋଇଛି । ପ୍ରତିଟି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପିଇବା ପାଣି ପହଞ୍ଚାଇବା ସହ' ପାର୍ବତୀ ଗିରି ଜଳସେଚନ ପ୍ରକଳ୍ପ' ମାଧ୍ୟମରେ ଚାଷ ଜମିକୁ ପାଣି ଯୋଗାଇବା ଆମର ଲକ୍ଷ୍ୟ ରହିଛି । ଆଗାମୀ ଦିନରେ ବାମରାରେ ରେଳ ଓଭରବ୍ରିଜ୍ ସହ ବଜାର ଅଞ୍ଚଳ ପାଇଁ ଏକ ଅଣ୍ଡରପାସ୍ ନିର୍ମାଣ କରାଯିବାର ପ୍ରସ୍ତାବ ରହିଥିବା କହିଛନ୍ତି । କୁଚିଣ୍ଡାର ଲଙ୍କା ଚାଷକୁ ପୁଣିଥରେ ବ୍ୟବସାୟିକ ଭିତ୍ତିରେ ପ୍ରୋତ୍ସାହନ ଦେଇ ଚାଷୀ ଭାଇମାନଙ୍କ ରୋଜଗାର ବଢ଼ାଇବା ଦିଗରେ ସାମୂହିକ ଉଦ୍ୟମ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହାଛଡା ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଢ଼ିବାକୁ ହେଲେ ନାରୀଶକ୍ତିକୁ ସମ୍ମାନ ଜଣାଇ ମହିଳାଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ 'ନାରୀଶକ୍ତି ବନ୍ଦନ ଅଧିନିୟମ' କାର୍ଯ୍ୟକାରୀ ହେବାକୁ ଯାଉଛି । ଏହି ଐତିହାସିକ ଅଧିନିୟମ ବଳରେ ବିଧାନସଭା ଓ ଲୋକସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି । ଯାହା ତାଙ୍କୁ ଶାସନ ଓ ପ୍ରଶାସନର ମୁଖ୍ୟ ନିଷ୍ପତ୍ତିରେ ସାମିଲ କରିବାକୁ ଶକ୍ତି ଦେବ । ଲକ୍ଷପତି ଦିଦି ଯୋଜନା ମହିଳାଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରି ଏକ ନୂତନ ପରିଚୟ ଦେଇଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି ।

## ଓଡ଼ିଆ ପକ୍ଷପାଳନ ୨୦୨୬ ଉଦ୍‌ଯାପିତ

**ଭବାନୀପାଟଣା, ୧୪/୪(ନିପ୍ର):** ସରକାରଙ୍କର ନିର୍ଦ୍ଦେଶ କ୍ରମେ ଓଡିଆ ପକ୍ଷ - ୨୦୨୬ ଗତ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇ ଓଡିଆ ନବବର୍ଷ, ପଣା ସଂକ୍ରାନ୍ତି ଦିନ ଉଦଯାପନ କରାଯାଇଛି । ଏହି ଅବସରରେ ଆଜି କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଓଡିଆ ନବବର୍ଷ, ପଣା ସଂକ୍ରାନ୍ତି ପାଳନ ଅବସରରେ ଝୋଟି ପ୍ରତିଯୋଗିତା, ପଣା ବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ସମ୍ମାନିତ ଅତିଥିଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ମହିଳା ମହାବିଦ୍ୟାଳୟର ଅଧକ୍ଷ ତ୍ରିଲୋଚନ ଜେନା ଯୋଗଦେଇ ଓଡିଆ ପକ୍ଷ ପାଳନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର କଳାକାରମାନଙ୍କୁ ମଂଚରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ଟିଟିଲାଗଡ଼ରେ ପାରଦ ୪୧.୭ ଡିଗ୍ରୀ

ଭୁବନେଶ୍ୱର, ୧୪।୪: ମଙ୍ଗଳବାର ସାରା ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ପରିସ୍ଥିତି ତୀବ୍ର ହୋଇଛ । ଟିଟିଲାଗଡ଼ ରାଜ୍ୟର ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବରେ ଉଭା ହୋଇଛି । ଏଠାକାର ତାପମାତ୍ରା ୪୧.୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି ।ଭୁବନେଶ୍ୱରରେ ଥିବା ଭାରତୀୟ ପାଣିପାଗ ବିଭାଗର ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ରାଜ୍ୟର ଅତି କମରେ ଆଠଟି ସ୍ଥାନରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି ।ସର୍ବାଧିକ ପ୍ରଭାବିତ ଅଞ୍ଚଳଗୁଡ଼ିକ ମଧ୍ୟରେ, ସମ୍ବଲପୁର ଏବଂ ହୀରାକୁଦ ପ୍ରତ୍ୟେକରେ ୪୧.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ଝାରସୁଗୁଡା ଏବଂ ଭବାନୀପାଟଣାରେ ୪୧ ଡିଗ୍ରୀ ସେଲସିୟସ୍ ଲେଖାଏଁ ରେକର୍ଡ କରାଯାଇଛି । ସୋନପୁରରେ ୪୦.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ